# ଧରିତ୍ରୀ
DHARITRI

ରାୟଗଡ଼ା, ସୋମବାର, ଅକ୍ଟୋବର ୫/୨୦୨୦ (୧୨ପୃଷ୍ଠା) | Rayagada, Monday, October 5/2020 | ★

୧୦ମ ଭାଗ ୧୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ହାଲେପ୍‌ଙ୍କୁ ହରାଇଲେ ସ୍ୱିଟେକ୍**

ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସରେ ଟପ୍ ସିଡ୍ ସିମୋନା ହାଲେପ୍‌ଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ଟିନ୍ଏଜର ଇଗା ସ୍ୱିଟେକ୍।

୧୦

୦୯

**ବିନା ମେକ୍ଅପ୍‌ରେ ହିଟ୍ ପଲ୍ଲବୀ**

ସାଉଥ୍ ଅଭିନେତ୍ରୀ ସାଇ ପଲ୍ଲବୀ କୌଣସି ଫିଲ୍ମରେ ମେକ୍ଅପ୍ ନିଅନ୍ତି ନାହିଁ। ସେ ସିମ୍ପଲ୍ ଲୁକ୍‌ରେ ହିଁ ଦର୍ଶକଙ୍କ ମନ ଜିଣି ପାରନ୍ତି।




# ଜୁଲାଇ ସୁଦ୍ଧା ୨୫ କୋଟିଙ୍କୁ ଟିକା

ନୂଆଦିଲ୍ଲୀ,୪।୧୦(ପି.ଟି.)

- ବ୍ୟବହାର ହେବ ୪୦ରୁ ୫୦ କୋଟି ଡୋଜ୍
- ସୂଚନା ଦେଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ

ଆସନ୍ତା ବର୍ଷ ଜୁଲାଇ ସୁଦ୍ଧା ୨୦ରୁ ୨୫ କୋଟି ଲୋକଙ୍କୁ ଦିଆଯିବ କୋଭିଡ୍ ଟିକା। ଏଥିପାଇଁ ୪୦ରୁ ୫୦ କୋଟି ଟିକା(ଡୋଜ୍) ବ୍ୟବହାର କରାଯିବ ବୋଲି କେନ୍ଦ୍ର ସରକାର ଆକଳନ କରିଛନ୍ତି। ଦେଶରେ କରୋନା ଭାଇରସ୍ ନିରୋଧୀ ଟିକାକରଣକୁ ନେଇ କଳ୍ପନାଜଳ୍ପନା ଚାଲିଥିବାବେଳେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ରବିବାର ଏଭଳି ଆଶ୍ୱାସନା ଦେଇଛନ୍ତି। ସେ କହିଛନ୍ତି ଯେ, ରାଜ୍ୟଗୁଡ଼ିକ ପାଇଁ ଏକ ଫର୍ମାଟ ପ୍ରସ୍ତୁତ କରାଯାଉଛି। ଟିକା ପାଇବା ପାଇଁ ପ୍ରାଥମିକ ବର୍ଗରେ ଥିବା ଜନସଂଖ୍ୟା ତାଲିକାକୁ ରାଜ୍ୟଗୁଡ଼ିକ ଅକ୍ଟୋବର ଶେଷ ସୁଦ୍ଧା ଉକ୍ତ ଫର୍ମାଟ୍‌ରେ ଦାଖଲ କରିବେ। ରାଜ୍ୟଗୁଡ଼ିକ କୋଲ୍ଡ ଚେନ୍ ସମେତ ଟିକା ସଂରକ୍ଷଣ ଓ ବିତରଣର ସମସ୍ତ ଦିଗ ସମ୍ପର୍କିତ ତଥ୍ୟ ଦାଖଲ କରିବେ ବୋଲି ହର୍ଷବର୍ଦ୍ଧନ କହିଛନ୍ତି। ବିଶେଷକରି ବୟସ୍କ, ଗୁରୁତର ରୋଗୀ, କୋଭିଡ୍ ରୋଗୀଙ୍କ ଅନୁସନ୍ଧାନ, ପରୀକ୍ଷା ଏବଂ ଚିକିତ୍ସାରେ ଜଡିତ ସବୁ ବର୍ଗର ☞ପୃଷ୍ଠା-୪



## ୯୦୦ ଟପିଲା କରୋନା ମୃତ୍ୟୁ

ଭୁବନେଶ୍ୱର, ୪।୧୦(ବ୍ୟୁରୋ)

- ୨,୩୨,୭୧୩ରେ ପହଞ୍ଚିଲା ସଂକ୍ରମଣ
- ୨ଲକ୍ଷ ଅତିକ୍ରମ କଲା ଆରୋଗ୍ୟ ସଂଖ୍ୟା


ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୯୦୦ ପାର୍ କରିଛି। ଶେଷ ୨୪ଘଣ୍ଟାରେ ଆଉ ୧୫ଜଣଙ୍କ ମୃତ୍ୟୁ ହେବା ପରେ ଏହି ସଂଖ୍ୟା ୯୦୭ରେ ପହଞ୍ଚିଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଓ କଟକ ଜିଲାରୁ ୩ଜଣ ଲେଖାଏ ଥିବାବେଳେ କେନ୍ଦ୍ରାପଡ଼ାରୁ ୨, କୋରାପୁଟ, ମାଲକାନଗିରି, ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ, ଜଗତ୍‌ସିଂହପୁର ଓ ବୌଦ୍ଧରୁ ଜଣେ ଲେଖାଏ ରହିଛନ୍ତି। ତେବେ ଗଞ୍ଜାମ ଜିଲାରେ ସର୍ବାଧିକ ୨୨୧ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

ହାଥ୍ରସ

### ଆଜିର ମନ୍ତବ୍ୟ

“ ଭାରତର ରେଳ ନେଟୱର୍କ ସବୁଜ ଶକ୍ତି ଦ୍ୱାରା ପରିଚାଳିତ ସହ ବିଶ୍ୱର ସବୁଠାରୁ ବଡ ନେଟୱର୍କ ହେବ। **-ପିୟୂଷ ଗୋଏଲ, ରେଳ ମନ୍ତ୍ରୀ**



# ପରଲୋକରେ ମହାରଥୀ

ଭୁବନେଶ୍ୱର (ବ୍ୟୁରୋ)/ପୁରୀ ଅଫିସ୍, ୪।୧୦

- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ
- ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ
- ପିପିଲିରୁ ୭ଥର ବିଧାୟକ

ପୂର୍ବତନ ମନ୍ତ୍ରୀ, ବିଜୁ ଜନତା ଦଳର ଟାଣୁଆ ନେତା ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ଶନିବାର ବିଳମ୍ବିତ ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କୁ ୬୫ ବର୍ଷ ହୋଇଥିଲା। ରବିବାର ପୁରୀ ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଝିଅ ପଲ୍ଲବୀଙ୍କ ଉପସ୍ଥିତିରେ ପୁତ୍ର ରୁଦ୍ର ମହାରଥୀ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ କେବଳ ପିପିଲି ନୁହେଁ ସମଗ୍ର ଓଡ଼ିଶା ସ୍ତବ୍ଧ ହୋଇ ଯାଇଛି। କରୋନା ମହାମାରୀ ସମୟରେ ସେ ନିଜର ସ୍ୱାସ୍ଥ୍ୟକୁ ଭ୍ରୂକ୍ଷେପ ନ କରି ବନ୍ୟା ଦୁର୍ଗତଙ୍କ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଗତ ୧୪ତାରିଖରେ ସେ କରୋନା ସଂକ୍ରମିତ ହୋଇଥିଲେ। ଏଥିପାଇଁ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। କରୋନାରୁ ମୁକ୍ତ ହେବାପରେ ସେ ଘରକୁ ଫେରିଥିଲେ। ହେଲେ ଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ଗତ ସପ୍ତାହରେ ପୁଣି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇ ଚିକିତ୍ସା କରାଯାଉଥିଲା। ମୁଖ୍ୟମନ୍ତ୍ରୀ ଶନିବାର ତାଙ୍କ ପରିବାର ସଦସ୍ୟଙ୍କ ସହ କଥା ହେବା ସହିତ ସମସ୍ତ ପ୍ରକାର ଉତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଡାକ୍ତରଙ୍କୁ ଫୋନ କରି ପରାମର୍ଶ ଦେଇଥିଲେ। ହେଲେ ଡାକ୍ତରଙ୍କ ବହୁ ଉଦ୍ୟମ ସତ୍ତ୍ୱେ ମହାରଥୀଙ୍କୁ ବଞ୍ଚାଯାଇ ପାରିଲା ନାହିଁ। ତାଙ୍କ ବିୟୋଗରେ ରାଜନୈତିକ ମହଲରେ ଶୋକର ଛାୟା ଖେଳି ଯାଇଛି। ରବିବାର ସକାଳେ ମହାରଥୀଙ୍କ ମରଶରୀରକୁ ହସ୍ପିଟାଲରୁ ବିଧାନସଭା, ବିଜେଡି କାର୍ଯ୍ୟାଳୟ ଏବଂ ତାଙ୍କ ସରକାରୀ ବାସଭବନକୁ ନିଆଯାଇଥିଲା। ସେଠାରେ ଦଳୀୟ ନେତା, କର୍ମୀ ଓ ଶୁଭେଚ୍ଛୁମାନେ ଶେଷ ସମ୍ମାନ ଜଣାଇଥିଲେ। ☞ପୃଷ୍ଠା-୪



ପ୍ରଦୀପ ମହାରଥୀ (**୧୯୫୫ ଜୁଲାଇ ୪ -୨୦୨୦ ଅକ୍ଟୋବର ୪**)

## ଆଜି ଜିଏସ୍‌ଟି ପରିଷଦ ବୈଠକ

ନୂଆଦିଲ୍ଲୀ,୪।୧୦

ଜିଏସ୍‌ଟି ପରିଷଦର ୪୨ତମ ତଥା ଗୁରୁତ୍ୱପୂର୍ଣ୍ଣ ବୈଠକ ସୋମବାର ବସିବ। ଜିଏସ୍‌ଟି କ୍ଷତିପୂରଣ ବିକଳ୍ପ ଉପରେ ଏହି ବୈଠକରେ ନିଷ୍ପତ୍ତି ନିଆଯିବ। କେନ୍ଦ୍ର ସରକାର ବର୍ତ୍ତମାନ ରାଜ୍ୟଗୁଡିକୁ ୨ଟି ବିକଳ୍ପ ପ୍ରଦାନ କରିଛନ୍ତି। ରିଜର୍ଭ ବ୍ୟାଙ୍କ ୱିଣ୍ଡୋରୁ ୯୭ ହଜାର କୋଟି ଋଣ କିମ୍ବା ବଜାରରୁ ୨.୩୫ ଲକ୍ଷ କୋଟି ଟଙ୍କାର ଋଣ ଉଠାଇବା ବିକଳ୍ପରୁ ଗୋଟିଏ ବାଛିବା ନେଇ ରାଜ୍ୟଗୁଡିକ କୁହାଯାଇଛି। ଭାଜପା ଶାସିତ ରାଜ୍ୟଗୁଡିକ କେନ୍ଦ୍ରର ୯୭ ହଜାର କୋଟି ଋଣ ବିକଳ୍ପ ସହିତ ଅଛନ୍ତି। ହେଲେ ଆଉ କିଛି ରାଜ୍ୟ ଏ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ବି ବିକଳ୍ପ ଗ୍ରହଣ କରିନାହାନ୍ତି। କେନ୍ଦ୍ରର ଏଭଳି ପ୍ରସ୍ତାବକୁ ରାଜ୍ୟଗୁଡିକ ବିରୋଧ କରିବେ ବୋଲି ସୂଚନା ରହିଛି। ଫଳରେ ବୈଠକରେ ଆଲୋଚନା ସରଗରମ ରହିବ ବୋଲି କୁହାଯାଉଛି।

(ବିସ୍ତୃତ ରିପୋର୍ଟ: ପୃଷ୍ଠା-୭)




# ମହାରଥୀଙ୍କୁ ଝୁରିଲା ବିଧାନସଭା

**ଭୁବନେଶ୍ୱର,୪।୧୦(ବ୍ୟୁରୋ)**

ମହାରଥୀଙ୍କୁ ଝୁରିଲା ବିଧାନସଭା। ପୂର୍ବତନ ମନ୍ତ୍ରୀ ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ପରଲୋକରେ ତାଙ୍କ କଥା ମନେପକାଇ ଦଳମତ ନିର୍ବିଶେଷରେ ସମସ୍ତ ସଦସ୍ୟ ତାଙ୍କୁ ଝୁରି ହୋଇଥିଲେ। ବିଧାନସଭା ମୌସୁମୀ ଅଧିବେଶନର ୫ମ ଦିବସରେ ମହାରଥୀଙ୍କ ପାଇଁ ଗୃହରେ ଶୋକ ପ୍ରସ୍ତାବ ଆଣିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ ମୁଖ୍ୟମନ୍ତ୍ରୀଙ୍କ ଶୋକ ପ୍ରସ୍ତାବକୁ ସମର୍ଥନ କରି ଦୁଃଖିତ ଓ ମର୍ମାହତ ଚାରଣ ସମୟରେ ଭାବବିହ୍ୱଳ ହୋଇ ତାଙ୍କ ସହ ବିତାଇଥିବା ସମୟକୁ ମନେପକାଇଥିଲେ। ମହାରଥୀ କିପରି ସବୁବେଳେ ଗୃହରେ ମଜାଳିଆ କଥା, ଥଟ୍ଟା, ତାମସା ଓ ପ୍ରଶ୍ନ କରୁଥିଲେ ତାହା ସମସ୍ତ ସଦସ୍ୟଙ୍କ ମଧ୍ୟରେ ଗୁଞ୍ଜରିତ ହୋଇଥିଲା।

ରବିବାର ପୂର୍ବାହ୍ନରେ ବିଧାନସଭା


ବିଧାନସଭା ପରିସରରେ ମହାରଥୀଙ୍କ ଶେଷ ଦର୍ଶନ କରାଯାଉଛି।

- ଗୃହରେ ଶୋକ ପ୍ରସ୍ତାବ ଆଣିଲେ ମୁଖ୍ୟମନ୍ତ୍ରୀ
- ସୋମବାର ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖିଲେ ବାଚସ୍ପତି

ପରିସରରେ ମହାରଥୀଙ୍କ ପାର୍ଥିବ ଶରୀର ପହଞ୍ଚିବା ପରେ ବିଭିନ୍ନ ଦଳର ନେତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଜଣେ ନିର୍ଭୀକ ନେତା ଥିବା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର କହିଥିଲେ। ଗୃହରେ ଶୋକପ୍ରସ୍ତାବ ଆଲୋଚନା ସମୟରେ ସମସ୍ତ ବିଧାୟକ ଭାବବିହ୍ୱଳ ହୋଇପଡିଥିଲେ। କୋହ ସମ୍ଭାଳି ନ ପାରି କାନ୍ଦି ପକାଇଥିଲେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଏବଂ ଭାଜପା ବିଧାୟିକା କୁସୁମ ଟେଟେ। ମହାରଥୀଙ୍କ ସ୍ମୃତିଚାରଣ କରି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର କହିଥିଲେ, ମହାରଥୀ ଜଣେ ସଫଳ ରାଜନେତା ଥିଲେ। ଜଣେ ଜନପ୍ରିୟ ନେତା ଭାବେ ସେ ସମଗ୍ର ଓଡ଼ିଶାରେ ପରିଚିତ ଥିବା ମିଶ୍ର କହିଥିଲେ। ମହାରଥୀଙ୍କ ଉଦ୍ଦେଶ୍ୟରେ ଗୃହରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ବାଚସ୍ପତି ସୋମବାର ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

# ‘ନଟୁ ଭାଇ ଅମର ରହେ’ ଧ୍ୱନିରେ କମ୍ପିଲା ପିପିଲି



ପିପିଲି ବଜାରରେ ମହାରଥୀଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଉଛି।

**ପିପିଲି,୪।୧୦(ସ୍ୱ.ପ୍ର.)**

ପିପିଲି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ପରଲୋକ ଘଟିଛି। ପିପିଲି ମାଟିର ବରପୁତ୍ର ତଥା ଲୋକଙ୍କ ପ୍ରିୟ ନେତା ମହାରଥୀଙ୍କ ମୃତ୍ୟୁ ଖବର ରବିବାର ସକାଳେ ପ୍ରଚାରିତ ହେବା ପରେ ପିପିଲି ଅଞ୍ଚଳ ସ୍ତବ୍ଧ ହୋଇଯାଇଛି। ତାଙ୍କ ବିୟୋଗରେ ପିପିଲି-ଡେଲାଙ୍ଗ ଜନସାଧାରଣ, ରାଜନୈତିକ ନେତୃବୃନ୍ଦ ଏବଂ ଅଗଣିତ ପ୍ରଶଂସକଙ୍କ ମଧ୍ୟରେ ଶୋକରଛାୟା ଖେଳିଯାଇଛି। ମହାରଥୀଙ୍କ ଶେଷ ଦର୍ଶନ ପାଇଁ ପିପିଲି ପୁରୀ-ଭୁବନେଶ୍ୱର ମୁଖ୍ୟ ରାସ୍ତାରେ ଅହେତୁକ ଜନସମାଗମ ଦେଖାଯାଇଥିଲା। ‘ନଟୁ ଭାଇ-ଅମର ରହେ, ପ୍ରଦୀପ ମହାରଥୀ-ଅମର ରହେ’ ଧ୍ୱନିରେ ପିପିଲି ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ତାଙ୍କ ପାର୍ଥିବ ଶରୀରକୁ ଜନ୍ମମାଟି ପାଣିଦୋଳ ପଞ୍ଚାୟତ ଖୋରାପଦା ଗ୍ରାମକୁ ନିଆଯାଇଥିଲା। ସେଠାରେ ବହୁ ନେତା, ଦଳୀୟ କର୍ମୀ ଶେଷ ଦର୍ଶନ କରିବା ସହ ତାଙ୍କ ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରାଯାଇଥିଲା।

ପ୍ରଥମେ ମହାରଥୀଙ୍କ ପାର୍ଥିବ ଶରୀର ଭୁବନେଶ୍ୱରରୁ ପିପିଲି ବିଜେଡି ଅଫିସ ଅଣାଯାଇଥିଲା। ସେଠାରେ ଦଳୀୟ ସମର୍ଥକ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଶେଷ ଦର୍ଶନ କରିଥିବାବେଳେ ପରେ ଭାଜପାର ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, କଂଗ୍ରେସ ରାଜ୍ୟ ମୁଖପାତ୍ର ନିଶିକାନ୍ତ ମିଶ୍ର, ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ, ବରିଷ୍ଠ ନେତା ଅଜିତ୍ ମଙ୍ଗରାଜ ପ୍ରମୁଖ ମହାରଥୀଙ୍କ ମରଶରୀରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପାର୍ଟି ଅଫିସଠାରୁ ଶବାଧାର ପିପିଲି ବଜାର, ହାଟଛକ, ଡେଲାଙ୍ଗଛକ, ମାଧିପୁର, ପାଣିଦୋଳ, ନିଜ ଜନ୍ମିତ ଗାଁ ଖୋରାପଦା ଦେଇ ହୁଙ୍କେଇପୁର ଫାର୍ମ ହାଉସରେ ପହଞ୍ଚିଥିଲା। ସେଠାରେ କିଛି ସମୟ ରହିବା ପରେ ଶବାଧାର ସ୍ୱର୍ଗଦ୍ୱାର ଅଭିମୁଖେ ଆଗେଇଥିଲା। ରାସ୍ତାରେ ଏସ୍‌ଡିପିଓ ଦେବଦତ୍ତ ବରାଳ, ଥାନା ଆଇଆଇସି ଗୌରାଙ୍ଗ ଚରଣ ପୃଷ୍ଟି, ପିପିଲି ସାମ୍ବାଦିକ ସଂଘ ସଭାପତି ରଜତ ରଞ୍ଜନ ଦାଶ, ସମ୍ପାଦକ ରାଜକିଶୋର ସ୍ୱାଇଁ ପ୍ରମୁଖ ମହାରଥୀଙ୍କ ଶେଷଦର୍ଶନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ପ୍ରଦୀପ ମହାରଥୀଙ୍କ ବିୟୋଗରେ ଶୋକ



“ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଦୀପ ମହାରଥୀ ଜଣେ ଲୋକପ୍ରିୟ ନେତା ଥିଲେ। ସେ ଜଣେ ଦକ୍ଷ ବିଧାୟକ ଥିଲେ। ତାଙ୍କ ଅଚାନକ ବିୟୋଗ ଆଜି ଓଡ଼ିଶା ରାଜନୀତି ପାଇଁ ଏକ ଅପୂରଣୀୟ କ୍ଷତି। ଏଭଳି ସମୟରେ ତାଙ୍କ ଶୋକସନ୍ତପ୍ତ ପରିବାର ଓ ନିର୍ବାଚନ ମଣ୍ଡଳୀ ପାଇଁ ଗଭୀର ସମବେଦନା ଜଣାଉଛି।

**- ପ୍ରଫେସର ଗଣେଶୀ ଲାଲ୍, ରାଜ୍ୟପାଳ**



“ପ୍ରଦୀପ ମହାରଥୀ ବିଜେଡିର ଜଣେ ଦକ୍ଷ ନେତା ଓ ବିଜୁ ବାବୁଙ୍କ ପୁରୁଣା ସହଯୋଗୀ ଥିଲେ। ନିଜର ଦୃଢ଼ ସାଙ୍ଗଠନିକ ଦକ୍ଷତା ଲାଗି ସେ ୭ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଯଥାର୍ଥରେ ସେ ‘ଜନତାଙ୍କ ନେତା’ ଥିଲେ। ମନ୍ତ୍ରୀ ଥିବାବେଳେ ବହୁତ ଭଲ କାର୍ଯ୍ୟ କରିଥିଲେ। ଏଥିପାଇଁ ଓଡ଼ିଶା କୃଷି କର୍ମଣ ପୁରସ୍କାର ହାସଲ କରିଥିଲା। ତାଙ୍କ ବିୟୋଗରେ ରାଜ୍ୟ ତଥା ବିଜୁ ଜନତା ଦଳ ଜଣେ ଦକ୍ଷ ନେତୃତ୍ୱଙ୍କୁ ହରାଇଲା। ଅସାଧାରଣ ସାଙ୍ଗଠନିକ ଦକ୍ଷତା ଲୋକାଭିମୁଖୀ କାର୍ଯ୍ୟ ପାଇଁ ସେ ପିପିଲି ନିର୍ବାଚନ ମଣ୍ଡଳୀବାସୀଙ୍କ ଅତ୍ୟନ୍ତ ପ୍ରିୟ ଥିଲେ। ଦୀର୍ଘବର୍ଷ ଧରି ଓଡ଼ିଶାର ବିକାଶରେ ତାଙ୍କ ଯୋଗଦାନ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

**- ନବୀନ ପଟ୍ଟନାୟକ, ମୁଖ୍ୟମନ୍ତ୍ରୀ**



“ମହାରଥୀ ଜଣେ ଖୁସି ମିଜାଜ ଓ ରୋକ୍‌ଠୋକ ମଣିଷ ଥିଲେ। ଯେକୌଣସି ପ୍ରସଙ୍ଗରେ ନିଜର ସ୍ୱତନ୍ତ୍ର ଉପସ୍ଥାପନା ଶୈଳୀ ପାଇଁ ସେ ଏକ ବିରଳ ପରିଚୟ ସୃଷ୍ଟି କରିଥିଲେ। ସବୁବେଳେ ଲୋକଙ୍କ ସାଙ୍ଗରେ ରହିବା ଓ ସମସ୍ୟାର ସମାଧାନ ପାଇଁ ଦିନରାତି ଲାଗି ରହିବା ଥିଲା ତାଙ୍କର ପସନ୍ଦ। ତାଙ୍କ ବିୟୋଗରେ ରାଜ୍ୟର ରାଜନୈତିକ ଓ ସାମାଜିକ ଜୀବନରେ ଏକ ଅପୂରଣୀୟ କ୍ଷତି ହେଲା। ମହାପ୍ରଭୁ ଶ୍ରୀଜଗନ୍ନାଥ ଏହି ଦୁଃଖ ସମୟରେ ପରିବାରବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ।

**- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ**



“ବିଧାୟକ ଭାବେ ଏକାଧିକଥର ନିର୍ବାଚିତ ହେବା ତାଙ୍କ ଲୋକପ୍ରିୟତାର ପରିଚୟ ବହନ କରେ। ଛାତ୍ର ଜୀବନରୁ ସେ ରାଜନୀତି ଓ ସମାଜ ସେବାରେ ଜଡ଼ିତ ଥିଲେ। ସେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଯାଇଛନ୍ତି। ଜଣେ ପ୍ରବୀଣ ରାଜନୀତିଜ୍ଞ, ପରୋପକାରୀ ମଣିଷ ଭାବେ ସେ ସର୍ବଦା ଜନମାନସରେ ଜୀବିତ ରହିବେ। ତାଙ୍କ ବିୟୋଗରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ଅପୂରଣୀୟ। ତାଙ୍କର ନୀତି, ଆଦର୍ଶ ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବ।

**- ଡ. ସୂର୍ଯ୍ୟନାରାୟଣ ପାତ୍ର, ବାଚସ୍ପତି**



“ମହାରଥୀ ଆଉ ବିଧାନସଭାକୁ ଫେରିବେନି। ସେ ସମସ୍ତଙ୍କୁ ନିରାଶ କରି ଚାଲିଗଲେ। ଏତେ ଶୀଘ୍ର ଚାଲିଯିବେ ବୋଲି ମୁଁ କେବେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି। ରାଜନୀତିରେ କେହି କାହାର ଶତ୍ରୁ କି ମିତ୍ର ନୁହେଁ। ଆମର ଅଲଗା ଦଳ ହୋଇଥାଇପାରେ, ହେଲେ ସେ ମୋର ଜଣେ ଭଲ ବନ୍ଧୁ ଥିଲେ। ଆମେ ଦୁଇଜଣ ମିଶିଲେ ବିଧାନସଭା ଆଉ ବିଧାନସଭା ହିସାବରେ ରହିବନି ବୋଲି ବିଜୁବାବୁ କହିଥିଲେ।

**- ତାରାପ୍ରସାଦ ବାହିନୀପତି, କଂଗ୍ରେସ ବିଧାୟକ**



“ପ୍ରଦୀପ ମହାରଥୀ ମୋର ଜଣେ ଭଲ ବନ୍ଧୁ ଥିଲେ। ନିଜ ଅଞ୍ଚଳର ଲୋକଙ୍କ ଦୁଃଖ ସୁଖରେ ସେ ଛିଡ଼ା ହେଉଥିଲେ। ତାଙ୍କ ପାଇଁ ଯେତେବେଳେ ବିଧାନସଭାରେ ଶୋକବାର୍ତ୍ତା ଅଣାଯାଇଥିଲା ସମସ୍ତଙ୍କ ଆଖିରୁ ଲୁହ ଗଡ଼ିଥିଲା। ମହାରଥୀଙ୍କ ବିୟୋଗ ରାଜନୀତି କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି। ଭଗବାନ ଶ୍ରୀଜଗନ୍ନାଥ ତାଙ୍କ ଅମର ଆତ୍ମାକୁ ସଦ୍‌ଗତି ଦିଅନ୍ତୁ। ଏ ପରିସ୍ଥିତିକୁ ସାମ୍ନା କରିବାକୁ ତାଙ୍କ ପରିବାରକୁ ସତ୍‌ସାହସ ଦିଅନ୍ତୁ।

**- ପ୍ରଦୀପ୍ତ ନାୟକ, ବିରୋଧୀ ଦଳ ନେତା**

# କରୋନା ଆଣିଲା ଚ୍ୟାଲେଞ୍ଜ

**୧୯୯୪ରୁ ପ୍ରତିବର୍ଷ ଅକ୍ଟୋବର ୫କୁ ୟୁନେସ୍କୋ ପକ୍ଷରୁ ବିଶ୍ୱ ଶିକ୍ଷକ ଦିବସ ଭାବେ ପାଳନ କରାଯାଉଛି। ଏହା ମାଧ୍ୟମରେ ବିଶ୍ୱବ୍ୟାପୀ ଶିକ୍ଷକ, ଗବେଷକ ଏବଂ ପ୍ରଫେସରଙ୍କୁ ସ୍ୱତନ୍ତ୍ର ସମ୍ମାନ ଦିଆଯାଉଛି। ଚଳିତବର୍ଷ ଏହି ଦିବସକୁ ଭର୍ଚୁଆଲ ମାଧ୍ୟମରେ ପାଳନ କରିବା ପାଇଁ ୟୁନେସ୍କୋ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କରୋନା ମହାମାରୀ ସାରା ବିଶ୍ୱକୁ ଦୋହଲାଇ ଦେଇଛି। ଏହାର ମୁକାବିଲା ପାଇଁ ଜାରି ରହିଥିବା ଲଢ଼େଇରେ ଶିକ୍ଷକମାନେ ଚ୍ୟାଲେଞ୍ଜପୂର୍ଣ୍ଣ ଭୂମିକା ତୁଲାଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ‘ବିଶ୍ୱ ଶିକ୍ଷକ ଦିବସ’ର ଥିମ୍ ରହିଛି ‘ଶିକ୍ଷକ: ସଙ୍କଟରେ ନେତୃତ୍ୱ, ଭବିଷ୍ୟତର ପୁନଃପରିକଳ୍ପନା’।**

**ଆଜି ବିଶ୍ୱ ଶିକ୍ଷକ ଦିବସ**



**ଅସମାପିକା ସାହୁ**
**ଭୁବନେଶ୍ୱର,୪।୧୦**

ଶିକ୍ଷକମାନେ ପାଠପଢ଼ା ସହ ବର୍ଷସାରା ବିଭିନ୍ନ କାର୍ଯ୍ୟରେ ସାମିଲ ହେଉଛନ୍ତି। ଏବେ କରୋନା ଲଢ଼େଇରେ ଆଗଧାଡ଼ିର ଯୋଦ୍ଧା ସାଜିଛନ୍ତି। ସରକାରୀ ନୀତି ନିୟମକୁ ପାଳନ କରି ସଂକ୍ରମଣ ରୋକିବାରେ ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି। କୋଭିଡ୍ ସେଣ୍ଟରରେ ନିୟୋଜିତ ହେବାସହିତ ନମୁନା ସଂଗ୍ରହ, ଘର ଘର ବୁଲି ସଚେତନ କରିବା ଆଦି ବିଭିନ୍ନ କ୍ଷେତ୍ରରେ ଏମାନେ କାର୍ଯ୍ୟରତ ଅଛନ୍ତି। ଏପରି କି କରୋନା ମୁକାବିଲା ଭିତରେ ଓଡ଼ିଶାରେ କେତେଜଣ ଶିକ୍ଷକଙ୍କ ମୃତ୍ୟୁ ମଧ୍ୟ ଘଟିଛି। ତଥାପି ଶିକ୍ଷକ ସମାଜର ମନୋବଳ ଭାଙ୍ଗିନାହିଁ। ବରଂ ସରକାରଙ୍କ କାନ୍ଧରେ କାନ୍ଧ ମିଶାଇ କାମ କରି ଚାଲିଛନ୍ତି। ଏଥିପାଇଁ ୟୁନେସ୍କୋ ତରଫରୁ ଶିକ୍ଷକଙ୍କ ଭୂମିକାକୁ ଭୂୟସୀ ପ୍ରଶଂସା କରାଯାଇଛି। ଅନ୍ୟପକ୍ଷରେ ଏବେ ଶିକ୍ଷକମାନେ ଆଉଏକ ବଡ଼ ଦାୟିତ୍ୱ ତୁଲାଉଛନ୍ତି। କରୋନା ସଂକଟ ପାଇଁ ଏବେବି ଶିକ୍ଷାନୁଷ୍ଠାନ ବନ୍ଦ ରହିଛି। ସରକାରୀ ଓ ବିଭିନ୍ନ ବେସରକାରୀ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଅନ୍‌ଲାଇନ୍ ପାଠପଢ଼ା ଚାଲିଛି। ଏଥିରେ ଶିକ୍ଷକମାନେ ପ୍ରମୁଖ ଭୂମିକା ନେଉଛନ୍ତି। ଅନ୍‌ଲାଇନ୍ ଶିକ୍ଷାଦାନ ଇଂଲିଶ ମିଡିୟମ ସ୍କୁଲର ଶିକ୍ଷକଙ୍କ ପାଇଁ ସେତେଟା କଷ୍ଟକର ନ ଥିଲା। କିନ୍ତୁ ସରକାରୀ ବିଶେଷକରି ଓଡ଼ିଆ ମାଧ୍ୟମ ସ୍କୁଲ୍‌ର ଶିକ୍ଷକଙ୍କ ପାଇଁ ଏହା ଆଉଏକ ଚ୍ୟାଲେଞ୍ଜ ଥିଲା। ତଥାପି ସବୁ ପିଲାଙ୍କ ପାଖରେ ପହଞ୍ଚିବା ଓ ନୂଆ ଧାରାରେ ନିଜକୁ ସାମିଲ କରି ପିଲାଙ୍କ ଭବିଷ୍ୟତ ଗଢ଼ିବା ପାଇଁ ନୂଆ ଚ୍ୟାଲେଞ୍ଜକୁ ସଫଳତାର ସହ ଆଗେଇ ନେବାରେ ଲାଗିଛନ୍ତି। ଓଡ଼ିଆ ସରକାରୀ ସ୍କୁଲର ଶିକ୍ଷକମାନେ କୌଣସି ପୂର୍ବ ପ୍ରଶିକ୍ଷଣ ନେଇ ନ ଥିଲେ ମଧ୍ୟ ସରକାରୀ ଅନୁମୋଦିତ ଆପ୍ ସବୁ ଡାଉନଲୋଡ୍ କରି ଅଡିଓ ଭିଜୁଆଲ ମାଧ୍ୟମରେ ଶିକ୍ଷାଦାନ କରିବା ଜାରି ରଖିଛନ୍ତି। ଏମିତିକି ପିଲାଙ୍କୁ ଏକ୍ଷେତ୍ରରେ ଚାପ ମୁକ୍ତ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶକୁ ମଧ୍ୟ ପାଳନ କରୁଛନ୍ତି।

### ଏମାନଙ୍କ ମତରେ...

“କରୋନା ମହାମାରୀ ଶିକ୍ଷକ ଓ ଶିକ୍ଷା କ୍ଷେତ୍ରରେ ଅନେକ ନୂଆ ଆହ୍ୱାନ ସୃଷ୍ଟି କରିଛି। ଘରୋଇ ଶିକ୍ଷା କ୍ଷେତ୍ରରେ ଶିକ୍ଷକମାନେ ଜୀବିକା ହରାଇଛନ୍ତି ବା ଦରମା ହ୍ରାସର ସମ୍ମୁଖୀନ ହୋଇଛନ୍ତି। କିନ୍ତୁ ଅନ୍‌ଲାଇନ ଶିକ୍ଷାଦାନ ପାଇଁ ନିଜକୁ ପ୍ରସ୍ତୁତି କରିଛନ୍ତି। ଆର୍ଥିକ ସ୍ୱଚ୍ଛଳ ବର୍ଗର ଛାତ୍ରୀଛାତ୍ରମାନେ ଅନ୍‌ଲାଇନରେ ପଢ଼ିପାରୁଥିବାବେଳେ ଗରିବ ଛାତ୍ରୀଛାତ୍ର ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହା ଶିକ୍ଷକଙ୍କୁ କଷ୍ଟ ଦେଉଛି। କାରଣ ଅନଲାଇନ୍ ଶିକ୍ଷା ଅନେକ ସୂଚନା ପ୍ରଦାନ କରିପାରୁଛି ସତ, କିନ୍ତୁ ବ୍ୟବହାରିକ ଜ୍ଞାନ ଦେବାରେ ବିଫଳ ହେଉଛି। ସୂଚନାର ବହୁଳ ପ୍ରବାହ ଫଳରେ ଶିକ୍ଷକମାନେ ପ୍ରତିଦିନ ନୂଆ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଏକ ଅନିର୍ଦ୍ଦିଷ୍ଟ ଭବିଷ୍ୟତକୁ ଛାତ୍ରୀଛାତ୍ରମାନେ କେମିତି ସମ୍ମୁଖୀନ କରିବେ ସେଥିଲାଗି ଶିକ୍ଷକମାନଙ୍କର ଦାୟିତ୍ୱ ଅନେକ ଗୁଣରେ ବଢ଼ି ଯାଇଛି।



**- ଅମରେନ୍ଦ୍ର ଦାସ, ଅର୍ଥନୀତି ପ୍ରାଧ୍ୟାପକ, ନାଇଜର**

“କୋଭିଡ୍ ୧୯ ପ୍ରଭାବ ଯୋଗୁ ଶିକ୍ଷା ପ୍ରଭାବିତ ହୋଇଛି। ଶିକ୍ଷକମାନେ ମଧ୍ୟ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି। ଅନ୍‌ଲାଇନ୍ ଶିକ୍ଷା ଆମେ ବାଧ୍ୟରେ ଦେଉଛୁ। କେବଳ ନିୟମକୁ ପାଳନ କରି ଜଣେ ଶିକ୍ଷକ ଶିକ୍ଷାଦାନ କରୁଛି। କିନ୍ତୁ ବାସ୍ତବରେ ଶିକ୍ଷକ ସହୃଦୟତାର ସହିତ ଶିକ୍ଷାଦାନ କରିପାରୁନାହିଁ। ଗାଁ ଗହଳିରେ, ଗରିବ ଶ୍ରେଣୀର ପଢୁଥିବା ପିଲାମାନେ ଏହି ସୁବିଧା ପାଇ ପାରୁନାହାନ୍ତି। ତେଣୁ ଅଳ୍ପ ପିଲାଙ୍କୁ ପାଠ ପଢ଼ାଇଲେ ଆମକୁ ପାତର ଅନ୍ତର କରିବା ପରି ଲାଗୁଛି। ଏ ପରିସ୍ଥିତି କିପରି ଶୀଘ୍ର ଦୂର ହେବ ସେଥିପାଇଁ କାମନା କରୁଛି।



**- ଗୋଲକ ନାୟକ, ଅଧ୍ୟାପକ**

C. V. Raman Global University
(State University under Odisha Act 1 of 2020)
ODISHA BHUBANESWAR INDIA
CGU ODISHA
cgu-odisha.ac.in

Ranked among Top 100 Engineering Institutions in India since last 5 years by NIRF (National Institutional Ranking Framework), MHRD, Govt. of India

WEB BASED ONLINE COUNSELLING FOR JEE-MAIN RANK HOLDERS

RANKING AND ACCREDITATIONS
- Ranked among Top 100 by NIRF, MHRD, Govt. of India
- Ranked as the 5th Best Engineering Institute in Eastern Zone by TIMES Engineering Survey
- Ranked among Top 50 Private Universities by ARIIA, Ministry of Education, Govt. of India
- Ranked among Top 75 Engineering Institute by TIMES Engineering Survey
- Approved by AICTE, New Delhi
- Enlisted by "UGC", New Delhi
- Partner institute of "Study in India"
- Recognized as SIROs(Scientific and Industrial Research Organization) by DSIR, Govt. of India
- Accredited by NBA (National Board of Accreditation) for 06 UG courses.

B. TECH Programs :-
- Chemical Engg
- Civil Engg
- Computer Engg
- Computer Science & Engg
- Computer Engg (Software Engg)
- Computer Science & Engg (AI & Machine Learning)
- Computer Science & Engg(Cloud Computing)
- Computer Science & Engg (Data Sc)
- Comp Sc & Engg (IoT and Cyber Security)
- Computer Science & Engg (Web Tech)
- Computer Science & IT
- Comp Science & System Engg
- Electrical Engg
- Electrical & Electronics Engg
- Electronics & Communication Engg
- Marine Engg
- Mechanical Engg



IMPORTANT DATES
for Registration and Choice filling
Starting date : 05/10/2020
Closing date : 12/10/2020

For detail, visit :
www.cgu-odisha.ac.in
admission@cgu-odisha.ac.in

90400 21102 | 0674-6636 555 | 9040-021-100 / 101 / 103
CAMPUS : - Bidyanagar, Mahura, Janla, Bhubaneswar-752054, Odisha, INDIA

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩,୫୨,୪୩,୧୪୯ | ୧୦,୩୯,୪୬୩ | ୨,୬୨,୨୧,୧୭୪ |
| ଭାରତ | ୬୫,୭୩,୬୭୮ | ୧,୦୧,୯୧୭ | ୫୫,୨୭,୯୩୪ |
| ଓଡ଼ିଶା | ୨,୩୨,୭୧୩ | ୯୦୭(+୫୩) | ୨,୦୨,୩୦୨ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

**ସଂକ୍ଷେପରେ**

### ରାଜ୍ୟରେ ୩,୬୩୬ ଜନଶୂନ୍ୟ ଗ୍ରାମ

**ଭୁବନେଶ୍ୱର,୪।୧୦(ବ୍ୟୁରୋ):** ରାଜ୍ୟରେ ୩,୬୩୬ଟି ଜନଶୂନ୍ୟ ଗ୍ରାମ ତଥା ବସତି ରହିଛି। ଏହାମଧ୍ୟରୁ ଗଞ୍ଜାମ ଜିଲାରେ ସର୍ବାଧିକ ୪୧୨ଟି ମାନବଶୂନ୍ୟ ଗ୍ରାମ ରହିଛି। ଏହାତଳକୁ ବାଲେଶ୍ୱରରେ ୨୯୭, ଅନୁଗୋଳ ୨୧୭, ମୟୂରଭଞ୍ଜ ୧୯୯, ରାୟଗଡ଼ା ୧୯୭, ଯାଜପୁର ୧୮୫, ଖୋର୍ଦ୍ଧା ୧୭୮, କନ୍ଧମାଳ ୧୭୦, ଦେବଗଡ଼ ୧୬୦, ନୟାଗଡ଼ ୧୫୧, କଳାହାଣ୍ଡି ୧୩୭, କେନ୍ଦ୍ରାପଡ଼ା ୧୩୨, ଢେଙ୍କାନାଳ ୧୨୭, ଗଜପତି ୧୧୩, ପୁରୀ ୧୦୭, ସୁବର୍ଣ୍ଣପୁର ୧୦୬, କୋରାପୁଟ ୧୦୧, କଟକ ୯୬, ସମ୍ବଲପୁର ୮୪, ବୌଦ୍ଧ ୭୦, ଜଗତସିଂହପୁର ୬୯, ମାଲକାନଗିରି ୬୦, ଭଦ୍ରକ ୬୨, କେନ୍ଦୁଝର ୫୯, ସୁନ୍ଦରଗଡ଼ ୪୯, ବଲାଙ୍ଗୀର ୩୨, ବରଗଡ଼ ୨୭, ନବରଙ୍ଗପୁର ୨୩, ନୂଆପଡ଼ା ୧୨ ଓ ଝାରସୁଗୁଡ଼ାରେ ୪ଟି ଜନଶୂନ୍ୟ ଗ୍ରାମ ରହିଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ବିଧାନସଭାରେ ସୂଚନା ଦେଇଛନ୍ତି। ୨୦୧୧ ଜନଗଣନା ତଥ୍ୟ ଅନୁଯାୟୀ ରାଜ୍ୟରେ ଏହି ୩୬୩୬ ଜନଶୂନ୍ୟ ଗ୍ରାମ ଓ ବସତି ରହିଥିବା ମନ୍ତ୍ରୀ କହିଛନ୍ତି।

# ଶିଳ୍ପ ପାଇଁ ଆସିବ ୪ ନୂଆ ପଲିସି

**ଭୁବନେଶ୍ୱର,୪।୧୦(ବ୍ୟୁରୋ)**

- ଆଇଟି, ଇଲେକ୍ଟ୍ରୋନିକ୍ସ ଷ୍ଟାର୍ଟଅପ୍ ପାଇଁ ଓଡ଼ିଶା ପ୍ରଥମ ପସନ୍ଦ
- ଇନ୍ଦ୍ରାଣୀପାଟଣାରେ ହେବ ଇଞ୍ଜିନିୟରିଂ କ୍ଲଷ୍ଟର
- ଶିଳ୍ପମେଳା ଯୋଗୁ ମିଳିଛି ୫,୨୮,୬୦୯ କୋଟି ଟଙ୍କାର ପୁଞ୍ଜିନିବେଶ



ଶିଳ୍ପର ବିକାଶ ପାଇଁ ରାଜ୍ୟ ସରକାର ଏବେସୁଦ୍ଧା ୯ଟି ସ୍ୱତନ୍ତ୍ର ନୀତି ଆଣିଛନ୍ତି। ଏହାମଧ୍ୟରେ ଆପାରେଲ ପଲିସି, ବାୟୋଟେକ୍ନୋଲୋଜି ପଲିସି, ଓଡ଼ିଶା ଫୁଡ୍ ପ୍ରୋସେସିଂ ପଲିସି, ଓଡ଼ିଶା ଏମ୍ଏସ୍ଏମ୍ଇ ଡେଭଲପ୍‌ମେଣ୍ଟ ପଲିସି, ହେଲ୍‌ଥକେୟାର ଇନ୍‌ଭେଷ୍ଟମେଣ୍ଟ ପ୍ରମୋଶନ ପଲିସି, ଓଡ଼ିଶା ଷ୍ଟାର୍ଟଅପ୍ ପଲିସି, ଟୁରିଜମ୍ ପଲିସି, ଫାର୍ମାସ୍ୟୁଟିକାଲ ପଲିସି ଏବଂ ରିନ୍ୟୁଏବୁଲ୍ ଏନର୍ଜି ପଲିସି ରହିଛି। ଆଗାମୀଦିନରେ 'ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ପଲିସି', 'ବିପିଓ ପଲିସି ୨୦୨୦', 'ଓଡ଼ିଶା ଷ୍ଟେଟ୍ ଡାଟା ପଲିସି ୨୦୨୦' ଏବଂ 'ଆଇଟି ଆଣ୍ଡ୍ ଇଲେକ୍ଟ୍ରୋନିକ୍ସ ପଲିସି' ଭଳି ୪ଟି ନୂଆ ପଲିସି ଆଣିବାକୁ ସରକାର ଯୋଜନା କରିଛନ୍ତି ବୋଲି ଏମ୍ଏସ୍ଏମ୍ଇ ଏବଂ ଶିଳ୍ପମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ବିଧାନସଭାରେ ତଥ୍ୟ ଦେଇଛନ୍ତି। ରାଜ୍ୟରେ ଶିଳ୍ପାୟନକୁ ପ୍ରୋତ୍ସାହିତ କରିବା ପାଇଁ ଗତ ୫ବର୍ଷରେ ୭୯ ଶିଳ୍ପମେଳାରେ ଓଡ଼ିଶା ଅଂଶଗ୍ରହଣ କରିବା ସହ ଆୟୋଜନ କରିଛି। ଏହାମଧ୍ୟରୁ ଓଡ଼ିଶା ଭିତରେ ୨୪ଟି ଏବଂ ଓଡ଼ିଶା ବାହାରେ ୫୫ଟି ଶିଳ୍ପମେଳା କରାଯାଇଛି। କରୋନା ମହାମାରୀ ଯୋଗୁ ୨୦୨୦-୨୧ ବର୍ଷରେ ୨ଟି ଶିଳ୍ପମେଳା ଭର୍ଚୁଆଲ ପ୍ଲାଟ୍‌ଫର୍ମରେ କରାଯାଇଛି। ଏହି ଶିଳ୍ପମେଳା ଦ୍ୱାରା ରାଜ୍ୟ ସରକାର ବିପୁଳ ପରିମାଣର ପୁଞ୍ଜିନିବେଶ ଆକୃଷ୍ଟ କରିପାରିଛନ୍ତି। ବିଭିନ୍ନ ସଂସ୍ଥା ଦ୍ୱାରା ମୋଟ ୬,୨୬,୩୫୯.୫୩ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ୨୮୬ଟି ପ୍ରସ୍ତାବ ଦାଖଲ ହୋଇଛି। ରାଜ୍ୟ ଏକକ ବାତାୟନ ପ୍ରଣାଳୀ ମାଧ୍ୟମରେ ଏହାମଧ୍ୟରୁ ୨୧୨ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଫଳରେ ଓଡ଼ିଶାରେ ୫,୨୮,୬୦୯ କୋଟି ଟଙ୍କାର ପୁଞ୍ଜିନିବେଶ ସମ୍ଭବ ହୋଇଛି।

ମାଇକ୍ରୋ ଆଣ୍ଡ ସ୍ମଲ୍ ଏଣ୍ଟରପ୍ରାଇଜେସ୍ କ୍ଲଷ୍ଟର ଡେଭଲପ୍‌ମେଣ୍ଟ ପ୍ରୋଗ୍ରାମ୍ (ଏମ୍ଏସ୍ଇସିଡିପି) ଯୋଜନା ମାଧ୍ୟମରେ କଟକ ଜିଲାର ଇନ୍ଦ୍ରାଣୀପାଟଣାଠାରେ ଏକ ଇଞ୍ଜିନିୟରିଂ କ୍ଲଷ୍ଟର ପ୍ରତିଷ୍ଠା କରିବାକୁ ସରକାର ଯୋଜନା କରିଛନ୍ତି। କେନ୍ଦ୍ର ସରକାରଙ୍କ ଏମ୍ଏସ୍ଇସିଡିପି ନିୟମାବଳୀ ଅନୁଯାୟୀ ୨୫ଟି ସମାନ ବା ଆନୁଷଙ୍ଗିକ ଉତ୍ପାଦ ପ୍ରସ୍ତୁତ କରୁଥିବା ଏମ୍ଏସ୍ଏମ୍ଇକୁ କ୍ଲଷ୍ଟର ମାନ୍ୟତା ଦେବାର ନିୟମ ରହିଛି। ରାଜ୍ୟ ସରକାରଙ୍କ ଇନ୍‌ଭେଷ୍ଟମେଣ୍ଟ ଫ୍ରେଣ୍ଡଲି ମନୋଭାବ ରାଜ୍ୟର ବୃହତ୍, ମଧ୍ୟମ ଏବଂ କ୍ଷୁଦ୍ର ଶିଳ୍ପକୁ ଆଉପାଦେ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବିଶେଷକରି ଇଲେକ୍ଟ୍ରୋନିକ୍ସ, ଆଇଟି ଓ ଆଇଟି ସମ୍ପର୍କିତ ଷ୍ଟାର୍ଟଅପ୍ ପାଇଁ ଏବେ ଓଡ଼ିଶା ପ୍ରଥମ ପସନ୍ଦ ପାଲଟିଛି। ବେଙ୍ଗାଲୁରୁ, ଚେନ୍ନାଇ ଭଳି ସହର ତୁଳନାରେ କମ୍ ଟ୍ରାଫିକ୍, କମ୍ ପ୍ରଦୂଷଣ ଭୁବନେଶ୍ୱରକୁ ଏବେ ଆଇଟି କମ୍ପାନୀଗୁଡିକର ପ୍ରଥମ ପସନ୍ଦରେ ପରିଣତ କରିଛି। କେବଳ ଭୁବନେଶ୍ୱର ନୁହେଁ, ବ୍ରହ୍ମପୁର, ରାଉରକେଲା ଏବଂ ବାଲେଶ୍ୱରକୁ ମଧ୍ୟ ସମାନଭାବେ ପ୍ରାଥମିକତା ଦିଆଯାଉଛି। ଓଡ଼ିଶା ଷ୍ଟାର୍ଟଅପ୍ କାଉନ୍‌ସିଲ୍ ତଥ୍ୟ ଅନୁଯାୟୀ ୨୦୧୦ରୁ ୨୦୨୦ ମଧ୍ୟରେ ରାଜ୍ୟରେ ୨୦୯ଟି ଇଲେକ୍ଟ୍ରୋନିକ୍ସ, ଆଇଟି ଓ ଆଇଟି ସମ୍ପର୍କିତ ଷ୍ଟାର୍ଟଅପ୍ ଶିଳ୍ପ ପ୍ରତିଷ୍ଠା ହୋଇଛି। ଏହି ଷ୍ଟାର୍ଟଅପ୍‌ଗୁଡ଼ିକୁ ଇଡ୍‌କୋ ଏବଂ ଇପିକଲ୍ ମାଧ୍ୟମରେ ରାଜ୍ୟ ସରକାର ଜମି ଏବଂ ଅଫିସ ଗୃହ ଯୋଗାଇ ଦେଇଛନ୍ତି। ଭୁବନେଶ୍ୱରର ଓକାକ୍ ଟାୱାରରେ ବର୍ତ୍ତମାନ ୧୬ଟି ଷ୍ଟାର୍ଟଅପ୍ ସଂସ୍ଥାକୁ ଇନ୍‌କ୍ୟୁବେଶନ ଏବଂ ୧୪ଟି ଆଇଟି କମ୍ପାନୀକୁ ସ୍ଥାନ ଯୋଗାଇ ଦିଆଯାଇଥିବାବେଳେ ଆଗାମୀଦିନରେ ଏଠାରେ ଆହୁରି ୨୦ଟି ଇନ୍‌କ୍ୟୁବେଶନ ଓ ୧୨,୯୯୪ ବର୍ଗଫୁଟ ଜାଗା ଷ୍ଟାର୍ଟଅପ୍ ଓ ଆଇଟି କମ୍ପାନୀକୁ ଦିଆଯିବ ବୋଲି ମନ୍ତ୍ରୀ ମିଶ୍ର ବିଧାନସଭାରେ ତଥ୍ୟ ଦେଇଛନ୍ତି।

### କରୋନା ଲାଗି ୩,୧୩୬ ଏମ୍ଏସ୍ଏମ୍ଇ ବନ୍ଦ

**ଭୁବନେଶ୍ୱର,୪।୧୦(ବ୍ୟୁରୋ)**

କରୋନା ସମୟରେ ଗତ ମାର୍ଚ୍ଚ ଠାରୁ ଏବେସୁଦ୍ଧା ପ୍ରାୟ ୩,୧୩୬ଟି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ବନ୍ଦ ଥିବା ରାଜ୍ୟ ଏମ୍ଏସ୍ଏମ୍ଇ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ବିଧାନସଭାରେ ସୂଚନା ଦେଇଛନ୍ତି। ତେବେ କେତେ କର୍ମଚାରୀ ଏବଂ ଶ୍ରମିକ ନିଯୁକ୍ତି ହରାଇଛନ୍ତି ଏବଂ କେତେ କ୍ଷୟକ୍ଷତି ହୋଇଛି ତାହାର ତଥ୍ୟ ରାଜ୍ୟ ସରକାରଙ୍କ ପାଖରେ ଉପଲବ୍ଧ ନ ଥିବା ମନ୍ତ୍ରୀ କହିଛନ୍ତି। ବ୍ୟବସାୟରେ କ୍ଷତି ସହି ସାମୟିକଭାବେ ବନ୍ଦ ଥିବା ଏମ୍ଏସ୍ଏମ୍ଇଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ପାଇଁ ସେପ୍ଟେମ୍ବର ୨୫ତାରିଖ ସୁଦ୍ଧା କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ୧,୬୧,୦୦୦ଟି ଏମ୍ଏସ୍ଏମ୍ଇକୁ ୨୮୦୦କୋଟି ଟଙ୍କାର ଋଣ ମଞ୍ଜୁର ଦିଆଯାଇଛି। ଏହାଦ୍ୱାରା ସେମାନେ ବ୍ୟବସାୟର ପୁନଃଆରମ୍ଭ କରିପାରିବେ ବୋଲି ମନ୍ତ୍ରୀ ମିଶ୍ର ବିଧାୟକ ନବଚରଣ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କହିଛନ୍ତି।



# ଖୋଲିଲା ନନ୍ଦନକାନନ

## ପ୍ରଥମ ଦିନରେ ବୁଲିଲେ ୩୦୬ ପର୍ଯ୍ୟଟକ

**ବାରଙ୍ଗ,୪।୧୦(ଡି.ଏନ୍.ଏ.)**

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ୭ ମାସ ହେଲା ବନ୍ଦ ଥିବା ପ୍ରାଣୀଉଦ୍ୟାନ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ରବିବାର ଖୋଲିଛି। ପ୍ରଥମ ଦିନରେ ୩୦୬ଜଣ ପର୍ଯ୍ୟଟକ ନନ୍ଦନକାନନ ବୁଲିବାକୁ ଆସିଥିବା ଜଣାପଡ଼ିଛି। ତେବେ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ନନ୍ଦନକାନନ କର୍ତ୍ତୃପକ୍ଷ ପର୍ଯ୍ୟଟକମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଇଛନ୍ତି। ପ୍ରତ୍ୟହ ୧୫୦୦ରୁ ଅଧିକ ସଂଖ୍ୟକ ପର୍ଯ୍ୟଟକ ଭିତରକୁ ପଶିବାରେ କଟକଣା ଲଗାଯାଇଛି। ରବିବାର ଅନଲାଇନରେ ଟିକେଟ କରି ୩୧ ପର୍ଯ୍ୟଟକ ଆସିଥିବାବେଳେ ଅଫ୍‌ଲାଇନରେ ୨୭୫ ଟିକେଟ କାଟିଥିଲେ। ସେହିଭଳି ବଟାନିକାଲ ଗାର୍ଡେନକୁ ୩୯ ପର୍ଯ୍ୟଟକ ଆସିଥିଲେ। ସମସ୍ତ ପର୍ଯ୍ୟଟକଙ୍କ ଟିକେଟ କାଉଣ୍ଟର ପାଖରେ ଥର୍ମାଲ ସ୍କ୍ରିନିଂ ସହ ପୂର୍ଣ୍ଣ ଶରୀରକୁ ସାନିଟାଇଜ ବ୍ୟବସ୍ଥା କରାଯାଇଥିଲା। ଟିକେଟ ଯାଞ୍ଚ ମେଶିନ ପାଖକୁ ଯିବା ପୂର୍ବରୁ ହାତକୁ ବିଶୋଧନ କରିବାର ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷେ ପର୍ଯ୍ୟଟକମାନେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱକୁ ଅବଲମ୍ବନ କରିବା କ୍ଷେତ୍ରରେ ଗୁରୁତ୍ୱ ଦିଆଯାଇଛି ବୋଲି ନନ୍ଦନକାନନ ସହକାରୀ ନିର୍ଦ୍ଦେଶକ ଅମୂଲ୍ୟ କୁମାର ପରିଡ଼ା କହିଛନ୍ତି।

# ୯ରେ ଆଉ ଏକ ଲଘୁଚାପ

**ଭୁବନେଶ୍ୱର,୪।୧୦(ବ୍ୟୁରୋ)**

- ଉପକୂଳରେ ଲଗାଣ ବର୍ଷା ଜାରି
- ଜନଜୀବନ ଅସ୍ତବ୍ୟସ୍ତ
- ଆସନ୍ତା ୨ ଦିନ କଟକ, ଭୁବନେଶ୍ୱରରେ ପ୍ରବଳ ବର୍ଷା


ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଜନିତ ବର୍ଷା ଶେଷ ହୋଇ ନ ଥିବାବେଳେ ଉତ୍ତର ଆଣ୍ଡାମାନ ଏବଂ କେନ୍ଦ୍ରୀୟ ବଙ୍ଗୋପସାଗର ନିକଟରେ ଆଉ ଏକ ଲଘୁଚାପ ଦାନା ବାନ୍ଧିଲାଣି। ଆସନ୍ତା ୯ତାରିଖରେ ଏହା ଲଘୁଚାପରେ ପରିଣତ ହେବ। ଏହା ଉତ୍ତର ପଶ୍ଚିମ ଦିଗ ଦେଇ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ଉପକୂଳକୁ ଗତି କରିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଏହି ଲଘୁଚାପ ଡିପ୍ରେଶନ(ଅବପାତ)ରେ ପରିଣତ ହୋଇ ରାଜ୍ୟରେ ପ୍ରବଳ ବର୍ଷା କରାଇବ। ଏହାର ପ୍ରଭାବରେ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ରାଜ୍ୟରେ ଗତ ଦୁଇଦିନ ହେବ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ଲାଗିରହିଛି। ଏହାର ପ୍ରଭାବରେ କଟକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ଯାଜପୁର, ଅନୁଗୋଳ, ଢେଙ୍କାନାଳ, ନୟାଗଡ଼, ଭଦ୍ରକ, ବାଲେଶ୍ୱର ଆଦି ଜିଲାରେ ବର୍ଷା ଲାଗିରହିଛି। ଲଗାଣ ବର୍ଷା ଯୋଗୁ ଜନଜୀବନ ବ୍ୟାହତ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର, ଅନୁଗୋଳ ଏବଂ କେନ୍ଦୁଝର ଜିଲାରେ ପ୍ରବଳ ବର୍ଷା ହେବ। ଏନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୬ତାରିଖରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହୁଛି। ଆସନ୍ତା ୨୪ ଘଣ୍ଟା ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀଙ୍କୁ ସତର୍କ କରାଯାଇଛି। କଟକ ଓ ଭୁବନେଶ୍ୱରରେ ୪୮ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ଆଡଭାଇଜରି ଜାରି ହୋଇଛି। ବିଶେଷ କାର୍ଯ୍ୟ ନ ଥିଲେ ବାହାରକୁ ନ ବାହାରିବାକୁ ପାଣିପାଗ ବିଭାଗ କହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ କଣ୍ଟାପଡ଼ାରେ ସର୍ବାଧିକ ୧୩ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ପିପିଲିରେ ୧୨ ସେମି, ପୁରୁଷୋତ୍ତମପୁରରେ ୧୧, ନୟାଗଡ଼ରେ ୮, କଣିହାଁରେ ୬, ଆଳିପିଙ୍ଗଳରେ ୬, ବରମୂଳରେ ୫, ସିମିଳିଗୁଡ଼ାରେ ୫, ଅନୁଗୋଳରେ ୫, ଛେଣ୍ଡିପଦାରେ ୫, ଗରଦପୁରରେ ୫, ଖଣ୍ଡପଡ଼ାରେ ୫, ଚାନ୍ଦବାଲିରେ ୪, ଭୁବନେଶ୍ୱରରେ ୪, ବାରକୋଟରେ ୪, ପୁରୀରେ ୪, ବୀରମହାରାଜପୁରରେ ୪, ଢେଙ୍କାନାଳରେ ୪, ଟିହିଡିରେ ୪ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି।

### ଜଗତ୍‌ସିଂହପୁର ଜିଲାପାଳ ବଦଳିଲେ

**ଭୁବନେଶ୍ୱର, ୪।୧୦(ବ୍ୟୁରୋ)**

ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ରବିବାର ରାଜ୍ୟ ସରକାର ବଦଳି କରିଛନ୍ତି। ସେ ସାଧାରଣ ପ୍ରଶାସନ ବିଭାଗର ଓଏସ୍‌ଡି ଭାବେ କାର୍ଯ୍ୟ କରିବେ। ତାଙ୍କ ସ୍ଥାନରେ ଗୃହ ବିଭାଗ ଅତିରିକ୍ତ ସଚିବ ସରୋଜ କୁମାର ମିଶ୍ରଙ୍କୁ ଅବସ୍ଥାପିତ କରାଯାଇଛି। ନଭେମ୍ବର ୩ରେ ତିର୍ତ୍ତୋଲ ଉପନିର୍ବାଚନ ହେବାକୁ ଥିବାବେଳେ ସଂଗ୍ରାମ ସ୍ଥାନୀୟ ବାସିନ୍ଦା ହୋଇଥିବାରୁ କଂଗ୍ରେସ ପକ୍ଷରୁ ତାଙ୍କ ବଦଳି ଦାବି କରାଯାଇଥିଲା।




# ବେଆଇନ ପଥର ଖାଦାନରେ ପୁଣି ମୁଣ୍ଡ ଗଡ଼ିଲା

**ଯାଜପୁର ଅଫିସ/ଧର୍ମଶାଳା/ ଜେନାପୁର(ଡି.ଏନ.ଏ.)୪।୧୦**

ଜଙ୍ଗଲ ଜମିରେ ଥିବା ବେଆଇନ ପଥର ଖାଦାନରେ ଗତ ସପ୍ତାହ ମଧ୍ୟରେ ୨ ଜଣ ଶ୍ରମିକଙ୍କ ଅକାଳ ବିୟୋଗ ଘଟିଛି। ପଥର ଖାଦାନ ଓ କମ୍ପ୍ରେସର ମାଲିକ ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରି ଗମ୍ଭାରିଆ ଗ୍ରାମର ମୃତ ଶ୍ରମିକ ମଦନ ବାର୍ଲାଙ୍କ ମୃତଦେହକୁ ବିଛାଖଣ୍ଡି ନିକଟ ଏକ କାଜୁ ବଗିଚାରେ ପୋଡ଼ିଦେଇଛନ୍ତି। ଅନ୍ୟ ଆହତ ଶ୍ରମିକ ହିମାଂଶୁ ମଲ୍ଲିକ ଚିକିତ୍ସାଧୀନ ଅଛନ୍ତି। ଜେନାପୁର ଥାନା ପୋଲିସ ଏହି ଘଟଣା ସଂକ୍ରାନ୍ତରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ନିଜ ତରଫରୁ ଏକ ମାମଲା (ନଂ ୩୧୮/୨୬।୯।୨୦୨୦) ରୁଜୁ କରି ଆଇପିସି ଦଫା ୨୮୭/୩/୩୩୭/୩୦୪(ଏ)/୨୦୧/୧୭୬/୩୭୯/୫୧୧/୩୪ ଏବଂ ୨୧ ଏମଏମଡିଆର ଆକ୍ଟ ଅନୁଯାୟୀ ବେଆଇନ ପଥର ଖାଦାନର ମାଲିକ ଅଞ୍ଜଳ ପ୍ରଧାନଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଏଯାଏ ଗିରଫ କରାଯାଇପାରିନାହିଁ। ଅନ୍ୟପକ୍ଷେ ଗତ ୨୨ ତାରିଖ ଅପରାହ୍ଣରେ କୁସୁନପୁର ଜଙ୍ଗଲରେ ଚାଲିଥିବା ବେଆଇନ ପଥର ଖାଦାନରେ ପଡି ମୁରାରିପୁର ଗ୍ରାମର ଜଣେ ଶ୍ରମିକଙ୍କ ମୃତ୍ୟୁ ରହସ୍ୟ ଏଯାଏ ପର୍ଦ୍ଦାଫାଶ ହୋଇ ପାରିନାହିଁ। ଏହି ମୃତ୍ୟୁ ଘଟଣାକୁ ଦୁର୍ଘଟଣାର ରୂପ ଦେଇ ଚପାଇ ଦିଆଯାଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଗତ ୨୬ ତାରିଖରେ ଜେନାପୁର ଥାନା ଅନ୍ତର୍ଗତ ଅଞ୍ଜିରା ପଞ୍ଚାୟତ ଗମ୍ଭାରିଆ ଗ୍ରାମର ଶ୍ରମିକ ମଦନ ବାର୍ଲା ଓ ହିମାଂଶୁ ମଲ୍ଲିକ ବିଛାଖଣ୍ଡିର ଏକ ବେଆଇନ ପଥର ଖାଦାନରେ ଡ୍ରିଲିଂ କାର୍ଯ୍ୟରେ ନିୟୋଜିତ ଥିଲେ। ଅଭିଯୁକ୍ତ ଧର୍ମଶାଳା ବ୍ଲକ ଏଣ୍ଡଲବା ପଞ୍ଚାୟତ ରାଧାକାନ୍ତପୁର ଗ୍ରାମର ଅଞ୍ଜଳ ପ୍ରଧାନ ଏହି ଶ୍ରମିକମାନଙ୍କୁ ନିୟୋଜିତ କରିଥିଲେ। ଏହି ସମୟରେ ପାହାଡ ଉପରୁ ଏକ ବଡ ପଥର ଉଭୟ ଶ୍ରମିକଙ୍କ ଦେହରେ ପଡ଼ିଥିଲା। ସେମାନଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନା ନେବା ବାଟରେ ମଦନଙ୍କ ମୃତ୍ୟୁ ହୋଇଥିଲା। ଫଳରେ ମଦନଙ୍କ ମୃତଦେହକୁ ଫେରାଇ ଆଣି ବିଛାଖଣ୍ଡି ପାହାଡ଼ ନିକଟ ଏକ କାଜୁ ଜଙ୍ଗଲରେ ପୋଡ଼ି ଦିଆଯାଇଥିଲା। ଘଟଣାର ସାକ୍ଷ୍ୟ ପ୍ରମାଣକୁ ନଷ୍ଟ କରିବାକୁ ଯାଇ ମଦନଙ୍କ ପରିବାରବର୍ଗ କିମ୍ବା ପୋଲିସକୁ କୌଣସି ସୂଚନା ଦିଆଯାଇ ନ ଥିଲା। ଜେନାପୁର ଥାନା ପୋଲିସ ଏନେଇ ତଦନ୍ତ କରିବା ପରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ହେଲେ ଗତ ୫ ବର୍ଷ ମଧ୍ୟରେ ବେଆଇନ ଖାଦାନଗୁଡ଼ିକରେ ୨୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ମୃତ୍ୟୁ ହେଲାଣି। ଯେଉଁ ଘଟଣା ଲୋକଲୋଚନକୁ ଆସୁଛି ସେନେଇ କାର୍ଯ୍ୟାନୁଷ୍ଠାନ ହେଉଥିବାବେଳେ ଅନେକ ଘଟଣାକୁ ଚାପି ଦିଆଯାଉଛି। ବିଛାଖଣ୍ଡି ପାହାଡ଼ ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଜେନାପୁର ଆଇଆଇସି ଆଶିଷ କୁମାର ସାହୁ ପ୍ରକାଶ କରିଛନ୍ତି।

**ପ୍ରମାଣ ନଷ୍ଟ ଉଦ୍ୟମ, ପୋଡ଼ିଦେଲେ ମୃତଦେହ**

**ଖାଦାନ ମାଲିକ ଗିରଫ**


ବିଛାଖଣ୍ଡି ପାହାଡ଼

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଅଲିସ୍କା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବାଘ ନ ଦେଖିଲେ ବିଲେଇ ଦେଖ**
**ଠକ ନ ଦେଖିଲେ ବଣିଆ ଦେଖ।**
ବାଘ ଓ ବିଲେଇ ଦୁହେଁ ଦେଖିବାକୁ ପ୍ରାୟତଃ ଏକାପରି ହୋଇଥାନ୍ତି। କେବଳ ଆକାରରେ ଯାହା କିଛି ଫରକ ବା ପ୍ରଭେଧ ରହିଥାଏ। ସେହିପରି ସୁନାରି ବଣିଆ ଅଳଙ୍କାର ତିଆରି କରିବା ସମୟରେ ଖାଦ ମିଶାଇ ପ୍ରକୃତ ସୁନାର କିଛି ପରିମାଣ ଅପହରଣ କରି ନେଇଥାନ୍ତି। ଏଣୁ ସବୁ ଠକଙ୍କ ମଧ୍ୟରେ ସେ ହିଁ ପ୍ରତ୍ୟକ୍ଷ ଠକ ଭାବେ ବିବେଚନା ହୋଇଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ବନ୍ଧୁ ପରିଗୁଣ ଅଧାବାଟରୁ,**
**ଗାଁ ପରିମଳ ଧୋବା ତୁଠରୁ।**
ବନ୍ଧୁର ମହତ୍ତ୍ୱ ତା' ପ୍ରାରମ୍ଭିକ ଆଚରଣରୁ ହିଁ ଜଣାପଡ଼ିଯାଏ। ଅନ୍ତରର ନିର୍ମଳତାରୁ ଆଚରଣକୁ ଜାଣି ହୁଏ। ସେହିପରି ଧୋବା ତୁଠରୁ ଗାଁର ପରିଷ୍କାର ପରିଚ୍ଛନ୍ନତା ବିଷୟରେ ସମ୍ୟକ ଧାରଣା ସୃଷ୍ଟି ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ମାତୃତ୍ୱ ଲାଭ କରିଛନ୍ତି ସଂଖ୍ୟାଲଘୁ ସମ୍ପ୍ରଦାୟର ୬ ନାବାଳିକା

**ଭୁବନେଶ୍ୱର,୪।୧୦(ବ୍ୟୁରୋ)**
ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନରେ ପରିଚାଳିତ ବିଦ୍ୟାଳୟଗୁଡ଼ିକରେ ଗତ ୫ବର୍ଷ ମଧ୍ୟରେ ୬ଜଣ ନାବାଳିକା ଅସଦାଚରଣ ଏବଂ ଯୌନ ଶୋଷଣର ଶିକାର ହୋଇ ମାତୃତ୍ୱ ଲାଭ କରିଛନ୍ତି। ଏନେଇ ବିଧାନସଭାରେ ତଥ୍ୟ ରଖିଛନ୍ତି ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକା। କନ୍ଧମାଳ ଜିଲାର ଲିଙ୍ଗାଗଡ଼ ସରକାରୀ(ଏସ୍ଏସ୍‌ଡି) ବାଳିକା ଉଚ୍ଚ ବିଦ୍ୟାଳୟର ଜଣେ ୧୦ମ ଶ୍ରେଣୀର ଝିଅ ତାଙ୍କ ନିକଟ ସମ୍ପର୍କୀୟଙ୍କ ଦ୍ୱାରା ଗର୍ଭବତୀ ହୋଇ ୨୦୧୫ ଜାନୁୟାରୀରେ ଏକ ଶିଶୁପୁତ୍ରକୁ ଜନ୍ମ ଦେଇଥିଲେ। ସେହିଭଳି କୋରାପୁଟ ଉମ୍ରି ଆଶ୍ରମ ସ୍କୁଲ୍‌ର ୬ଷ୍ଠ ଶ୍ରେଣୀର ଜଣେ ଛାତ୍ରୀ ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ଗର୍ଭବତୀ ହୋଇ ୨୦୧୫ ଫେବୃୟାରୀରେ ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ତେବେ ସ୍କୁଲ୍ କର୍ତ୍ତୃପକ୍ଷ ଘଟଣାକୁ ଲୁଚାଇବା ସହ ସମ୍ପୃକ୍ତ ନାବାଳିକାଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ନ ଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଆଉଏକ ଘଟଣାକ୍ରମେ କୋରାପୁଟ ବାଲ୍‌ଦା ବଳିକା ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀର ଜଣେ ଛାତ୍ରୀ ଉକ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇ ଗର୍ଭବତୀ ହୋଇଥିଲେ। ଘଟଣାରେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କୁ ଗିରଫ କରାଯାଇଥିଲା। ସେହିପରି କନ୍ଧମାଳ ଦାରିଙ୍ଗବାଡ଼ି ହାଇସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ରୀ ତାଙ୍କ ଗ୍ରାମର ଜଣେ ବ୍ୟକ୍ତିଙ୍କ ଦ୍ୱାରା ଗର୍ଭବତୀ ହୋଇ୨୦୧୯ରେ ହଷ୍ଟେଲରେ ଏକ ଶିଶୁକୁ ଜନ୍ମ ଦେଇଥିଲେ। ସେହିବର୍ଷ ଢେଙ୍କାନାଳର ଶପ୍ତଶଯ୍ୟା ଆଶ୍ରମ ସ୍କୁଲ୍‌ର ଜଣେ ଛାତ୍ରୀ ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ଏବଂ ମୟୂରଭଞ୍ଜର ଶାଳଖୁଣ୍ଟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ଜଣେ ଛାତ୍ରୀ ନିଜ ଗ୍ରାମର ଜଣେ ଯୁବକଙ୍କ ଦ୍ୱାରା ଗର୍ଭବତୀ ହୋଇଥିଲେ।

# ୪ ଶିଳ୍ପସଂସ୍ଥାରେ ୩୪,୧୦୫ ନିଯୁକ୍ତି

**ଭୁବନେଶ୍ୱର,୪।୧୦(ବ୍ୟୁରୋ)**
ଝାରସୁଗୁଡ଼ା, ଢେଙ୍କାନାଳ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲାରେ ଥିବା ୪ଟି କାରଖାନାରେ ୩୪,୧୦୫ ଜଣ ଲୋକ କର୍ମସଂସ୍ଥାନ ପାଇଛନ୍ତି। ଏଥିମଧ୍ୟରୁ ଢେଙ୍କାନାଳର ମେରାମୁଣ୍ଡଳୀଠାରେ ଥିବା ଭୂଷଣ ଇସ୍ପାତ କାରଖାନାରେ ସର୍ବାଧିକ ୧୮,୮୦୧ ଜଣ ନିଯୁକ୍ତି ପାଇଛନ୍ତି। ସେହିପରି ଝାରସୁଗୁଡ଼ାସ୍ଥିତ ବେଦାନ୍ତ ଆଲୁମିନିୟମରେ ୯,୭୩୧, ସମ୍ବଲପୁର ଲାପଙ୍ଗସ୍ଥିତ ହିଣ୍ଡାଲ୍‌କୋର ଆଦିତ୍ୟ ଆଲୁମିନିୟମ କାରଖାନାରେ ୩,୫୭୩ ଏବଂ ସୁନ୍ଦରଗଡ଼ ଦର୍ଲିପାଲିସ୍ଥିତ ଏନ୍‌ଟିପିସି ତାପଜ କେନ୍ଦ୍ରରେ ୨ହଜାର ଲୋକଙ୍କୁ କର୍ମସଂସ୍ଥାନ ମିଳିଛି। ଏହି ଶିଳ୍ପସଂସ୍ଥାରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାର ସମ୍ପୃକ୍ତ ସଂସ୍ଥାଗୁଡ଼ିକ ସହ ଏମ୍ଓୟୁ ସ୍ୱାକ୍ଷର କରିଛନ୍ତି। ଶିଳ୍ପ କାରଖାନାରେ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କର୍ତ୍ତୃପକ୍ଷଙ୍କ ଅନୁମୋଦନକ୍ରମେ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ତଦନୁଯାୟୀ ପ୍ରକଳ୍ପଗୁଡ଼ିକରେ ଅଣକୁଶଳୀ ଓ ଅର୍ଦ୍ଧକୁଶଳୀସ୍ତରରେ ଆବଶ୍ୟକ ଥିବା ପଦବୀ ମଧ୍ୟରୁ ୯୦ପ୍ରତିଶତ ସ୍ଥାନୀୟ ଲୋକଙ୍କ ଦ୍ୱାରା ପୂରଣ କରାଯିବ। କୁଶଳୀ ଶ୍ରମିକଙ୍କ ପାଇଁ ଥିବା ପଦବୀ ମଧ୍ୟରୁ ୬୦ପ୍ରତିଶତ ଓ ପରିଚାଳନା କ୍ଷେତ୍ରରେ ଥିବା ପଦବୀ ମଧ୍ୟରୁ ଅତିକମ୍‌ରେ ୩୦ ପ୍ରତିଶତ ସ୍ଥାନୀୟ ଯୁବତୀଯୁବକଙ୍କ ଦ୍ୱାରା ପୂରଣ ହେବାର ନିୟମ ରହିଛି। ଏହି କାରଖାନାଗୁଡ଼ିକ ୭୬,୬୧୮.୬୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି ବିଧାନସଭାରେ ବିଧାୟିକା କୁସୁମ ଟେଟେଙ୍କ ଏକ ଲିଖିତ ଉତ୍ତରରେ ବିଭାଗୀୟ ମନ୍ତ୍ରୀ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆପଣ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ସବୁ କିଛି ଶୁଣି ପାରିବା ପରେ ଫେରିବା ସମୟକୁ ମନଦୁଃଖ କରି ବହୁତ ଅନୁରୋଧପୂର୍ଣ୍ଣ କଥା କହିବେ। ଅତ୍ୟଧିକ ଭ୍ରମଣଜନିତ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

**ବୃଷ**
ଆସନ୍ତାକାଲିର ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧପଡ କରିବାକୁ ପଡିବ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ପାରିବାରିକ ସ୍ଥିତିକୁ ଦେଖି ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ।

**ମିଥୁନ**
ପରିସ୍ଥିତିକୁ ଆଖିଆଗରେ ରଖି ଇଚ୍ଛା ନ ଥିଲେ ସୁଧା ହଠାତ୍ ଦୂରକୁ ଯିବାକୁ ପଡିବ। କେତେକ କଥା କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତବୋଧ କରିପାରନ୍ତି।

**କର୍କଟ**
କେତେକ ଅପ୍ରୀତିକର ପରିସ୍ଥିତିର ସାମନା କରି ଆଜି ପରିବାରର କୌଣସି ବ୍ୟକ୍ତିଙ୍କ ମନରେ ସରସତା ଆଗଭଳି ରହିବ ନାହିଁ। ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବାରୁ ସାମୟିକ ଖୁସୀ ରହିବେ। ପରିବାରର ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ସିଂହ**
ଆଗାମୀ ସମୟର ପରିସ୍ଥିତି ବିଷୟକୁ ନେଇ ଖସଡା ପ୍ରସ୍ତୁତ କରିପାରନ୍ତି। ବହୁତ ଦିନ ପରେ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ।

**କନ୍ୟା**
ବିଭିନ୍ନ ପ୍ରକାରର କାରଣକୁ ନେଇ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ତରବର ନ ହୋଇ ଧୀରସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**ତୁଳା**
ବିଭିନ୍ନ ପ୍ରକାରର ଅସୁବିଧା ଭିତରେ ଗତି କରୁଥିବାରୁ ଧୀରେ ଧୀରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିବ। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ଆକସ୍ମିକଭାବରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। ଚାକିରିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା**
ପାରିବାରିକ କ୍ଷେତ୍ରର କୌଣସି ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡିତ କରିବ। କର୍ମକ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ମଧ୍ୟ ବିଭିନ୍ନ ପ୍ରକାରର ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପ୍ରତିଟି କ୍ଷେତ୍ରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ଏମିତି କେତେକ ପରିସ୍ଥିତି ଭିତରେ ଚଳିବାକୁ ବାଧ ହେବେ।

**ଧନୁ**
ସାମାଜିକ ସ୍ତରର ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଘରର ବରାଦ ଅନୁଯାୟୀ ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିବାକୁ ବାଧ ହେବେ। ବ୍ୟବସାୟ,ପରିବହନ, ଅର୍ଥ ସମ୍ପର୍କ, ସଭା ସମିତି ଓ ଆନୁଷ୍ଠାନିକ କାମରୁ ମନ ଖୁସୀ ରହିବ। ବନ୍ଧୁମାନଙ୍କ ସହାୟତାରେ ପାରିବାରିକ ସମସ୍ୟାକୁ ସୁଧାରି ନେବେ।

**ମକର**
ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପାଖ, ପଡୋଶୀଙ୍କ ସହଯାତ୍ରୀ ହୋଇ ଆଜି ସୁଖଭ୍ରମଣ ଯୋଗ ରହିଛି। କଳା, ସାହିତ୍ୟରେ ଉନ୍ନତି କରି ସଭାସମିତିରେ ପ୍ରଶଂସିତ ହେବେ। ଟିକିଏ କଥାରେ ରାଗିଯାଇ ଯାହା ପଡିଲା ତାହା କହି ପକାଇବେ, ଫଳରେ କିଛି ସମସ୍ୟା ଆସିପାରେ।

**କୁମ୍ଭ**
ଆତ୍ମୀୟସ୍ୱଜନଙ୍କ ସହାୟତାରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ନିଜର ପ୍ରିୟ ବନ୍ଧୁଙ୍କୁ ମିଶନ୍ତୁ, ସେ ଅବଶ୍ୟ ଆପଣଙ୍କୁ କିଛିଟା ସାହାଯ୍ୟ କରିପାରନ୍ତି।

**ମୀନ**
ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯିବେ। ପୁନଶ୍ଚ ଏକାଧିକ କାମରେ ହାତ ଦିଅନ୍ତୁ ନାହିଁ, ଯାହା କି ବ୍ୟସ୍ତତାର କାରଣ ହୋଇପାରେ। ଅପରାହ୍ନରେ ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ। କର୍ମଜଞ୍ଜାଳ ବଢିବା କାରଣରୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବେ।

ଆଜି ଆଶ୍ୱିନ ମଳକୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ସୋମବାର, ଅକ୍ଟୋବର ୫ତାରିଖ, ବିଶ୍ୱ ଶିକ୍ଷକ ଦିବସ, ବିଶ୍ୱ ପର୍ଯ୍ୟାବାସ ଦିବସ (ଅକ୍ଟୋବର ପ୍ରଥମ ସୋମବାର),ରାଶିନକ୍ଷତ୍ର-ଦିବା ଘ.୦୨.୫୬ମି. ଗତେ କୃତ୍ତିକା/ମେଷ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମିଥୁନ ରାଶିର ଘାତବାର, ଦିବା ଘ.୦୫.୪୨ମି. ଗତେ ଘ.୦୭.୧୬ମି. ମଧ୍ୟେ, ଘ.୦୮.୫୦ମି.ଗତେ ଘ.୧୧.୧୧ମି. ମଧ୍ୟେ, ରାତ୍ରି ଘ.୦୭.୫୪ମି. ଗତେ ଘ.୧୧.୧୦ମି. ମଧ୍ୟେ, ଘ.୦୨.୨୬ମି.ଗତେ ଘ.୦୩.୧୫ମି. ମଧ୍ୟେ ଅମୃତ ବେଳା। ସକାଳ ଘ.୦୭.୧୦ମି. ଗତେ ଘ.୦୮.୩୮ମି.ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ପରଲୋକରେ ମହାରଥୀ

ଏହା ପରେ ତାଙ୍କ ମରଶରୀରକୁ ପିପିଲି ଖୋରାପଦାସ୍ଥିତ ପୈତୃକ ବାସଭବନକୁ ନିଆଯାଇଥିଲା। ସେଠାରୁ ଏକ ବିରାଟ ଶୋଭାଯାତ୍ରାରେ ମହାରଥୀଙ୍କ ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା।

ସ୍ୱର୍ଗତ ମହାରଥୀ ୧୯୫୫ ଜୁଲାଇ ୪ରେ ପିପିଲିରେ ଜନ୍ମଗ୍ରହଣ କରିଥିଲେ। ଭୁବନେଶ୍ୱର ରାଜଭବନ ସ୍କୁଲରୁ ସେ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ। ପରେ ପିପିଲିର ପାଣିଦୋଳ ପ୍ରାଥମିକ ସ୍କୁଲ, ମାଧିପୁର ପ୍ରାଥମିକ ସ୍କୁଲ, ଦଶପଲ୍ଲା ସରକାରୀ ପ୍ରାଥମିକ ସ୍କୁଲ ଏବଂ ବାଙ୍କୀସ୍ଥିତ ବରେନ୍ଦ୍ର ବିଦ୍ୟାପୀଠ ଏବଂ ଭୁବନେଶ୍ୱର ୬ନମ୍ବର ହାଇସ୍କୁଲରେ ପାଠ ପଢ଼ିଥିଲେ। ସେ ପୁରୀ ଏସ୍‌ସିଏସ୍ କଲେଜରେ ଉଚ୍ଚଶିକ୍ଷା ଗ୍ରହଣ କରିଥିଲେ। କଲେଜରେ ପାଠ ପଢ଼ିବାବେଳେ ସେ ଛାତ୍ର ସଂସଦର ସମ୍ପାଦକ ଓ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ୧୯୭୫ ଜରୁରିକାଳୀନ ସମୟରେ ମେଣ୍ଟେନାନ୍ସ ଅଫ୍ ଇଣ୍ଟରନାଲ୍ ସିକ୍ୟୁରିଟି ଆକ୍ଟ(ମିଶା)ରେ ସେ ଗିରଫ ହୋଇ ଜେଲ ଯାଇଥିଲେ। ଏଥିପାଇଁ ମହାରଥୀଙ୍କୁ ୧୭ ମାସ ଜେଲରେ ରହିବାକୁ ପଡିଥିଲା। ସେ ବିଜୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ଥିଲେ। ୧୯୮୪ରେ ସେ ପଞ୍ଚାୟତ ସମିତି ନିର୍ବାଚନରେ ହାରି ଯାଇଥିଲେ ମଧ୍ୟ ୧୯୮୫ରେ ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରଥମ ଥର ପାଇଁ ଜନତା ଦଳର ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ୧୯୯୦ରେ ସେ ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇ ବିଧାନସଭାରେ ଉପମୁଖ୍ୟ ସଚେତକ ଦାୟିତ୍ୱ ତୁଲାଇଥିଲେ। ପରେ ବିଜୁ ଜନତା ଦଳର ପ୍ରାର୍ଥୀଭାବେ ସେ ଲଗାତର ୨୦୦୦, ୨୦୦୪, ୨୦୦୯, ୨୦୧୪ ଏବଂ ୨୦୧୯ରେ ବିଜୟଲାଭ କରି ଆସିଥିଲେ। ପିପିଲି ନିର୍ବାଚନ ମଣ୍ଡଳୀରୁ ୭ ଥର ବିଜୟୀ ହୋଇ ଜଣେ ଦକ୍ଷ ସଂଗଠନ ଓ ଜନନେତା ଭାବେ ନିଜକୁ ପ୍ରତିପାଦିତ କରି ପାରିଥିଲେ। ମହାରଥୀ ରାଜ୍ୟ ମନ୍ତ୍ରିମଣ୍ଡଳରେ ଦୁଇଥର ବିଭିନ୍ନ ବିଭାଗର କ୍ୟାବିନେଟ ମନ୍ତ୍ରୀ ଦାୟିତ୍ୱ ସମ୍ଭାଳିଥିଲେ। ୨୦୧୧ରୁ ୨୦୧୨ ଯାଏ କୃଷି ମନ୍ତ୍ରୀ ଥିଲେ। ୨୦୧୪ରୁ ୨୦୧୭ ଯାଏ ସେ କୃଷି, ମତ୍ସ୍ୟ ପ୍ରାଣୀ ସମ୍ପଦ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ଏହାଛଡ଼ା ସେ ପୁରୀ- ନିମାପଡା ସମବାୟ ବ୍ୟାଙ୍କର ସଭାପତି, ପୁରୀ କାର୍ଡ ବ୍ୟାଙ୍କର ସଭାପତି, ଓ ମାର୍କଫେଡର ଅଧ୍ୟକ୍ଷ ପଦବୀରେ ରହିଥିଲେ। ସେ କୃଷିମନ୍ତ୍ରୀ ଥିବାବେଳେ ରାଜ୍ୟକୁ କୃଷି କର୍ମଣ ପୁରସ୍କାର ମିଳିଥିଲା। ମହାରଥୀଙ୍କ ବିୟୋଗରେ ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ଆରମ୍ଭକରି ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରତାପ ଷଡ଼ଙ୍ଗୀ, ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି। ସେହିପରି ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ବରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଖଦି ବୋର୍ଡ ପୂର୍ବତନ ଅଧ୍ୟକ୍ଷ ତେଜେଶ୍ୱର ପରିଡାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।


ପୁରୀ ସ୍ୱର୍ଗଦ୍ୱାରରେ ମହାରଥୀଙ୍କ ପାର୍ଥିବ ଶରୀରକୁ ଅନ୍ତିମ ସଂସ୍କାର ପାଇଁ ନିଆଯାଉଛି।

### ଜୁଲାଇ ସୁଦ୍ଧା ୨୫ ...

ସରକାରୀ ଓ ଘରୋଇ କର୍ମଚାରୀଙ୍କୁ ଟିକା ପ୍ରଦାନରେ ପ୍ରାଥମିକତା ଦିଆଯିବ ବୋଲି ସେ କହିଛନ୍ତି। ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ ଗୋଷ୍ଠୀ ଟିକାକରଣର ସମସ୍ତ ଦିଗକୁ ଦୃଷ୍ଟି ଦେଉଛନ୍ତି ବୋଲି ସୋସିଆଲ ମିଡିଆ ଅନୁଗାମୀଙ୍କ ସହ କାର୍ଯ୍ୟକ୍ରମରେ କଥାବାର୍ତ୍ତା ବେଳେ ହର୍ଷବର୍ଦ୍ଧନ କହିଛନ୍ତି। ଟିକା ପ୍ରସ୍ତୁତି ପରେ ତାହାର ଉଚିତ ଏବଂ ସମାନ ବଣ୍ଟନକୁ ନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ଦିନରାତି କାର୍ଯ୍ୟ କରୁଛନ୍ତି। ଆମର ସର୍ବୋଚ୍ଚ ପ୍ରାଥମିକତା ହେଉଛି ଦେଶର ପ୍ରତ୍ୟେକଙ୍କ ପାଇଁ କିପରି ଏକ ଟିକା ସୁନିଶ୍ଚିତ କରାଯିବ ବୋଲି ହର୍ଷବର୍ଦ୍ଧନ କହିଛନ୍ତି। ଟିକାକରଣ କାର୍ଯ୍ୟରେ କୌଣସି ପରିବର୍ତ୍ତନ ଓ ବ୍ଲାକ ମାର୍କେଟିଂ ହେବ ନାହିଁ ବୋଲି ସୋସିଆଲ ମିଡିଆ ଅନୁଗାମୀଙ୍କୁ ଆଶ୍ୱାସନା ଦେଇ ହର୍ଷବର୍ଦ୍ଧନ କହିଛନ୍ତି, ପୂର୍ବ ନିର୍ଦ୍ଧାରିତ ପ୍ରାଥମିକତା ଏବଂ ପ୍ରୋଗ୍ରାମିଂ ଅନୁଯାୟୀ ଟିକା ବଣ୍ଟନ କରାଯିବ। ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ସକାଶେ ଆଗାମୀ ଦିନରେ ସମଗ୍ର ପ୍ରକ୍ରିୟାକୁ ସାର୍ବଜନୀନ କରାଯିବ। ଭାରତରେ ରୁଷିଆର 'ସ୍ପୁଟ୍ନିକ-ଭି' ଟିକାର ସିଧା ୩ୟ ପର୍ଯ୍ୟାୟ କ୍ଲିନିକାଲ ଟ୍ରାଏଲ କରାଯିବା ନେଇ ପ୍ରଶ୍ନ ଉଠିବାରୁ ହର୍ଷବର୍ଦ୍ଧନ ସ୍ପଷ୍ଟ କରିଥିଲେ ଯେ, ଏ ସମ୍ପର୍କରେ ବିଚାର ଚାଲିଛି, କୌଣସି ନିଷ୍ପତ୍ତି ନିଆଯାଇନାହିଁ। ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ, ଗୋଟିଏ ଟିକା ଅନ୍ୟ ତୁଳନାରେ ଶ୍ରେଷ୍ଠତା ଉପରେ ମନ୍ତବ୍ୟ କରିବା ସମ୍ଭବ ନୁହେଁ। ଯଦି ଆମ ପାଖରେ ଏକାଧିକ ଟିକା ଉପଲବ୍ଧ ହେବ, ସେଗୁଡ଼ିକ ନିରାପଦ ଏବଂ କରୋନା ବିରୋଧରେ ଆବଶ୍ୟକ ପ୍ରତିରୋଧକ ଶକ୍ତି ସୃଷ୍ଟି କରିବା ଆବଶ୍ୟକ। ଏପରି କି ଭାରତ ବାହାରେ କ୍ଲିନିକାଲ ପରୀକ୍ଷଣରେ ନିରାପଦ, ପ୍ରତିରକ୍ଷାତ୍ମକ ଏବଂ ପ୍ରଭାବଶାଳୀ ବୋଲି ପ୍ରମାଣିତ ହୋଇଥିବା ସମସ୍ତ ଟିକା ଭାରତୀୟଙ୍କ ପାଇଁ ସୁରକ୍ଷିତ ଓ ପ୍ରଭାବଶାଳୀ କି ନୁହେଁ ତାହା ଜାଣିବା ଲାଗି ଅଧ୍ୟୟନ କରାଯିବ ବୋଲି ହର୍ଷବର୍ଦ୍ଧନ କହିଛନ୍ତି।

### ୯୦୦ ଟପିଲା କରୋନା...

୧୪୯ ମୃତକଙ୍କ ସହ ଦ୍ୱିତୀୟରେ ଖୋର୍ଦ୍ଧା ଓ ତୃତୀୟରେ ଥିବା କଟକ ଜିଲାରୁ ୭୭ଜଣ ମରିଛନ୍ତି। ରାଜ୍ୟର ଅନ୍ୟସବୁ ଜିଲାରେ କରୋନା ମୁଣ୍ଡ ନେଇଥିବାବେଳେ କେବଳ ଦେବଗଡ଼ରେ ଏପର୍ଯ୍ୟନ୍ତ କୌଣସି ଆକ୍ରାନ୍ତ ମରି ନ ଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡ଼ିଛି। ସେହିଭଳି ରାଜ୍ୟରେ ଆଉ ୩,୩୨୬ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧,୯୪୫ଜଣଙ୍କୁ କ୍ୱାରାଣ୍ଟାଇନ ସେଣ୍ଟରରୁ ଚିହ୍ନଟ କରାଯାଇଥିବାବେଳେ ୧,୩୮୧ଜଣ ସ୍ଥାନୀୟ ଆକ୍ରାନ୍ତ ବୋଲି ଜଣାପଡ଼ିଛି। ତେବେ ଏମାନଙ୍କ ମଧ୍ୟରୁ ଖୋର୍ଦ୍ଧାରୁ ୬୩୮ଜଣ ଥିବାବେଳେ କଟକ ୨୬୮, ଯାଜପୁର ୧୪୮, ନୂଆପଡ଼ା ୧୪୭, ପୁରୀ ୧୪୦, ବାଲେଶ୍ୱର ୧୨୨, ଅନୁଗୋଳ ୧୧୯, ଝାରସୁଗୁଡ଼ା ଓ ସମ୍ବଲପୁରରୁ ୧୦୭ଜଣ ଲେଖାଏ, ବଲାଙ୍ଗୀର ଓ କେନ୍ଦ୍ରାପଡ଼ାରୁ ୧୦୩ଜଣ ଲେଖାଏ ଏବଂ କେନ୍ଦୁଝର ୧୦୧ଜଣ ରହିଛନ୍ତି। ଅନ୍ୟସବୁ ଜିଲାରେ ନୂଆ ସଂକ୍ରମଣ ସଂଖ୍ୟା ଏହା ତଳକୁ ରହିଥିବାବେଳେ ଦେବଗଡ଼ରେ ସର୍ବନିମ୍ନ ୨୧ଜଣ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୨,୩୨,୭୧୩କୁ ବୃଦ୍ଧି ପାଇଛି। ଅପରପକ୍ଷରେ ରାଜ୍ୟରେ ଆଉ ୪,୧୦୮ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆରୋଗ୍ୟ ସଂଖ୍ୟା ୨,୦୨,୩୦୨ରେ ପହଞ୍ଚିଛି। ତେଣୁ ମୃତକ ଓ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କୁ ବାଦ୍‌ଦେଲେ ରବିବାର ସୁଦ୍ଧା ମୋଟ ୨୯,୫୦୪ଜଣ ସକ୍ରିୟ ସଂକ୍ରମିତ ରହିଛନ୍ତି।

## classifieds Everyday
0674-2580101, 2549302

real estate

**SALE**

**Hurry Up Get a Golden Chance at Swan Regale Puri only 1BHK, 2BHK around 2lac. 8594915594.** D-18485

ଘରବାରି ବାଉଣ୍ଡରୀ ଚାଲୁଥିବା କୁକୁଡ଼ା ଫାର୍ମ 30,000 ସମସ୍ତ ଫାର୍ମ ସରଞ୍ଜାମ ଅଫିସ ଦୁଇ ମହଲା ଘର ୩୦୦୦ବର୍ଗ ଫୁଟ ଲେବର କଲୋନୀ, ବୋରୱେଲ, କୂଅ, ଦାନାମିଲ ଇତ୍ୟାଦି ବିକ୍ରିହେବ। ରେଲୱେ ଷ୍ଟେସନ ୬ କି.ମି। ନୟାଗଡ ୮କିମି। ମୂଲ୍ୟ- ୩୯୫୦୦୦୦୦। Mob: 7008554016, 6370200298. D-18447

**Plot sale near AIIMS Hospital, Bhubaneswar with 30' road, 9439206202.** D-69174

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69179

ଗଙ୍ଗପଡ଼ାରେ ଲେଆଉଟ୍ ଆପ୍ରୋଭାଲ ଥାଇ NH5 ରୁ 1.5km ମଧ୍ୟରେ ଘରବାରି ବାସୋପଯୋଗୀ ପ୍ଲଟ୍ ମିଳୁଅଛି। 7735922768. D-69177

**ଭୁବନେଶ୍ୱର ସୁନ୍ଦରପଦା Xavier University ନିକଟରେ sqft-199/- plot ବିକ୍ରିହେବ। 9337285332, 6372047313.** D-69176

to-let

House to-let on Acharya Vihar main road facing for Office purpose. Contact: 9777059192. D-67570

healthcare

Get good massage for your health the best therapy SPA Station. 7655024727, 8118079281. D-69555

Newly open SPA centre smart therapist full body massage: 8114970372. D-59964

Newly open SPA centre smart therapist full body massage: 7205187702. D-59963

Newly open SPA centre smart therapist full body massage: 7846814019. D-59962

Rejuvenate and Ayurvedic full body massage by smart therapist. 9348123330. D-69771

Newly open full body massage SPA in Bhubaneswar. Contact: 7205058838. D-69770

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69768

Herbal full body massage by smart / expert therapist. Contact: 8338067247. D-69765

Get refreshment body massage by expert therapist contact for. 9556978408. D-69766

Swarna SPA newly open positively health benefits with expert therapist. 7873794731. D-69767

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଗଜପତିରୁ ୨୨ ପଜିଟିଭ ଚିହ୍ନଟ

ପାରଳାଖେମୁଣ୍ଡି,୪।୧୦(ସ୍ୱ.ପ୍ର.)- ଗଜପତିରୁ ରବିବାର ୨୨ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୬୪୦ରେ ପହଞ୍ଚିଛି। ପାରଳାଖେମୁଣ୍ଡି ପୌରାଞ୍ଚଳରୁ ସର୍ବାଧିକ ୯ଜଣ, ଗୋଷାଣୀ ବ୍ଲକରୁ ୪, କାଶୀନଗରୁ ୪, ଆର୍.ଉଦୟଗିରିରୁ ୩ ଏବଂ ମୋହନାରୁ ୨ଜଣ ଚିହ୍ନଟ ହୋଇଥିବା ଜିଲାପାଳ ଅନୁପମ ସାହା ପ୍ରେସ୍ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି। ମୋଟ ୭୧୬ ଜଣଙ୍କ କରୋନା ପରୀକ୍ଷା କରାଯାଇଥିଲା।

### ବୃନ୍ଦାବନ ନିବାସରେ ଚାରାରୋପଣ

ପାରଳାଖେମୁଣ୍ଡି,୪।୧୦(ସ୍ୱ.ପ୍ର.)- ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ବୃନ୍ଦାବନ ନିବାସ ତଥା ବସନ୍ତ ନିବାସ ପ୍ରାସାଦ ପରିସରରେ ଚାରାରୋପଣ କରାଯାଇଛି। ।ନୀୟ ଯୁବକ ଏକତ୍ରିତ ହୋଇ ବନବିଭାଗର ସହଯୋଗରେ ଆମ୍ୱ, ଅଁଳା, ନିମ୍ବ ଇତ୍ୟାଦି ଚାରା ରୋପଣ କରିଥିଲେ। ଏହା ସହ ବୃନ୍ଦାବନ ନିବାସର ପରିସରକୁ ସଫେଇ କରିଥିଲେ। ପ୍ରକୃତି ପ୍ରେମୀ ତ୍ରିପତି ପ୍ରସାଦ ପଣ୍ଡା କହିଛନ୍ତି ଯେ, ପ୍ରଦୂଷଣ ସମଗ୍ର ଦେଶରେ ମୁଣ୍ଡବ୍ୟଥାର କାରଣ ପାଲଟିଛି, ଏହାର ପ୍ରତିକାର ପାଇଁ ବୃକ୍ଷ ହିଁ ଏକ ମାତ୍ର ବିକଳ୍ପ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅରୁଣ କୁମାର ବେହେରା, ନମୋଜ ଦାଶ, ଶୁଭ୍ର ଦାଶ, ସନ୍ତୋଷ ଗନ୍ତାୟତ, ସୁଧିର ଦାଶ ପ୍ରମୁଖ ଯୋଗଦେଇଥିଲେ।

### ମୃତ ବାର୍‌ହା ଜବତ, ୨ ଗିରଫ

ପାତ୍ରପୁର, ୪।୧୦(ଡି.ଏନ୍.ଏ.)-ଜରଡ଼ା ଥାନା ସାମନ୍ତିଆପଲ୍ଲୀ ବନ ବିଭାଗ ଅଧୀନ ଜୟନ୍ତିପୁର ଛକ ନିକଟରେ ରବିବାର ଏକ ମୃତ ବାର୍‌ହାକୁ ନେଇଯାଉଥିବା ୨ଜଣ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ମେଲୁଆପୁଟି ଥାନା ଇଲାକା ଦାସୁପୁରମ ଗ୍ରାମର ଏସ୍. ମନୋଜ, କାବିଟି ଥାନା ଇଲାକା ଏନ୍. ଗୋର। ଉଭୟ ଏକ ବାଇକ୍‌ରେ ମୃତ ବାର୍‌ହାକୁ ନେଇ ଆନ୍ଧ୍ର ଯାଉଥିବା ବେଳେ ପୋଲିସ ସେମାନଙ୍କୁ ଧରି ବାର୍‌ହାକୁ ଜବତ କରିଥିଲା। ପରେ ଏହା ବନ ବିଭାଗକୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି।

### ତିନି ଜୁଆ ଆଡ୍ଡାରେ ଚଢାଉ, ୧୩ ଗିରଫ

ପାତ୍ରପୁର, ୪।୧୦(ଡି.ଏନ୍.ଏ.)-ଜରଡ଼ା ଥାନା ଇଲାକା ଅରଖା, ଗୋଠଗାଁ ଓ ମକୁନ୍ଦପୁର ଗ୍ରାମ ନିକଟରେ ଚାଲିଥିବା ଏକ ଜୁଆ ଆଡ୍ଡାରୁ ରବିବାର ପୋଲିସ ଚଢ଼ାଉ କରି ୧୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨୩ ହଜାର ୩ ଶହଟଙ୍କା ଜବତ ହୋଇଛି। ସେହିଭଳି କେଲୁଆ, ସପଙ୍ଗ, ନନ୍ଦିଗାଁ ଗ୍ରାମରେ ଚାଲିଥିବା ଲକ୍ଷାଧିକ ଟଙ୍କାର ଜୁଆ ଖେଳକୁ ବନ୍ଦ କରିବାକୁ ସାଧାରଣରେ ଚର୍ଚ୍ଚା ହେଉଛି ।

# ରସାୟନ ବିଜ୍ଞାନୀ ଦେଶ ବିକାଶରେ ସାମିଲ ହୋଇପାରିବେ

**ନବରଙ୍ଗପୁର,୪।୧୦(ବି.ପ୍ର.):**

## 'ମୁଁ ବି ସମର୍ଥ'ର ପଞ୍ଚମ ପର୍ଯ୍ୟାୟ

ରସାୟନ ବିଜ୍ଞାନ ଅଧ୍ୟୟନ ଦ୍ୱାରା ସରକାରୀ, ବେସରକାରୀ ଶିଳ୍ପ ପ୍ରତିଷ୍ଠାନରେ ଚାକିରି ସହ ଦେଶର ବିକାଶରେ ମଧ୍ୟ ସାମିଲ ହୋଇପାରିବେ। ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ 'ମୁଁ ବି ସମର୍ଥ'ର ପଞ୍ଚମ ଭାଗ କ୍ୟାରିୟର ପରାମର୍ଶ ଭିଡିଓ କନଫରେନ୍ସ କାର୍ଯ୍ୟକ୍ରମରେ ଯୋଗଦେଇ ନ୍ୟାଶନାଲ କାଉନସିଲ ଅଫ୍ ସିମେଣ୍ଟ ଏଣ୍ଡ ବିଲ୍ଡିଂସ୍ ମାଟେରିଆଲ(ଏନ୍‌ସିସିବିଏମ୍)ର ମହା ନିର୍ଦ୍ଦେଶକ ବିବେକାନନ୍ଦ ମହାପାତ୍ର ଏହା କହିଛନ୍ତି। ଆଗକୁ ଓଡ଼ିଶାରେ ଅନେକ ସିମେଣ୍ଟ କାରଖାନା ପ୍ରତିଷ୍ଠା ହେବାର ପ୍ରସ୍ତାବ ରହିଛି। ତେଣୁ ଅନେକ ରସାୟନ ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ କର୍ମସଂସ୍ଥାନ ମିଳିପାରିବ ବୋଲି ସେ କହିଛନ୍ତି। ଆଇଆଇଟି ଦିଲ୍ଲୀର ଗ୍ରାମାଞ୍ଚଳ ବୈଷୟିକ ବିଭାଗର ପ୍ରଫେସର ସତ୍ୟ ନାରାୟଣ ନାୟକ ହଳଦୀ, ଅଦା ଏବଂ ସୁଗନ୍ଧିତ ତୈଳ ଉତ୍ପାଦନ ଓ ପ୍ରକ୍ରିୟାକରଣରେ ରସାୟନ ବିଜ୍ଞାନୀଙ୍କ ଭୂମିକା ଓ କର୍ମ ସଂସ୍ଥାନର ସୁଯୋଗ ବିଷୟରେ ଆଲୋକପାତ କରିଥିଲେ। ଗାଲ୍‌ଗୋଟିଆସ୍ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଶୁଭଲକ୍ଷ୍ମୀ ପ୍ରଧାନ ରସାୟନ ବିଜ୍ଞାନ ଅଧ୍ୟୟନ ଓ ପ୍ରୟୋଗାତ୍ମକ ଦିଗ ବିଷୟରେ କହିଥିଲେ। କେନ୍ଦ୍ରୀୟ ଔଷଧୀୟ ଓ ସୁଗନ୍ଧିତ ଗୁଳ୍ମ ପ୍ରତିଷ୍ଠାନର ପ୍ରଧାନ ବୈଜ୍ଞାନିକ ପ୍ରଶାନ୍ତ କୁମାର ରାଉତ ଭାଗନେଇ ସ୍କୁଲ ଓ କଲେଜରେ ଛୋଟ ଛୋଟ ପ୍ରୟୋଗଶାଳା ପ୍ରତିଷ୍ଠା ସହ ସେଗୁଡ଼ିକୁ ଛାତ୍ରଛାତ୍ରୀଙ୍କୁ ପ୍ରଦର୍ଶନ ଦ୍ୱାରା ବୈଜ୍ଞାନିକ ହେବା ଦିଗରେ ସହାୟକ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ନବରଙ୍ଗପୁରଠାରେ ଏକ ସୁଗନ୍ଧିତ ତୈଳ ପରୀକ୍ଷାଗାର ପ୍ରତିଷ୍ଠା ହୋଇପାରିଛି। ଏହା ଦ୍ୱାରା କିପରି କୃଷକ ଓ ଛାତ୍ରଛାତ୍ରୀ ଲାଭାନ୍ୱିତ ହୋଇପାରିବେ ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟିର ଆସୋସିଏଟ୍ ପ୍ରଫେସର ପ୍ରିୟବ୍ରତ ମହାପାତ୍ର, ସିମାପ୍‌ର ପ୍ରଧାନ ବୈଜ୍ଞାନିକ ଚନ୍ଦନ ସି. ଚନୋଟିଆ, ମୁ ବି ସମର୍ଥ" କାର୍ଯ୍ୟକ୍ରମର ସଂଯୋଜକ ତଥା ଉପସ୍ଥାପକ ଲକ୍ଷ୍ମୀନାରାୟଣ ବକ୍ସି ଅଂଶଗ୍ରହଣ କରି ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। ଏଥିରେ ଓଡ଼ିଶା ସମେତ ଦୁବାଇ, ଗୁଜୁରାଟ, ଉତ୍ତରପ୍ରଦେଶ, ହରିୟାଣା, ଦିଲ୍ଲୀ ଓ ପଶ୍ଚିମବଙ୍ଗର ବିଦ୍ୟାର୍ଥୀ ଭାଗଦେଇ ବିଶେଷଜ୍ଞମାନଙ୍କୁ କ୍ୟାରିୟର୍ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ।



ୱେବିନାରରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ବିଶେଷଜ୍ଞମାନେ।

# ପୁଅ ମୁଣ୍ଡରେ ବଢୁଛି ଟ୍ୟୁମର

**ବୈପାରୀଗୁଡା,୪।୧୦(ଡି.ଏନ.ଏ.)**

## ଅର୍ଥାଭାବ ଯୋଗୁ ମାଆବାପା ରହିଛନ୍ତି ନୀରବ

କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମହୁଲି ପଞ୍ଚାୟତର ସୀମାନ୍ତ ଅଞ୍ଚଳରେ ରହିଛି କୁମ୍ଭିଗୁଡା ଗ୍ରାମ। ଏହି ଗ୍ରାମରେ ରହନ୍ତି ସୋମନାଥ କରଞ୍ଜିଆ। ୩ବର୍ଷର ପୁଅ ପାଇଁ ଏବେ ସମସ୍ତେ ଚିନ୍ତିତ। ଜନ୍ମରୁ ପୁଅ ମୁଣ୍ଡରେ ଟ୍ୟୁମର ଥିଲା। ଚିକିତ୍ସା ପାଇଁ ସୋମନାଥ ବର୍ଷେଯାଏ ପୁଅକୁ ବିଭିନ୍ନ ଡାକ୍ତରଖାନା ନେଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏବେ ଅଧିକ ଚିକିତ୍ସା ଲାଗି ଆଉ ସୋମନାଥଙ୍କ ପାଖରେ ଅର୍ଥନାହିଁ। ପୁଅର ଦେହ ଦିନକୁ ଦିନ ସରୁ ହେବାରେ ଲାଗିଛି। ସମ୍ପୂର୍ଣ୍ଣ ଦୁର୍ବଳ ହୋଇପଡିଲାଣି ସେ। ମଜୁରି ଲାଗି ପରିବାର ଚଳାଉଥିବା ସୋମନାଥ ଆଉ ଅର୍ଥ ଖର୍ଚ୍ଚ କରିବାକୁ ସମର୍ଥ ନ ଥିବାରୁ ବାଧ୍ୟ ହୋଇ ନୀରବ ରହିଛନ୍ତି। ପୁଅର ଚିକିତ୍ସା ପାଇଁ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି ସେ।


ମାଆଙ୍କ କୋଳରେ ୩ ବର୍ଷର ପୁଅ ।

# ରାସ୍ତା ଖାଲଖମା ମରାମତି କଲେ ଯୁବଗୋଷ୍ଠୀ

**ଚନ୍ଦାହାଣ୍ଡି, ୪।୧୦(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମୋତିଗାଁରୁ ଗମ୍ଭାରୀଗୁଡାକୁ ସଂଯୋଗ କରୁଥିବା ମୋତିଗାଁ ମାଳିସାହି ରାସ୍ତାରେ ଦୀର୍ଘଦିନ ହେବ ୩ଫୁଟର ଏକ ଗର୍ତ୍ତ ସୃଷ୍ଟି ହୋଇଥିଲା। ଏଥିଯୋଗୁ ବିଭିନ୍ନ ସମୟରେ ଅନେକ ଦୁର୍ଘଟଣା ଘଟୁଥିଲା। ଶନିବାର ସ୍ଥାନୀୟ ଅଞ୍ଚଳର ଯୁବଗୋଷ୍ଠୀ ଉକ୍ତ ରାସ୍ତାକୁ ମରାମତି କରିଛନ୍ତି।

ପ୍ରକାଶ ଯେ, ମୋତିଗାଁ ମାଳିସାହି ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାରେ ସୃଷ୍ଟି ହୋଇଥିବା ଗାତ ଯୋଗୁ ଦୁର୍ଘଟଣାମାନ ଘଟୁଥାଏ। ବର୍ଷ ସମୟରେ ପାଣି ଜମି ଏହା ବେଶି ଭୟଙ୍କର ହୋଇଯାଏ। ଉକ୍ତ ରାସ୍ତା ଦେଇ ଏକ ଘରୋଇ ବସ୍ ଦୈନିକ ଛତିଶଗଡ଼ ଓ କଳାହାଣ୍ଡି ଯାଇଥାଏ। ଦୀର୍ଘଦିନ ହେବ ଏଠାରେ ରାସ୍ତା ଭାଙ୍ଗି ଗାତ ହୋଇଥିଲେ ମଧ୍ୟ କାହାର ନଜର ନ ଥିଲା। ଶନିବାର ମୋତିଗାଁର ପୁରୁଷୋତ୍ତମ କୋଲଥିଆଙ୍କ ନେତୃତ୍ୱରେ ଗାଁର ଗୋପାଳ ତ୍ରିପାଠୀ, ଦିବାକର ନାୟକ,ବିକ୍ରମ ବିଶି ଫିରୋଜ ତ୍ରିପାଠୀ ,ଦେବେନ୍ଦ୍ର ବେଶ୍ରା ପ୍ରମୁଖ ଚାନ୍ଦା ଆଦାୟ କର ଭଙ୍ଗା ଇଟା, ବାଲି, ପଥର ପକାଇ ରାସ୍ତାକୁ ସମତୁଳ କରିଥିଲେ। ଯୁବଗୋଷ୍ଠୀଙ୍କ ଏହି କାମକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି। ଏ ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ଦୀନେଶ କୁମାର ସାହୁଙ୍କୁ ପଚାରିବାରୁ ଉକ୍ତ ରାସ୍ତା ପାଇଁ ଟେଣ୍ଡର ସରିଛି। ବର୍ଷା କମିଲେ କାମ ଆରମ୍ଭ କରାଯିବ ବୋଲି କହିଛନ୍ତି।


ଯୁବକମାନେ ରାସ୍ତା ମରାମତି କରୁଛନ୍ତି ।

### ମାସ୍କ ନ ପିନ୍ଧି ଜରିମାନା ଦେଲେ

**ବ୍ରହ୍ମପୁର ଅଫିସ,୪।୧୦**

କରୋନା ସଂକ୍ରମଣ ପ୍ରତିହତ ପାଇଁ ଜନସାଧାରଣ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରକ୍ଷା କରିବାକୁ ନିର୍ଦ୍ଦେଶ ରହିଛି। ଏଥିସହ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ଧରପଗଡ଼ ଚାଲିଛି। ଅମାନିଆଙ୍କଠୁ ପୋଲିସ ଜରିମାନା ଆଦାୟ କରୁଛି। ବ୍ରହ୍ମପୁର ପୋଲିସ ଜିଲାରେ ଗତ ଶନିବାରରୁ ରବିବାର ସକାଳ ୬ଟା ସୁଦ୍ଧା ବିଭିନ୍ନ ଛକରେ ଯାଞ୍ଚ କରି ମାସ୍କ ପିନ୍ଧି ନ ଥିବା ୨୮ ଜଣଙ୍କଠାରୁ ୫,୬୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ଟ୍ରାଫିକ ନିୟମ ଉଲ୍ଲଂଘନ କରିଥିବା ୧୫୬ ଗାଡି ଚାଳକଙ୍କୁ ୭୬ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ସାମାଜିକ ଦୂରତ୍ୱ ନିୟମ ଉଲ୍ଲଂଘନ କରିଥିବା ବ୍ୟକ୍ତିଙ୍କ ନିକଟରୁ ୩ ହଜାର ଟଙ୍କା ଆଦାୟ ହୋଇଥିବା ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି।

# ନିଶାଠାରୁ ଦୂରେଇ ରୁହ, ସୁନାଗରିକ ହୁଅ

**ମାଲକାନଗିରି,୪।୧୦(ଡି.ଏନ୍.ଏ.)**

## ବିଏସ୍ଏଫ୍ ଯବାନଙ୍କ ସଚେତନତା କାର୍ଯ୍ୟକ୍ରମ

ବିଏସ୍ଏଫ୍ ଯବାନମାନେ ଜନସାଧାରଣଙ୍କୁ ସୁରକ୍ଷା ଦେବାରେ ନିୟୋଜିତ ତା' ନୁହେଁ, ସେମାନେ ମଧ୍ୟ ଦେଶପ୍ରେମର ନିଦର୍ଶନ ଦେଖାଇପାରିଥାନ୍ତି। ଆଭ୍ୟନ୍ତରୀଣ ସୁରକ୍ଷା ସହ ସେମାନେ ଜନସାଧାରଣଙ୍କୁ ବିଭିନ୍ନ ପ୍ରସଙ୍ଗରେ ସଚେତନ କରିବା ଦିଗରେ ନିୟୋଜିତ ହେଉଛନ୍ତି। ଗାନ୍ଧୀ ଜୟନ୍ତୀ ଅବସରରେ ଏହି ଅଞ୍ଚଳରେ ଥିବା ୧୫୧ ବିଏସ୍ଏଫ୍ ବାଟାଲିୟନ କମାଣ୍ଡାଣ୍ଟ ଅଜୟ କୁମାରଙ୍କ ନେତୃତ୍ୱରେ ଯବାନମାନେ ଲୋକଙ୍କୁ ସଚେତନ କରିଛନ୍ତି। ଗୋବିନ୍ଦପାଲି, ମନ୍ତ୍ରୀଆମ୍ବ, ବଣ୍ଡାଘାଟି ଅଞ୍ଚଳର ବିଭିନ୍ନ ଗ୍ରାମରେ ପହଞ୍ଚି ସେମାନେ ଲୋକଙ୍କୁ ନିଶା ସେବନରୁ ଦୂରେଇ ରହିବା, ବୃକ୍ଷରୋପଣ, ଶିକ୍ଷାଲାଭ କରି ସୁନାଗରିକ ହେବାପାଇଁ ସଚେତନ କରିଛନ୍ତି। ଯବାନମାନେ ବିଭିନ୍ନ ଗ୍ରାମରେ ବୈଠକ କରି ଲୋକଙ୍କୁ ସେମାନଙ୍କ ଧନଜୀବନ କିପରି ସୁରକ୍ଷା କିପରି କରାଯିବ, ସେମାନଙ୍କ ଆର୍ଥିକ, ସାମାଜିକ ଉନ୍ନତି ହେବ ସେନେଇ ଆଲୋଚନା କରିଛନ୍ତି। ଯବାନମାନଙ୍କ ଏପରି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ଜିଲା କ୍ରୀଡ଼ା ଅଧିକାରୀଙ୍କ କୁଡୁମୁଲୁଗୁମ୍ମା ଗସ୍ତ

**କୁଡୁମୁଲୁଗୁମ୍ମା,୪।୧୦(ଡି.ଏନ.ଏ.)**

ଜିଲା କ୍ରୀଡା ଅଧିକାରୀ କୁଳମଣି ନିହାଲ ଓ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ହରିଶ ରୁପାଲ ଶୁକ୍ରବାର କୁଡୁମୁଲୁଗୁମ୍ମାସ୍ଥିତ ମିନି ଷ୍ଟାଡିୟମ ପରିଦର୍ଶନ କରି ଫେରିଛନ୍ତି। ରକ୍ଷଣାବେକ୍ଷଣ ଅଭାବରୁ ଏହି ଷ୍ଟାଡିୟମ ଅବହେଳିତ ହୋଇପଡିଛି। ପାଚେରୀ ଓ ମୁଖ୍ୟ ଫାଟକ କାର୍ଯ୍ୟ ଅଧପନ୍ତରିଆ ହୋଇପଡିଛି। ଏହା ସମ୍ପୂର୍ଣ୍ଣ କରିବା ଲାଗି ସେଠାରେ ଉପସ୍ଥିତ ଥିବା କୁଡୁମୁଲୁଗୁମ୍ମା ଗ୍ରାମର ଅଶୋକ ପ୍ରଧାନ, ଭଗବାନ ସାହୁ, ଦେବେନ୍ଦ୍ର ରାଉତ ଓ ବାଳକୃଷ୍ଣ ପ୍ରଧାନ ପ୍ରମୁଖ ଜିଲା କ୍ରୀଡା ଅଧିକାରୀଙ୍କୁ ନିବେଦନ କରିଥିଲେ। ଆଗାମୀ ଦିନରେ ଏହି ଷ୍ଟାଡିୟମର ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଏହାକୁ ଏକ ଭଲ ଷ୍ଟାଡିୟମରେ ପରିଣତ କରିବା ପାଇଁ ପଦକ୍ଷେପ ନେବେ ବୋଲି ନିହାଲ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ଦିନେ ଏହି ଷ୍ଟାଡିୟମରେ ଜିଲାସ୍ତରୀୟ ବଡବଡ ମ୍ୟାଚ ଖେଳାଯାଉଥିଲା।


**ପକ୍କା ରାସ୍ତା ସ୍ୱପ୍ନ:** ବର୍ଷା ଦିନେ ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଦୁଡୁକାବାହାଲ ପଞ୍ଚାୟତର ରାମଗୁଡ଼ା ଓ ଡେଗାଗୁଡ଼ା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଅବସ୍ଥା।

# 'କରୋନା ତୁ ଫେରିଯା' ପୁରସ୍କୃତ

**ବ୍ରହ୍ମପୁର ଅଫିସ,୪।୧୦**

ଇଣ୍ଟରନ୍ୟାଶନାଲ କୋଭିଡ୍-୧୯ ଟ୍ରାଇବାଲ୍ ସିନେମା ଫେଷ୍ଟିଭାଲରେ ଗଞ୍ଜାମର କ୍ଷୁଦ୍ର ଚଳଚ୍ଚିତ୍ର 'କୋରୋନା ତୁ ଫେରିଯା' ଶ୍ରେଷ୍ଠ ୫୦ତମ ସ୍ଥାନରେ ପ୍ରଦର୍ଶିତ ହୋଇଥିଲା। ୩୬ ଦେଶର ୪୫୦ ସିନେମା ଏହି ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଥିଲା। ଜୁରିମାନଙ୍କ ଦ୍ୱାରା ଶ୍ରେଷ୍ଠ ରିଜିଓନାଲ ଫିଲ୍ମ ଓ ବେଷ୍ଟ ଷ୍ଟୋରି ଭାବେ ଉକ୍ତ ଚଳଚ୍ଚିତ୍ର ମନୋନୀତ ହୋଇଥିଲା। କରୋନା ବିଶ୍ୱରେ ତାଣ୍ଡବ ରଚିଥିଲା ବେଳେ ଗଞ୍ଜାମ ଜିଲା ଅଧିକ ପ୍ରଭାବିତ ହୋଇଛି। ଲୋକମାନଙ୍କୁ ସଚେତନତା କରିବା ପାଇଁ କୁକୁଡ଼ାଖଣ୍ଡି ବିଡିଓ ଗଦାଧର ପାତ୍ର ଏହି କ୍ଷୁଦ୍ର ଚଳଚ୍ଚିତ୍ର ରଚନା କରିବାକୁ ପ୍ରୟାସ କରିଥିଲେ। ଏହାର ପ୍ରଯୋଜନା ସୁସ୍ମିତା ପାତ୍ର କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ସ୍ଥିତଧି ରଥ।

# ୪ ମାସ ପରେ ବି ୩ ଜଣଙ୍କ ପତ୍ତା ମିଳୁନି

**ବ୍ରହ୍ମପୁର ଅଫିସ,୪।୧୦**

## ବାଳସୁଧାର ଗୃହରୁ ଅନ୍ତେବାସୀ ଚମ୍ପଟ ଘଟଣା

ବ୍ରହ୍ମପୁର ପର୍ଯ୍ୟବେକ୍ଷଣ ଆବାସ ଓ ବାଳସୁଧାର ଗୃହରୁ ୭ ଅନ୍ତେବାସୀ ଚମ୍ପଟ ମାରିବା ଘଟଣାର ୪ ମାସ ପରେ ବି ଏ ଯାଏ ୩ ଜଣଙ୍କର ପତ୍ତା ମିଳିପାରିନାହିଁ। ଏହା ପୋଲିସ, ବାଳସୁଧାର ଗୃହ ଅଧୀକ୍ଷକ ଓ ପ୍ରଶାସନ ପାଇଁ ଏବେ ଚିନ୍ତାର କାରଣ ପାଲଟିଛି। ୩ ଅନ୍ତେବାସୀଙ୍କ ପତ୍ତା ମିଳି ନ ଥିବା ସମ୍ପର୍କରେ ବୈଦ୍ୟନାଥପୁର ପୋଲିସ ସେମାନଙ୍କ ପରିବାରବର୍ଗ ଓ ସ୍ଥାନୀୟ ପୋଲିସକୁ ଅବଗତ କରାଇଦେଇଛି। ଅନ୍ତେବାସୀ ଚମ୍ପଟ ମାରିବା ସମୟରେ ରାଜ୍ୟରେ କରୋନା ଲାଗି ଲକ୍‌ଡାଉନ ଜାରି ରହିଥିଲା। ବସ ଓ ଟ୍ରେନ ଚଳାଚଳ ବନ୍ଦ ରହିଥିଲା। ଏବେ ବସ୍ ଟ୍ରେନ୍ ଚଳାଚଳ କଲାଣି। ତେଣୁ ଉଦ୍ଧାର ହୋଇ ନ ଥିବା ୩ ଅନ୍ତେବାସୀ କେଉଁଠି ଓ କିପରି ଅଛନ୍ତି ସେ ନେଇ ପରିବାରବର୍ଗ କିଛି ବୁଝିପାରୁ ନ ଥିବା ବେଳେ ସାଧାରଣରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଉକ୍ତ ୩ ଅନ୍ତେବାସୀ ବଳାତ୍କାର ଓ ଡକାୟତି ଭଳି ଘଟଣାରେ ସମ୍ପୃକ୍ତ ଥିଲେ ବୋଲି ତଦନ୍ତ ବେଳେ ଜଣାପଡ଼ିଥିବା ବ୍ରହ୍ମପୁର ଏସଡିପିଓ ବିଷ୍ଣୁପ୍ରସାଦ ପତି ସେ ସମୟରେ ସୂଚନା ଦେଇଥିଲେ।

ସୂଚନାଯୋଗ୍ୟ, ଗତ ମେ ୧୮ ତାରିଖରେ ବାଳସୁଧାର ଗୃହର କିଶୋର ପ୍ରକୋଷ୍ଠରୁ ୭ ଅନ୍ତେବାସୀ ସୁରକ୍ଷାକର୍ମୀଙ୍କୁ ମାଡ଼ ମାରିବା ସହ ମାରଣାସ୍ତ୍ର ଦେଖାଇ ତାଙ୍କ ନିକଟରୁ ଚାବି ନେଇ ଫାଟକ ତାଲା ଖୋଲି ଚମ୍ପଟ ମାରିଥିଲେ। ପରେ ପର୍ଯ୍ୟାୟକ୍ରମେ ୪ ଜଣଙ୍କୁ ଉଦ୍ଧାର କରାଯାଇଥିଲା। ୪ ଅନ୍ତେବାସୀଙ୍କ ମଧ୍ୟରୁ ୩ ଜଣ ଅପରାଧ ଘଟାଇବା ସମୟରେ ସାବାଳକ ଥିଲେ ବୋଲି ଏସଡ଼ିପିଓ ପତି କହିଥିଲେ। ଅନ୍ୟପକ୍ଷରେ ଚମ୍ପଟ ଘଟଣା ପରେ ବାଳସୁଧାର ଗୃହର ସୁରକ୍ଷା ବ୍ୟବସ୍ଥା ଢିଲା ରହିଛି ନା ଘଟଣା ପଛରେ ଅନ୍ୟ କୌଣସି କାରଣ ରହିଛି ସେ ନେଇ ପ୍ରଶାସନିକ ତଦନ୍ତ କରାଯାଇ ଗୃହ ବିଭାଗ ନିକଟକୁ ରିପୋର୍ଟ ପଠାଯାଇଥିଲା। ସେହିପରି କାର୍ଯ୍ୟରତ ଥିବା ଗୃହରକ୍ଷୀଙ୍କୁ ବାଳସୁଧାର ଗୃହରୁ ହଟାଇ ବ୍ରହ୍ମପୁର ଏସ୍‌ପି ଅଫିସରେ ନିୟୋଜିତ କରାଯାଇଥିଲା।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

RIDHI FINANCE
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
9310078574
9310051634
Email : ltfinanceodisha@gmail.com

A 2 Z ସବୁ ସମସ୍ୟାର ସମାଧାନ
ମାତ୍ର 3 ଘଣ୍ଟାରେ ।
ବିଶ୍ୱପ୍ରସିଦ୍ଧ
ବାବା ଜାଫର ଖାନ
ବଶୀକରଣ, ପ୍ରେମ ବିବାହ, ସଉତୁଣୀ ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣି ଗାରେଡ଼ି, ଯାଦୁ-ଟୋନା, କୋର୍ଟ-କଚେରି, ବ୍ୟବସାୟ ଲାଭ କ୍ଷତି, ବିଦେଶ ଯାତ୍ରା ସମସ୍ୟାର
100% ଗ୍ୟାରେଣ୍ଟିଡ୍ ସମାଧାନ
କାହାର ପୁଅ କିମ୍ବା ସ୍ୱାମୀ କାହା ବଶରେ ଥିଲେ ନିଶ୍ଚୟ କଲ୍ କରନ୍ତୁ ।
8791155192
8791159152

DIWAN FINANCE
ଦ୍ୱାରା ମାର୍କଶିଟ୍, ମୁଦ୍ରା, ଗ୍ରୁପ୍, ହୋମ୍, ପର୍ସନାଲ ଋଣ 72 ଘଣ୍ଟା ମଧ୍ୟରେ ପାଆନ୍ତୁ । 1% ସୁଧ, 40% ରିହାତି, ମହିଳା ଓ ଗ୍ରୁପ୍ ଋଣ ଉପରେ ବିଶେଷ ରିହାତି।
# 9992031149

AMBA Finance
ମାର୍କସିଟ ବ୍ୟବସାୟ ବ୍ୟକ୍ତିଗତ ଆଧାରକାର୍ଡ ସମ୍ପତି ଋଣ ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

BHARAT FINANCE
ଆସନ୍ତୁ ମିଳିମିଶି ଆତ୍ମନିର୍ଭର ହବା
ସରକାରୀ ଯୋଜନା ଅନ୍ତର୍ଗତ ସୁବର୍ଣ୍ଣ ସୁଯୋଗ ସମସ୍ତ ପ୍ରକାର ଲୋନ - ମାର୍କସିଟ, ଆଧାରକାର୍ଡ଼, ପର୍ସନାଲ, ସମ୍ପତି, ସମ୍ପତି, ବ୍ୟବସାୟ, ମୁଦ୍ରା BPL ଋଣ ଇତ୍ୟାଦି ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଥରେ ସେବା ର ଅବସର ଅବଶ୍ୟ ଦିଅନ୍ତୁ
WWW.BHARATPRO.IN
EMAIL: ADMIN@BHARATPRO.IN
Pratapgarh, Lalganj, Uttar Pradesh - 230141
9530719557
9530553457

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ପ୍ରେମ ବିବାହ ଯାଦୁ ଟୋଣା, ବିବାହ, ମୁଠ୍ କରଣୀ, ନିଜର ହଜିଯାଇଥିବା ପ୍ରେମକୁ ଫେରି ପାଆନ୍ତୁ। ଏ ସବୁ ସମସ୍ୟାର ଶୀଘ୍ର ସମାଧାନ ପାଆନ୍ତୁ ମାତା ଏବଂ ଭଉଣୀ ମାନଙ୍କର ଗୁପ୍ତ ସମସ୍ୟାର ସମାଧାନ। ସ୍ପେଶାଲିଷ୍ଟ-ବଶୀକରଣ, ମନ୍ତ୍ରମନ୍ତ୍ର କଳାଯାଦୁ, ଯଦି କେହି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରୁଥିବା କାମକୁ କାଟି ଦିଅନ୍ତି, ମନ ମୁତାବକ ପୁରସ୍କାର ଦିଆଯିବ। କାମ ନହେଲେ ପଇସା ଫେରସ୍ତ।
9910560681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ ।
Bausnpola, Bijepur, Bargarh
7656825220
7656825217

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଯେତେବେଳେ ପ୍ରକୃତି ମଣିଷକୁ ଭଲ ଓ ମନ୍ଦର ସମସ୍ତ ସମ୍ଭାବନା ସହିତ ସୃଷ୍ଟିକଲା - ସେ କ'ଣ କରିବାକୁ ଯାଉଛି, ତାହା ଭଲ କରି ଜାଣିଥିଲା । ମଣିଷ ଜୀବନରେ ପରୀକ୍ଷା ନିରୀକ୍ଷା କରିବାର ସ୍ୱାଧୀନତା ହେଉଛି ସବୁଠାରୁ ବଡ ସ୍ୱାଧୀନତା । ବିପଦର ସମ୍ଭାବନାକୁ ଜାଣିଶୁଣି ସମ୍ମୁଖୀନ ହେବା ଓ ଭୁଲ୍ କରିବାର ସ୍ୱାଧୀନତା ବ୍ୟତୀତ, ମଣିଷ ଆଦୌ ଅଗ୍ରଗତି କରିପାରିବ ନାହିଁ । -ଶ୍ରୀଅରବିନ୍ଦ

# ହାଥ୍ରସ

ଉତ୍ତରପ୍ରଦେଶର ହାଥ୍ରସରେ ଦଳିତ ଯୁବତୀଙ୍କୁ ଗଣବଳାତ୍କାର କରାଯିବା ପରେ ତାଙ୍କ ଜିଭ କାଟିଦିଆଯାଇଥିଲା । ହସ୍ପିଟାଲରେ ପାଖାପାଖି ୧୫ ଦିନ ସଂଘର୍ଷ କରିବା ପରେ ତାଙ୍କ ମୃତ୍ୟୁ ଘଟିଛି । ଉଚ୍ଚଜାତି ଠାକୁର ସମ୍ପ୍ରଦାୟର ୪ ଜଣ ଲୋକ ବାଲ୍ମୀକି ପରିବାରର ସେହି ୧୯ ବର୍ଷୀୟା ଯୁବତୀଙ୍କ ପ୍ରତି ଯେଭଳି ବୀଭତ୍ସ କାଣ୍ଡ ଘଟାଇଲେ, ଏବେ ତାଙ୍କ ମୃତ୍ୟୁ ପରେ ସ୍ଥିତି ଅଧିକ ଭୟାନକ ହୋଇଯାଇଛି । ସ୍ଥାନୀୟ ପ୍ରଶାସନ ଓ ପୋଲିସ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କୁ ସହାୟତା ଦେବା ପରିବର୍ତ୍ତେ ସେମାନଙ୍କୁ ବନ୍ଦିନୀ କରି ରଖିବା ଏବଂ ବାରମ୍ବାର ଧମକ ଦେଇ ଚାଲିବା ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି । ଇତିମଧ୍ୟରେ ଯୁବତୀଙ୍କ ମୃତଦେହକୁ ପରିବାର ଲୋକଙ୍କୁ ଦେଖାଇ ଦିଆ ନ ଯାଇ ପୋଲିସ ଦ୍ୱାରା ପୋଡ଼ି ଦିଆଯାଇଛି । ଏହା ସହ ନଷ୍ଟ ହୋଇଯାଇଛି ସବୁ ପ୍ରମାଣ । ଇତିମଧ୍ୟରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଘଟଣାର ସିବିଆଇ ତଦନ୍ତ ଲାଗି ସୁପାରିସ କରିଛନ୍ତି । ଧନ୍ୟ କୁହାଯିବ ମୁଖ୍ୟମନ୍ତ୍ରୀଙ୍କ ସୁପାରିସ ଓ ଶାସନ ଦକ୍ଷତାକୁ । ଅପରାଧୀଙ୍କୁ ଧରିବା ପାଇଁ ଆବଶ୍ୟକ ପ୍ରମାଣକୁ ନଷ୍ଟ କରିଦିଆଯିବା ପରେ କାହିଁକି ଏ ସିବିଆଇ ନାଟକ କରାଯାଇଥାଏ ତାହା ସହଜରେ ବୁଝିହୁଏ । ପୁଣି ସିବିଆଇ ତ ଏକ ପୋଲିସ ସଂସ୍ଥା । ସେଥିରେ ମଧ୍ୟ ରାଜ୍ୟ ସ୍ତରର ପୋଲିସଙ୍କ ଭଳି ସମାନ ଚରିତ୍ରର ଲୋକ ଅଛନ୍ତି ।

କେବଳ ଉତ୍ତରପ୍ରଦେଶ ନୁହେଁ, ବିହାର, ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଏବଂ ଓଡ଼ିଶା ସମେତ ଅନ୍ୟାନ୍ୟ ରାଜ୍ୟରେ ବଳାତ୍କାର ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି । ଏଠାରେ ମନେପଡ଼େ ଓଡ଼ିଶାର କୋରାପୁଟ ଜିଲା କୁନ୍ଦୁଲିରେ ପୀଡ଼ିତାଙ୍କୁ ଯେଭଳି ଭାବେ ସୁରକ୍ଷା କର୍ମୀମାନେ ଗଣବଳାତ୍କାର କଲେ ଓ ତା' ପରେ ମାନସିକ ଯନ୍ତ୍ରଣା ସହି ନ ପାରି ଯୁବତୀଙ୍କ ଆତ୍ମହତ୍ୟା କରିବା ଘଟଣା । ଏବେ ସେହି ଘଟଣା ଜନମାନସରୁ ହଜିଗଲାଣି । ହାଥ୍ରସରେ ଜିଲାପାଳ ପ୍ରବୀଣ କୁମାର ଲକ୍ସକର ପୀଡ଼ିତାଙ୍କ ଘରକୁ ଯାଇ ଏକ ପ୍ରକାର ଧମକ ଦେଇ ଆସିଥିଲେ । ପରିବାର ସଦସ୍ୟଙ୍କୁ ସେ କହିଥିଲେ ଆଜି ଅଧା ମିଡିଆ ତୁମ ପାଖରୁ ଯାଇସାରିଲେଣି, ଆସନ୍ତାକାଲି ଅନ୍ୟମାନେ ପଳାଇବେ, କେବଳ ଆମେ ତୁମ ପାଖରେ ଥିବୁ । ତେଣୁ ମାମଲାକୁ ରଫାଦଫା କରିଦିଅ । ଏହାର ଭିଡିଓ ଯେଭଳି ଭାବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ସେଥିରୁ ବୁଝିବାକୁ ହେବ ଯେ ଉକ୍ତ ଘଟଣାକୁ ସମ୍ପୂର୍ଣ୍ଣ ବଳିରେ ଚଢ଼ାଇ ଦେବା ଲାଗି ବିଧିବଦ୍ଧ ଯୋଜନା କରାଯାଇଥିଲା । ଜିଲାପାଳ ଲକ୍ସକରଙ୍କ ଏଭଳି କାର୍ଯ୍ୟକୁ ଦେଶବ୍ୟାପୀ ନିନ୍ଦା କରାଯାଉଥିବା ବେଳେ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଏହାକୁ ଅଣଦେଖା କରିବାର ଅର୍ଥ ସମସ୍ତେ ଭଲଭାବେ ବୁଝିପାରୁଛନ୍ତି । ଏଥିସହିତ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଏଠାରେ ଉଠାଯାଇପାରେ । ଏହା ବାରମ୍ବାର ପରିଲକ୍ଷିତ ହେଉଛି ଯେ, ଉଚ୍ଚବର୍ଗର ପୁରୁଷଙ୍କ ଦ୍ୱାରା ଦଳିତ ମହିଳା ନିର୍ଯ୍ୟାତନାର ଶିକାର ହେଉଛନ୍ତି । ସବର୍ଣ୍ଣମାନେ ଅସବର୍ଣ୍ଣଙ୍କୁ ଛୁଇଁବା କଥା ନୁହେଁ ବୋଲି କୁହାଯାଏ । କିନ୍ତୁ ଶାରୀରିକ ସୁଖ ପାଇଁ ଦଳିତଙ୍କ ଝିଅ ଓ ମହିଳାଙ୍କୁ ଛୁଇଁବା ବେଳେ କାହିଁ କେବେ ଉଚ୍ଚବର୍ଗଙ୍କ ଜାତି ଯାଉନାହିଁ । ଆମେ ଓଡ଼ିଶାରେ ମଧ୍ୟ ପୂର୍ବରୁ ଶୁଣି ଆସିଛୁ କିଭଳି ଅସବର୍ଣ୍ଣମାନଙ୍କୁ ସବର୍ଣ୍ଣମାନେ ବ୍ୟବହାର କରୁଥିଲେ । ଏପରିକି ଗାଁ ଦାଣ୍ଡ ଦେଇ ଜଣେ ଦଳିତ ବର୍ଗର ବ୍ୟକ୍ତି ଚାଲିଗଲେ ତାଙ୍କ ଛାଇ ଯଦି ଉଚ୍ଚବର୍ଗ ଉପରେ ପଡ଼ିଗଲା ସେ ସଙ୍ଗେ ସଙ୍ଗେ ଗାଧୋଇ ପଡୁଥିଲେ । ଆଜିର ସ୍ଥିତି ଦେଖିଲେ କୁହାଯାଇପାରେ ଯେ, ସେତେବେଳର ସମୟ ଓ ଚିନ୍ତାଧାରା ଭଲ ଥିଲା । ଅନ୍ତତଃପକ୍ଷେ ଦଳିତମାନଙ୍କୁ ବଳାତ୍କାର ଓ ହତ୍ୟା କରିବାକୁ ହେଲେ ଛୁଇଁବାକୁ ହେବ ଭାବି କେତେକେ ଦୂରେଇ ରହୁଥିଲେ । ଏଠାରେ ଛୁଆଁଛୁଆଁ ଚିନ୍ତାଧାରାକୁ ଆମେ ସମର୍ଥନ କରୁନାହୁଁ । କେବଳ ଦଳିତଙ୍କ ଉପରେ ହେଉଥିବା ଅମାନୁଷିକ ଅତ୍ୟାଚାରକୁ ଦେଖି ତୁଳନାତ୍ମକ ଭାବେ ଏଭଳି ସାମାଜିକ ସମସ୍ୟାକୁ ଉଲ୍ଲେଖ କଲୁ ।

ମହିଳାଙ୍କୁ ନିର୍ଯ୍ୟାତନା ଦେବା ଓ ବଳାତ୍କାର କରିବା ବହୁ ପୁରୁଣା । ଯୁଦ୍ଧ ସମୟରେ ଏହାର ଅସଂଖ୍ୟ ଘଟଣା ଦେଖିବାକୁ ମିଳିଥାଏ ବୋଲି ଇତିହାସରୁ ପଢ଼ିଛୁ । ସମ୍ରାଟ ଅଶୋକ କଳିଙ୍ଗ ବିଜୟ ପରେ ଏହାର ସେନାନୀ ଏଠାକାର ଅସଂଖ୍ୟ ମହିଳାଙ୍କୁ ପାଟଳିପୁତ୍ର ଯାଏ ଚଲାଇ ଚଲାଇ ନେଇଥିବାର ଶୁଣିବାକୁ ମିଳେ । ପୁଣି ବାଟରେ ଗଲା ବେଳେ ଅନେକଙ୍କ ମୃତ୍ୟୁ ଘଟିଯାଇଥିଲା । ତେଣୁ ବଳାତ୍କାର ଏକ ମାନସିକ ରୋଗ ଭାବେ ଐତିହାସିକ ଭାବେ ରହିଆସିଛି । ଭାରତରେ ଏହି ସଂଖ୍ୟା ବଢ଼ିଚାଲିଥିବାରୁ ଶାସକଙ୍କୁ ଏହା ଅଡୁଆରେ ପକାଉଥିବାରୁ ସୋସିଆଲ ମିଡିଆରେ ଅନେକ ବିଷୟ ଦେଖିବାକୁ ମିଳୁଛି । ଏକ ତଥ୍ୟ ଚାରିଆଡ଼େ ଏବେ ଘୂରି ବୁଲୁଥିବା ନଜରକୁ ଆସିଛି । ସେଥିରେ ଦର୍ଶାଯାଇଛି ଯେ, ଏକ ଲକ୍ଷ ଜନସଂଖ୍ୟାରେ ଅଷ୍ଟ୍ରେଲିଆରେ ୨୮.୬୦ ପ୍ରତିଶତ ମହିଳା ବଳାତ୍କାରର ଶିକାର ହେଉଥିବା ବେଳେ ଆମେରିକାରେ ୨୭.୩୦ ପ୍ରତିଶତ, ଇଂଲଣ୍ଡରେ ୨୦.୭୫ ପ୍ରତିଶତ, ବାଂଲାଦେଶରେ ୯.୮୦ ପ୍ରତିଶତ ଏବଂ ଇଟାଲୀରେ ଏହାର ପ୍ରତିଶତ ରହିଛି ୭.୬୦ । ସେହି ତୁଳନାରେ ଭାରତରେ ଖୁବ୍ କମ୍ ୧.୮୦ ପ୍ରତିଶତ ମହିଳା ବଳାତ୍କାରର ଶିକାର ହେଉଛନ୍ତି ବୋଲି ପ୍ରଚାର କରାଯାଉଛି । ଏଭଳି ତଥ୍ୟ ଭ୍ରମାତ୍ମକ । କେଉଁ ଆଧାରରେ ଏହି ପରିସଂଖ୍ୟାନ ତିଆରି କରାଯାଇଛି ତାହାର କୌଣସି ମୂଳ ଥିବା ଭଳି ମନେହେଉନାହିଁ । ସଚରାଚର ପୃଥିବୀ ଯେଉଁଠାରେ ପୁରୁଷ ଅଛନ୍ତି ଏଭଳି ଘଟଣା ସାମ୍ନାକୁ ଆସୁଛି । କିନ୍ତୁ ପାଶ୍ଚାତ୍ୟ ସହ ତୁଳନା କରାଯାଇ ଭାରତକୁ ଶ୍ରେୟ ଦେବା ପାଇଁ ହେଉଥିବା ପ୍ରୟାସ ସମ୍ଭବତଃ ହାଥ୍ରସ ଘଟଣା ପରେ ଦେଖିବାକୁ ମିଳିଛି । କାରଣ ଉତ୍ତରପ୍ରଦେଶ ସରକାର ଏବେ ଅଡୁଆରେ ପଡ଼ିଛନ୍ତି ।

ମହିଳାଙ୍କ ପ୍ରତି ହେଉଥିବା ବର୍ବର କାଣ୍ଡକୁ ବନ୍ଦ କରିବା ଲାଗି ଆମ ସମସ୍ତଙ୍କ ମାନସିକତାରେ ପରିବର୍ତ୍ତନ ଆସିବା ଦରକାର । ଏଥିସହିତ ଗରିବଙ୍କ ଜୀବନକୁ ଅସହାୟରେ ପକାଇ ଶାସକଙ୍କ ନିର୍ଦ୍ଦେଶରେ ଆଇନ ଶୃଙ୍ଖଳା ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ନାଚିବା ଠିକ୍ ନୁହେଁ । ଏଥିରେ ପ୍ରଥମେ ପରିବର୍ତ୍ତନ ଆଣିବାକୁ ହେଲେ ପ୍ରଶାସନରେ ଥିବା ପୁରୁଷମାନେ ଯେତେବେଳେ ପରିବର୍ତ୍ତନ ଆଣିବାକୁ ନିଷ୍ପତ୍ତି ନିଅନ୍ତେ, ତାହା ହେଲେ ଏହିଭଳି ସମସ୍ୟାକୁ ଆଂଶିକ ଭାବେ ହ୍ରାସ କରାଯାଇପାରନ୍ତା ।

# ସମୟର ଆହ୍ୱାନରେ କୋଭିଡ୍ ଯୋଦ୍ଧା



ଡ. ମୌସୁମୀ ପରିଡ଼ା

ବିଶ୍ୱର କୋଟି କୋଟି ଲୋକ କରୋନାଜନିତ ଦୁଃସମୟରେ ନାନାପ୍ରକାରର ଅଭାବ ଅନଟନକୁ ନେଇ କାଳାତିପାତ କରୁଛନ୍ତି । କରୋନା ଯୋଦ୍ଧାମାନେ ରାତିଦିନ ଏକ କରି ନିଜ ସହ ନିଜ ଆତ୍ମୀୟ ତଥା ପରିବାରକୁ ବିପଦରେ ପକାଇ ସେବା ପ୍ରଦାନ କରୁଛନ୍ତି । ଗବେଷକମାନେ ରୋଗର ନିଦାନ ପାଇଁ ପ୍ରତିଟି କ୍ଷଣ ନିଜ ବୁଦ୍ଧି ବିଚାର ସହ ସଂଘର୍ଷ କରୁଛନ୍ତି । କୋଟିକୋଟି ଲୋକ ସେମାନଙ୍କ ଜୀବିକା ହରେଇସାରି ନିଃସ୍ୱ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଚେତାବନୀ ଦେଇସାରିଲେଣି ଯେ କୋଭିଡ୍ ଏ ନିକଟରେ ଆମକୁ ଛାଡି ଯିବାର ସମ୍ଭାବନା ନାହିଁ । ପୁଣି ଆଶା ବ୍ୟକ୍ତ କରାଯାଉଛି ଏ ବର୍ଷ ଡିସେମ୍ବର ସୁଦ୍ଧା ବିଭିନ୍ନ କମ୍ପାନୀ ତରଫରୁ ଟିକା ବାହାରିପାରେ । ଏଭଳି ଗୁରୁତର ସ୍ଥିତିରେ ଆମେ ଚଳଚ୍ଚିତ୍ର ନାୟିକା ନାୟକଙ୍କ ବ୍ୟକ୍ତିଗତ କଥାରେ ମୁଣ୍ଡ ପୂରେଇ ମୂଲ୍ୟବାନ୍ ସମୟ ଅପଚୟ କରୁଛୁ ସୋସିଆଲ୍ ମିଡିଆରେ! ଅଥଚ ପ୍ରକୃତ ନାୟିକା ନାୟକଙ୍କ କଥା ଉହ୍ୟ ହୋଇଯାଉଛି ।

କୌଣସି ଘଟଣା, ଦୁର୍ଘଟଣା ଦିନେ, ଦୁଇଦିନ ବା ସପ୍ତାହକ ପରେ ତା'ର ଗୁରୁତ୍ୱ ହରାଏ, ଆମେ କିନ୍ତୁ ସେଇ ଗୋଟେ କଥାକୁ ଘୋଷି ହୋଇ କିଛି ସମ୍ବେଦନଶୀଳ ପ୍ରସଙ୍ଗରୁ ଓହରିଯାଉଛୁ । ରିଲ୍ ହିରୋଙ୍କୁ ଗୁରୁତ୍ୱ ଦେଇ ରିଅଲ୍ ହିରୋଙ୍କ ଦୁଃଖ ଦୁର୍ଦ୍ଦଶାକୁ ଗୁରୁତ୍ୱହୀନ କରିଦେଉଛୁ । ସଚେତନ ନାଗରିକ ହିସାବରେ ଆମ ଗୁରୁଦାୟିତ୍ୱ ଆମକୁ ବହନ କରିବା ଉଚିତ । ସବୁ ପ୍ରକାରର ସୁଖ ସୁବିଧା ହାସଲ କଲାବେଳେ ଆମ ଭାଗ ଅଧିକ ରହିବା ଉଚିତ ବୋଲି ଦାବି କରୁ । ସମାଜ ଆମଠାରୁ କିଛି ପ୍ରତ୍ୟାଶା କଲାବେଳେ ଠିକ୍ ସେହିଭଳି ଆତୁରତା ଆମ ଭିତରେ ପରିଲକ୍ଷିତ ହେବା ଉଚିତ ।

ଭାରତରେ ଜନବହୁଳତା କାରଣରୁ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଫଳରେ ଆଗଧାଡିର ଯୋଦ୍ଧାମାନେ ଅଧିକରୁ ଅଧିକ ପରିମାଣରେ ସଂକ୍ରମିତ ହେଲେଣି । ହଜାର ହଜାର ରୋଗୀଙ୍କୁ ସୁସ୍ଥ କରି ଘରକୁ ପଠାଉଥିବା ସ୍ୱାସ୍ଥ୍ୟକର୍ମୀମାନଙ୍କର ଦୁଃଖଦ ମୃତ୍ୟୁ ଖବର ପଢିବାକୁ ମିଳୁଛି । ପ୍ରୋଟୋକଲ୍ ଅନୁଯାୟୀ କରୋନା ସଂକ୍ରମିତମାନେ ସଂଗରୋଧରେ ରହିବା ଯୋଗୁ ଅଳ୍ପ ସଂଖ୍ୟକ ଯୋଦ୍ଧାଙ୍କୁ ନେଇ ସ୍ୱାସ୍ଥ୍ୟସେବା ଚାଲିଛି । ସେମାନଙ୍କ ଉପରେ ଥିବା ଅତ୍ୟଧିକ କାର୍ଯ୍ୟ ତଥା ମାନସିକ ଚାପ ସେମାନଙ୍କର ସ୍ୱାସ୍ଥ୍ୟହାନି ଘଟାଉଛି । ଏଭଳି ହତୋତ୍ସାହିତ ହୋଇ ସେବା କରିବା ବିପଜ୍ଜନକ । କହିବାର ଉଦ୍ଦେଶ୍ୟ ଲୋକମାନଙ୍କୁ ସଚେତନ ନ କରି ଯୋଦ୍ଧାମାନଙ୍କ ଉପରେ ଆବଶ୍ୟକତାଠୁ ଅଧିକ ଚାପ ଲଦିଦେବା କେତେ ନ୍ୟାୟ ସଂଗତ? ସେମାନଙ୍କ ଉପରେ ରାତିଦିନ କାମର ଚାପ । ଯାହାହେଲେ ବି ସେମାନେ ମଣିଷ ତ! ହସ୍ପିଟାଲ୍, ୱାର୍ଡ, ବହିର୍ବିଭାଗକୁ ଠିକ୍ ଭାବେ ସାନିଟାଇଜ୍ କରାଯାଉଛି କି ନାହିଁ, ଡାକ୍ତର, ନର୍ସ, ଆଟେଣ୍ଡାଣ୍ଟମାନଙ୍କୁ ଆବଶ୍ୟକୀୟ ତଥା ଉଚ୍ଚମାନର ସୁରକ୍ଷା କିଟ୍ ମିଳୁଛି କି ନାହିଁ ଏସବୁ ଉପରେ ପ୍ରଶାସନ ଯଥେଷ୍ଟ ଯତ୍ନଶୀଳ ହେବା ଦରକାର । କାରଣ ସେମାନେ ହିଁ ନିଜ ଜୀବନକୁ ବାଜି ଲଗେଇ ଦେଇଛନ୍ତି ପ୍ରତ୍ୟକ୍ଷ ଭାବେ । ରୋଗୀମାନଙ୍କର ସିଧାସଳଖ ସମ୍ପର୍କରେ ସେହିମାନେ ହିଁ ଆସୁଛନ୍ତି । ସେମାନଙ୍କ ପରିବାର କଥା ଚିନ୍ତା କରାଯିବା ଉଚିତ । ଯେଉଁମାନେ ନିଜ ଜୀବନକୁ ତୁଚ୍ଛ କରି ଜନସେବାରେ ନିଜକୁ ନିୟୋଜିତ କରିଛନ୍ତି ଏବଂ ଯେଉଁମାନେ ଆତ୍ମୀୟଙ୍କ ବିନା ଘରେ ଦୁଃଖ, ଭୟ ଓ ଏକାକୀପଣ ସହ କାଳାତିପାତ କରୁଛନ୍ତି, ସେମାନଙ୍କ ନିରାପତ୍ତା କଥା ସରକାର ବିଶେଷ ଭାବେ ଭାବିବା ଉଚିତ ।

ଦିନକୁ ହଜାର ହଜାର ସ୍ୱାବ୍ ପରୀକ୍ଷା କରୁଥିବା ଲୋକେ ବି ସଂକ୍ରମିତ । ବର୍ତ୍ତମାନ ଯେଭଳି ଭାବରେ ଏ ରୋଗ ତା'ର କାୟା ମେଲିବାରେ ଲାଗିଛି ଆଗକୁ କେତେଜଣ କରୋନା ଯୋଦ୍ଧା ସଂକ୍ରମିତ ହେବେ ଓ କେତେଜଣ କାମ ଚାପରେ ରହି ନିୟମିତ ଚିକିତ୍ସା ଯୋଗାଇପାରିବେ ଏସବୁ କଥା ଯଦି ସମୟ ଥାଇ ବିଚାର କରା ନ ଯାଏ, ତେବେ ସ୍ୱାସ୍ଥ୍ୟସେବା ଗୁରୁତର ସ୍ଥିତିରେ ପହଞ୍ଚିବ । ଜଣେ କରୋନା ଯୋଦ୍ଧା ଶହଶହ ସଂକ୍ରମିତଙ୍କ ଜୀବନ ବଞ୍ଚେଇପାରେ । ଅଥଚ ସେଇ ଜଣକର ଜୀବନକୁ ଆମେ ମୂଲ୍ୟ ଦେବା ନାହିଁ! ଆମର ଭୁଲିଯିବା ଉଚିତ ନୁହେଁ ଯେ ଜଣେ କୋଭିଡ୍ ସଂକ୍ରମିତ ରୋଗୀର ପ୍ରସବବେଳେ ଅପରେସନ୍ ଥିଏଟର୍‌ରେ ଅତି କମ୍‌ରେ ତିନିଜଣ ଡାକ୍ତର (ପ୍ରସୂତି ବିଭାଗ, ନିଶ୍ଚେତକ ବିଭାଗ, ଆବଶ୍ୟକ ସ୍ଥଳେ ଶିଶୁରୋଗ ବିଭାଗ)ଙ୍କ ସମେତ ଜଣେ ନର୍ସ, ଜଣେ ଆଟେଣ୍ଡାଣ୍ଟ ଓ ଜଣେ ସୁଇପର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥାନ୍ତି ଅର୍ଥାତ୍ ମାଆ ପିଲା ଦୁହିଁଙ୍କ ଜୀବନ ବଞ୍ଚେଇବା ପାଇଁ ଛଅଜଣ କରୋନା ଯୋଦ୍ଧା ସେବା ମନୋଭାବ ନେଇ ନିଜକୁ ଉତ୍ସର୍ଗ କରିଥାନ୍ତି । ଯେଉଁଠି ନିଜ ପରିବାରର ଲୋକେ ବି ସ୍ପର୍ଶ କରନ୍ତି ନାହିଁ ରୋଗୀକୁ । ଏଭଳି ସମ୍ବେଦନଶୀଳ ପ୍ରସଙ୍ଗକୁ ସମସ୍ତେ ଭୁଲିଯାଆନ୍ତି କିପରି!

ରୋଗୀର ମୃତ୍ୟୁ ହେଲେ ଅବହେଳା ଆଦି ଅନେକ ଅଭିଯୋଗ କରି ଯେତିକି ହଙ୍ଗାମା କରାଯାଏ, ରୋଗୀଟେ ବଞ୍ଚିଗଲେ ସେତିକି ଜୟଜୟକାର ହୁଏନା । ଏଇଟା ହିଁ ଆମ ମାନସିକତା । ଏସବୁ ଭିତରେ ଆକ୍ରାନ୍ତ ହୋଇ ନିଜ ଜୀବନକୁ ବାଜି ପକେଇ କରୋନା ଯୋଦ୍ଧାମାନେ ଯେପରି ଭାବେ ମୃତ୍ୟୁମୁଖରେ ପଡୁଛନ୍ତି ସେଥିପାଇଁ କାହାକୁ ଦାୟୀ କରିବେ ସେମାନେ । ରୋଗୀମାନଙ୍କଠାରୁ ସଂକ୍ରମଣ ହେଉଥିବ ଭାବି ସେମାନେ ସରକାରୀ ହାସ୍ପାତାଳରେ ରୋଗୀସେବା ବନ୍ଦ କରିପାରିବେ ନାହିଁ । ଅଗଷ୍ଟ ଆଠ ତାରିଖର ଖବର ଅନୁସାରେ ଇଣ୍ଡିଆନ୍ ମେଡିକାଲ୍ ଆସୋସିଏଶନ୍ (ଆଇଏମ୍ଏ) ଆମ ଦେଶରେ ପାଖାପାଖି ଦୁଇଶହ ଡାକ୍ତରଙ୍କ କୋଭିଡ୍‌ଜନିତ ମୃତ୍ୟୁ ଘଟିଛି ବୋଲି କହିସାରିଛି । ଅଧିକରୁ ଅଧିକ ସଂଖ୍ୟାରେ ସେମାନେ ସଂକ୍ରମିତ ହେବାରେ ଲାଗିଛନ୍ତି । ଏଭଳି ଉଦ୍‌ବେଗଜନକ ସ୍ଥିତିକୁ ଆଖି ଆଗରେ ରଖି ଆଇ.ଏମ୍.ଏ. ଡାକ୍ତରମାନଙ୍କ ସମେତ ସେମାନଙ୍କ ପରିବାରକୁ ସ୍ୱାସ୍ଥ୍ୟଜନିତ ନିରାପତ୍ତା ଓ ଆର୍ଥିକ ନିରାପତ୍ତା ଦେବାପାଇଁ ଅନୁରୋଧ କରିଛନ୍ତି । ଅନେକ ଜାଗାରେ ଦେଖାଯାଇଛି କରୋନା ସଂକ୍ରମିତ ଡାକ୍ତରଙ୍କ ପାଇଁ ବେଡ୍ ନାହିଁ ତ ପୁଣି କେତେବେଳେ ଆବଶ୍ୟକୀୟ ଔଷଧ କିମ୍ବା ଅକ୍ସିଜେନ୍ ସିଲିଣ୍ଡରର୍ ଅଭାବ । ଏଭଳି ଦୁଃସ୍ଥିତିର ନିରାକରଣ ପ୍ରତି ଧ୍ୟାନଦେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରାଯାଇଛି । ଆଇ.ଏମ୍.ଏ.ର ସେକ୍ରେଟାରୀ ଡାକ୍ତର ଆର୍.ଭି. ଅଶୋକନ୍‌ଙ୍କ ମତରେ କୋଭିଡ୍-୧୯ ଯୋଗୁ ବର୍ତ୍ତମାନ ଡାକ୍ତରମାନଙ୍କ ମରଣଶୀଳତା ବା ମୃତ୍ୟୁସଂଖ୍ୟା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିସାରିଲାଣି । ହସ୍ପିଟାଲ୍‌ଗୁଡିକରେ ଡାକ୍ତର, ନର୍ସ, ଆଟେଣ୍ଡାଣ୍ଟ, ସୁଇପର୍ ଓ ଅନ୍ୟମାନଙ୍କ ଉପରେ କାମର ଚାପ ସର୍ବାଧିକ । ସେମାନେ ସଂକ୍ରମିତ ହେବାରୁ କାର୍ଯ୍ୟ ଭାର ଯଥେଷ୍ଟ ବଢିଚାଲିଛି । ଶୋଧନ ପ୍ରକ୍ରିୟା ଯଥେଷ୍ଟ ବୋଲି ପ୍ରତ୍ୟୟ ଜାତ ହେଉନାହିଁ । ପ୍ରଶାସନର ଚାପ ବି ସମୟାନ୍ତରରେ ସେମାନଙ୍କ ମନୋବଳକୁ ଦୁର୍ବଳ କରିପକାଉଛି । ଏଭଳି ପ୍ରତିକୂଳତାରେ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା କଷ୍ଟକର ନିଶ୍ଚୟ ।

ଅନ୍‌ଲକ୍ ହେବା ପରେ ଯେଉଁ ଗହଳିକୁ ସେହି ଗହଳି । ଲୋକମାନଙ୍କ ଭିତରେ ପୂର୍ବ ପରି ନା ସଚେତନତା ଅଛି ନା ଅଛି ଭୟ । ବହୁତ ଲୋକ ସୁସ୍ଥ ହେଉଛନ୍ତି ବୋଲି କରୋନା ହେଲେ ସେମାନେ ବି ସୁସ୍ଥ ହୋଇଯିବେ ବୋଲି ସେମାନଙ୍କ ସ୍ପଷ୍ଟୀକରଣ ବାସ୍ତବିକ୍ ଦୁଃଖଦାୟକ । ଏପଟେ ଜଣକ ପାଇଁ ପଛେ ଶତାଧିକ ଲୋକ ଓ ଶତାଧିକଙ୍କଠାରୁ ସହସ୍ରାଧିକ ବା ତଦୂର୍ଦ୍ଧ୍ୱ ସଂକ୍ରମିତ ହୁଅନ୍ତୁ, କୋଭିଡ୍ ହସ୍ପିଟାଲ୍‌ଗୁଡିକରେ ବେଡ୍ ସଂଖ୍ୟା ପଛେ ସରିଯାଉ, କୋଭିଡ୍ ଯୋଦ୍ଧାମାନେ ବିପଦକୁ ଆପଣେଇ ରୋଗୀଙ୍କଠାରୁ ସଂକ୍ରମିତ ହୋଇ ନିଜେ ପଛେ ଜୀବନ ହରାନ୍ତୁ ସାଧାରଣ ଜନତାଙ୍କର କିନ୍ତୁ ପରବାୟ ନାହିଁ! ଆମେ ସଚେତନ ହେବାନି କିନ୍ତୁ ସଂକ୍ରମିତ ହୋଇ ଅନ୍ୟକୁ ସଂକ୍ରମିତ କରି ନିଜ କୃତକର୍ମ ପାଇଁ ପଶ୍ଚାତ୍ତାପ ନ କରି ଚିକିତ୍ସାଜନିତ ତ୍ରୁଟି ଜଣେଇ ହୋହଲ୍ଲା କରିବା, ଆରୋପ ଓ ଆରୋପୀଙ୍କୁ ନେଇ ଭିଡିଓ ବନେଇ ସୋସିଆଲ୍ ମିଡିଆରେ ତାକୁ ରାଜନୀତିକ ରୂପ ଦେବା ଇତ୍ୟାଦି ସାଧାରଣ କଥା ହୋଇଗଲାଣି ।

ଆମ କର୍ତ୍ତବ୍ୟ କ'ଣ ହୋଇପାରେ ଜଣେ ସଚେତନ ମଣିଷ ହିସାବରେ? ଯେଉଁଥିପାଇଁ ଦୁଃସ୍ଥିତିରୁ ନିସ୍ତାର ପାଇବା ସେ ବିଷୟରେ ଚିନ୍ତା ନ କରି ଆଜେବାଜେ କଥାରେ ସମୟ ସାରିବା ହିଁ ସାର ହେଉଛି । ସରକାର ନାକ କାନ ମୋଡିହୋଇ ଖାଲି ଧାଁ ଧପଡ କରୁଥାନ୍ତୁ । ଯେଉଁ ବିଭାଗ କରୋନାଜନିତ ଦୁଃସ୍ଥିତିରେ ରାତିଦିନ ନିଜ ପରିବାରକୁ ପଛରେ ରଖି କାମରେ ଲାଗିପଡିଛନ୍ତି ସେମାନଙ୍କ ମନୋବଳ ଭାଙ୍ଗିଯାଉ ପଛେ ଆମେ କିନ୍ତୁ କରୋନାର ନୀତି ନିୟମ ନ ମାନି ଜୀବନକୁ ଉପଭୋଗ କରୁଥିବା । କେବେ ଥରେ ସେମାନଙ୍କ କଥା ଭାବିବା କିଛିକ୍ଷଣ ପାଇଁ, ସେମାନଙ୍କ ପରିବାର କଥା ଚିନ୍ତା କରିବା କାରଣ ଆମର ବି ପରିବାର ଅଛି, ଜୀବନ ପ୍ରତି ଭୟ ବି ରହିଛି । ସେଥିପାଇଁ ସରକାର ତଥା କୋଭିଡ୍ ଯୋଦ୍ଧାଙ୍କୁ ସହଯୋଗ କରି ସମସ୍ତ ନୀତିନିୟମ ପାଳନ କରିବା କାରଣ ଏ ଦୁଃସମୟରେ ସେମାନେ ଆମ ଶକ୍ତି । ତେବେ ଯାଇ ନିଜକୁ ଜଣେ ଲେଖାଏଁ ସଚେତନ ନାଗରିକ ବୋଲି ପ୍ରମାଣିତ କରିପାରିବା ଓ ପ୍ରଶାସନ ତା'ର କର୍ତ୍ତବ୍ୟ ଠିକ୍ ରୂପେ ନିର୍ବାହ କରୁଛି ବୋଲି ଭାବିପାରିବା ।

ଅଧ୍ୟାପିକା
ମୋ: ୯୪୩୭୩୧୭୦୨୬

# ବରିଷ୍ଠଙ୍କ ଗରିଷ୍ଠତା



ଡ. ସତ୍ୟ ନାରାୟଣ ମିଶ୍ର

ମାନବ ସଭ୍ୟତାର ଆୟମାରମ୍ଭରୁ ତଥା ସୃଷ୍ଟିର ଆବହମାନ କାଳରୁ ପରିବାରରେ ତଥା ସମାଜରେ ବରିଷ୍ଠ ବ୍ୟକ୍ତିମାନଙ୍କର ଏକ ସ୍ୱତନ୍ତ୍ର ସ୍ଥାନ ରହିଆସିଅଛି । କ୍ରମେ ପାରିବାରିକ ଅନୁଶାସନ, ସାମାଜିକ ନୀତି ନିୟମକୁ ପାଥେୟ କରି ସଭ୍ୟ ସମାଜର ଗଣତାନ୍ତ୍ରିକ ମୂଲ୍ୟବୋଧକୁସମ୍ମାନ ଦେବାପାଇଁସରକାର ମଧ୍ୟ ବରିଷ୍ଠ ବ୍ୟକ୍ତିମାନଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନରେ ପ୍ରତିଷ୍ଠିତ କରିବା ପାଇଁ ପ୍ରୟାସ କରିଚାଲିଛନ୍ତି । ସ୍ୱତନ୍ତ୍ରରେ ସ୍ୱାତନ୍ତ୍ର୍ୟକୁ ଉପଲବ୍ଧି କରି ବରିଷ୍ଠମାନେ ନିଜର ଆବଶ୍ୟକତାକୁ ଉପଲବ୍ଧି କରିଥାନ୍ତି । ମାତ୍ର ବରିଷ୍ଠଙ୍କର ଶ୍ରେଷ୍ଠତ୍ୱକୁ ପ୍ରତିପାଦନ କରିବା ପାଇଁ ପରିବାର ହେଉଛି ଏକ ପ୍ରମୁଖ ସ୍ଥାନ । ପରିବାରରେ ଯଦି ବରିଷ୍ଠଙ୍କର ଶ୍ରେଷ୍ଠତ୍ୱକୁ ଅବମାନନା କରାଯାଏ ତେବେ ସମାଜ ବା ଶାସନକଳ କେବେହେଲେ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିପାରିବ ନାହିଁ । ବରିଷ୍ଠ ହେଉଛନ୍ତି ଅନୁଭବ ଓ ଅନୁଭୂତିର ସମନ୍ୱୟ ତଥା ପରିମାର୍ଜିତ ପରିପକ୍ୱ ନିର୍ମଳ ସ୍ଥିତିର ସ୍ରଷ୍ଟା ।

ବାର୍ଦ୍ଧକ୍ୟ ହେଉଛି ଜୀବନର ଏକ ସ୍ତର ଓ ଏହା ସ୍ୱତଃ ଈଶ୍ୱର ଦତ୍ତ । ଯେତେବେଳେ ଜ୍ଞାନର, ବିଚାରର, ବୁଦ୍ଧିର, ବିବେକର ତଥା ମାନବିକତାର ପରିପକ୍ୱତା ଆସିଥାଏ, ସେତେବେଳେ ବାର୍ଦ୍ଧକ୍ୟ ଜୀବନର ଏକ କ୍ରମ ହିସାବରେ ମନୁଷ୍ୟର ଅଜାଣତରେ ମଧ୍ୟ ପ୍ରବେଶ କରିଥାଏ, ଯାହାକୁ ଆମେ କନିଷ୍ଠମାନେ ବରିଷ୍ଠ କହିଥାଉ । ତେଣୁ ବରିଷ୍ଠମାନେ ହେଉଛନ୍ତି ପରିବାରର, ସମାଜର ତଥା ଦେଶର ସମ୍ମାନାସ୍ପଦ ଓ ଆଦରର ବ୍ୟକ୍ତି ବିଶେଷ । ମଣିଷର ଜନ୍ମ କେତେଗୁଡିଏ ସ୍ଥିତି ମଧ୍ୟ ଦେଇ ଅଗ୍ରଗତି ହୋଇ ୬୦ ବର୍ଷ ପଦାର୍ପଣ କଲେ ବାର୍ଦ୍ଧକ୍ୟକୁ ପଦାର୍ପଣ ହୋଇଥାଏ ଓ ବରିଷ୍ଠ ହୋଇଥାନ୍ତି । ବରିଷ୍ଠମାନେ କେତେ ଉତ୍ଥାନ ପତନ ମଧ୍ୟ ଦେଇ ସମସ୍ତ ଜୀବନ ସଂଗ୍ରାମର ଢେଉକୁ ଅତିକ୍ରମ କରି ଶେଷରେ ଏକ ପରିପକ୍ୱ ମଣିଷ ହିସାବରେ ପରିଚିତି ପାଇଥାନ୍ତି । ସେମାନଙ୍କ ନିକଟରେ ଥାଏ ଅସରନ୍ତି ଅନୁଭୂତି, ଅନୁଭବ, ଦୃଷ୍ଟାନ୍ତ, ଜ୍ଞାନ, କର୍ମଚାତୁରି ଇତ୍ୟାଦି ଇତ୍ୟାଦି । ପରିବାର, ସମାଜର ତଥା ଦେଶର କନିଷ୍ଠମାନେ ବରିଷ୍ଠମାନଙ୍କୁ ସମ୍ମାନ କରି ତାଙ୍କଠାରେ ବିଭିନ୍ନ କ୍ଷେତ୍ରରେ ଥିବା ଜ୍ଞାନର ଭଣ୍ଡାରକୁ ଗ୍ରହଣ କଲେ ପରିବାର, ସମାଜ ଓ ଦେଶ ଆନନ୍ଦରେ ଆଗକୁ ଅଗ୍ରଗତି ହୋଇପାରିବ । ମହାଭାରତରେ ପିତାମହ ଭୀଷ୍ମଙ୍କ ଉପଦେଶ ତଥା ତାଙ୍କୁ ସମ୍ମାନ ଦେଇ ଆସୁଥିବା ପର୍ଯ୍ୟନ୍ତ ଭୀଷ୍ମଙ୍କର ବଂଶ ସମାଜରେ ପ୍ରତିଷ୍ଠା ଲାଭ କରିଆସୁଥିଲା । ଯେତେବେଳେ ଭୀଷ୍ମଙ୍କୁ ଓ ଅନ୍ୟ ବରିଷ୍ଠ ବ୍ୟକ୍ତି ବିଶେଷଙ୍କୁ କନିଷ୍ଠମାନେ ଅବମାନନା କଲେ ଓ ତାଙ୍କର ଉପଦେଶକୁ ପ୍ରତ୍ୟାଖ୍ୟାନ କଲେ ଫଳ ସ୍ୱରୂପ ଉକ୍ତ ପ୍ରତିଷ୍ଠିତ ବଂଶ ପତନର ଅନ୍ତିମ ପାହାଚରେ ରକ୍ତ ରଞ୍ଜିତ ହୋଇ ଏକ ଯୁଗର ଅବସାନ ହେଲା । ତେଣୁ ବରିଷ୍ଠଙ୍କୁ କନିଷ୍ଠମାନେ ଉପେକ୍ଷା କରିବାର ଅର୍ଥ କନିଷ୍ଠମାନେ ନିଜେ ଉପେକ୍ଷିତ ହେବା ସୁନିଶ୍ଚିତ ।

ବର୍ତ୍ତମାନର ପରିସ୍ଥିତିରେ ଅନେକ କ୍ଷେତ୍ରରେ ବରିଷ୍ଠ ବ୍ୟକ୍ତି ବିଶେଷଙ୍କୁ ପରିବାରରେ ଅଣଦେଖା କରାଯାଉଛି ବା ସେମାନଙ୍କର ଉପଯୁକ୍ତ ସେବା କରାଯାଉ ନାହିଁ ତାହା ପୁଣି ପରିବାରର କନିଷ୍ଠମାନଙ୍କର ଜ୍ଞାତ ସାରରେ । ସମୟ କ୍ରମେ ପରବର୍ତ୍ତୀ ସମୟରେ ଏହା ବୁମେରାଂ ଭଳି ଯେତେବେଳେ କନିଷ୍ଠମାନେ ନିଜେ ବରିଷ୍ଠର ସ୍ଥାନ ଅଧିଗ୍ରହଣ କରିଥାନ୍ତି ସେହି ପରିବାରରେ କନିଷ୍ଠମାନେ ତାଙ୍କୁ ତଥାକଥିତ ଅଣଦେଖା କରିଥାନ୍ତି, ସେତେବେଳେ ଅନ୍ୟକୁ ପୀଡା ଦେବାର ଘୃଣ୍ୟ ମାନସିକତା ମନେପଡିଥାଏ । ତେଣୁ ବରିଷ୍ଠଙ୍କୁ ସମ୍ମାନ, ସେବା, ଯତ୍ନ, ସୁରକ୍ଷା ଆଦି ଦେବା ହେଉଛି କନିଷ୍ଠମାନଙ୍କର କର୍ତ୍ତବ୍ୟ ଓ ସଂସ୍କାର । ଏଥିରେ ଥାଏ ଅସରନ୍ତି ଆତ୍ମତୃପ୍ତି ଓ ବରିଷ୍ଠମାନଙ୍କଠାରୁ ମିଳିଥାଏ ଅସରନ୍ତି ଆଶୀର୍ବାଦ, ଯାହାକୁ ପାଥେୟ କରି ମଣିଷ ସବୁ ସମସ୍ୟାକୁ ସାମ୍ନା କରି ଅତିକ୍ରମ କରିଥାଏ ଜୀବନର ଯାତ୍ରାକୁ । ସଞ୍ଜ ନଇଁ ଆସିଲେ ସୃଷ୍ଟିର ପ୍ରତ୍ୟେକ ଜୀବଜଗତ ଯେପରି ନିଜ ନିଜର ସୁରକ୍ଷିତ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି, ଠିକ ସେହିପରି ବୃଦ୍ଧାବସ୍ଥା ହେଉଛି ଜୀବନର ସନ୍ଧ୍ୟା । ସନ୍ଧ୍ୟାରୁ ରାତ୍ରି ପର୍ଯ୍ୟନ୍ତ ଅଧିକ ବ୍ୟବଧାନ ବା ସମୟ ନ ଥାଏ । ତେଣୁ ରାତ୍ରିକୁ ସ୍ପର୍ଶ କରିବା ପୂର୍ବରୁ ସନ୍ଧ୍ୟାର ବାର୍ଦ୍ଧକ୍ୟକୁ ଉଚିତ ସମ୍ମାନ ଦେଇ ରାତ୍ରିକୁ ବା ଜୀବନର ଶେଷ ସମୟଙ୍କୁ ଉଚିତ ମୂଲ୍ୟ ଦେଇ ଜୀବନ ନିର୍ବାହ କରିବା ଉଚିତ । ବରିଷ୍ଠ ହେଉଛନ୍ତି ଜ୍ଞାନର ଭଣ୍ଡାର । ସେମାନେ ଆମକୁ ଜନ୍ମ, ଶିକ୍ଷା, ଧନ, ପାରିବାରିକ ସମ୍ପର୍କ ଆଦି ଦେଇଥାନ୍ତି । ଗୋଟିଏ କଥାରେ କହିବାକୁ ଗଲେ ଜୀବନର ସଂପୂର୍ଣ୍ଣ ସମୟ ସେମାନେ କେବଳ ଦେଇଥାନ୍ତି ଓ ତା' ପ୍ରତିବଦଳରେ ସେମାନେ କେବଳ ଅନ୍ତିମ ସମୟରେ ଚାହିଁଥାନ୍ତି ସ୍ନେହ, ଶ୍ରଦ୍ଧା, ଚିକିତ୍ସା, ସେବା, ସୁରକ୍ଷା, ସୁଷମ ଖାଦ୍ୟ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ । ଜୀବନର ପ୍ରତ୍ୟେକ ପାହାଚକୁ ଅତିକ୍ରମ କରି ଶିଖିବା ହେଉଛି ପ୍ରକୃତ ପୁରୁଷାର୍ଥ । ଅସମତଳ ପାହାଚରେ ଝୁଣ୍ଟି ପଡି ଅନ୍ୟକୁ ଦୋଷ ଦେବା ପୁରୁଷାର୍ଥ ନୁହେଁ, ବରଂ କାପୁରୁଷ, ଭୀରୁତାର ପରିଚୟ । ଆଧୁନିକ ବ୍ୟସ୍ତ ବହୁଳ ଜୀବନରେ ନିଜର ସ୍ୱାର୍ଥକୁ ଅଗ୍ରାଧିକାର ଦେଇ ବରିଷ୍ଠମାନଙ୍କୁ ନଗଣ୍ୟ କରିବା ଏକ ସୁସ୍ଥ ସମାଜ ଗଠନରେ ପ୍ରତିବନ୍ଧକ । ନିଜକୁ ନୀତି ଓ ବିବେକର ଶୃଙ୍ଖଳା ମଧ୍ୟରେ ବାନ୍ଧି ହେଲେ କନିଷ୍ଠମାନେ ବରିଷ୍ଠମାନଙ୍କର ଛତ୍ରଛାୟା ତଳେ ଆନନ୍ଦରେ କାଳାତିପାତ କରିପାରିବେ । ପାଣିରେ ଗୋଟାଏ ଟୋପା ତେଲ ରଖିଲେ ତାହା ସଙ୍ଗେ ସଙ୍ଗେ ବିଚ୍ଛୁରିତ ହୋଇ ଚର୍ତୁର୍ଦ୍ଦିଗକୁ ବିସ୍ତାରିତ ହୋଇଗଲା ପରି ବରିଷ୍ଠମାନଙ୍କର ଆଶୀର୍ବାଦ ଆମ ଜୀବନରେ ଚର୍ତୁର୍ଦ୍ଦିଗକୁ ବିଚ୍ଛୁରିତ ହୋଇଯାଏ ଓ ସେଥିରେ ଥାଏ ସେମାନଙ୍କର ଗରିଷ୍ଠତା । ବାର୍ଦ୍ଧକ୍ୟ ହେଉଛି ଜୀବନର ଏକ ଦସ୍ତାବିଜ ବା ରେକର୍ଡ । ଆମେ ଉକ୍ତ ଦସ୍ତାବିଜକୁ ଉତ୍ତମ ଭାବରେ ଯତ୍ନ ନେଲେ ସେଥିରୁ ଅନେକଗୁଡିଏ ଉପାଦେୟ ତଥ୍ୟ ଆମର ଦୈନନ୍ଦିନ ଜୀବନରେ ସହାୟକ ହୋଇପାରନ୍ତା । ବରିଷ୍ଠ ନାଗରିକମାନେ ହେଉଛନ୍ତି ବାଲ୍ୟାବସ୍ଥାର ପୁନରାବୃତ୍ତି । ମଣିଷ ବାଲ୍ୟାବସ୍ଥାରେ ମାତା ପିତାଙ୍କର ଧୈର୍ଯ୍ୟ ଓ ଶ୍ରମର ପରାକାଷ୍ଠାରେ ଯେପରି ଉତ୍ତରୋତ୍ତର ବୃଦ୍ଧି ହୋଇଥାନ୍ତି, ବୃଦ୍ଧାବସ୍ଥାରେ ମଧ୍ୟ ଯେଉଁ ସ୍ଥିତିରୁ ଆସିଥାନ୍ତି ପୁନରାୟ ସେହି ସ୍ଥିତିକୁ ଜୀବନର ବ୍ୟାବହାରିକ ଦୃଷ୍ଟିକୋଣରେ ଜୀବନ ନିର୍ବାହ କରିଥାନ୍ତି, ମାତ୍ର ଜ୍ଞାନ, ଅନୁଭବ, ଅନୁଭୂତି ଆଦିର ଭଣ୍ଡାରକୁ ସେମାନଙ୍କଠାରୁ ଯିଏ ଗ୍ରହଣ କରି ପାରିଲା, ସେ ହୋଇଯାଏ ପ୍ରକୃତ ମଣିଷ । କନିଷ୍ଠ ଯେତେ ଯାହା କଲେ ମଧ୍ୟ ତାହା ବରିଷ୍ଠମାନଙ୍କଠାରେ ନିମିତ୍ତ ମାତ୍ର । କନିଷ୍ଠ ଯାହା ବି କରିଥାନ୍ତି ତାହା ବରିଷ୍ଠଙ୍କର ଗରିଷ୍ଠତାରେ ହିଁ ହୋଇଥାଏ । ବରିଷ୍ଠମାନେ ହେଉଛନ୍ତି ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ବରିଷ୍ଠତାର ଗରିଷ୍ଠତାକୁ ମର୍ମେ ମର୍ମେ ଅନୁଭବ କରି ଆମେ ବରିଷ୍ଠମାନଙ୍କ ନିକଟରେ ନତମସ୍ତକ ହୋଇ ସେମାନଙ୍କର ଗରିଷ୍ଠତାକୁ ସମ୍ମାନ ଦେବା ଓ ସେମାନଙ୍କର ଉପଦେଶକୁ ପାଳନ କରିବା ହେଉଛି ଆମର କର୍ତ୍ତବ୍ୟ ।

ଅଭିଲେଖାଧିକାରୀ, ଭାରତ ସରକାର
ମୋ:୯୯୩୭୩୪୫୯୦୦
satyanarayan_mishra2003@yahoo.co.in

## ଏଇ ଭାରତରେ

ୟୁପିଏସ୍‌ସି ପରୀକ୍ଷାରେ ସଫଳତା ପାଇବା ଯେତିକି କଷ୍ଟ ନିଯୁକ୍ତି ପରେ ତାହା ଆହୁରି ଚ୍ୟାଲେଞ୍ଜିଂ ବୋଲି କୁହାଯାଏ । ହେଲେ ଚ୍ୟାଲେଞ୍ଜିଂ ଜବ୍ ଭିତରୁ ସମୟ ବାହାର କରି ସୁବିଧା ସୁଯୋଗରୁ ବଞ୍ଚିତ ଛାତ୍ରୀମାନଙ୍କୁ ଏହି ପରୀକ୍ଷାରେ କୃତକାର୍ଯ୍ୟ ହେବା ଲାଗି ଅନଲାଇନରେ ଶିକ୍ଷା ଦେଉଛନ୍ତି ଆଇପିଏସ୍ ସୁରଜ ସିଂ ପରିହାର । ୨୦୧୪ ୟୁପିଏସସି ପରୀକ୍ଷାରେ ୩୩୪ ର୍ୟାଙ୍କ ପାଇବା ପରେ ଛତିଶଗଡ ଗୌରାଲା- ପେଣ୍ଡ୍ରା ମରୱାହି ଜିଲାର ଏସପି ଭାବେ ଦାୟିତ୍ୱ ତୁଲାଉଛନ୍ତି । ସପ୍ତାହ ସାରା କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ ବି ସପ୍ତାହାନ୍ତରେ ସେ ୱେବିନାର ଚଳାଉଛନ୍ତି । ଇନଷ୍ଟାଗ୍ରାମ, ଫେସବୁକ, ଟୁଇଟର ଏହି ତିନୋଟି ଅନଲାଇନ ସେସନରେ ଯଥାକ୍ରମେ ୨୫୦୦, ୩୦୦୦ ଓ ୧୩୦୦୦ ୟୁପିଏସସି ଆଶାୟୀମାନେ ଯୋଡି ହୋଇଛନ୍ତି ଓ ଏମାନଙ୍କ ସହ ସୁରଜ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବ୍ୟସ୍ତ ରହୁଛନ୍ତି । ସବୁ ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ସେ ପ୍ରତିଦିନ ନିଜ ଦାୟିତ୍ୱ ଭିତରେ ସମୟ ବାହାର କରି ପ୍ରସ୍ତୁତ ହୋଇଥାନ୍ତି । ସୁରଜ ଅନ୍ୟ ୟୁପିଏସ୍‌ସି ଟପ୍ପରମାନଙ୍କୁ ଏହି ଅନଲାଇନ କ୍ଲାସରେ ସହଯୋଗ କରିବା ପାଇଁ ଅନୁରୋଧ କରନ୍ତି । ବହୁ ସମୟରେ ଏକାଧିକ ଆଇଏଏସ୍ ଓ ଆଇପିଏସ୍ ଅଫିସର ତାଙ୍କ ସହ ସାମିଲ ହୋଇ ଛାତ୍ରମାନଙ୍କ ପ୍ରଶ୍ନର ଉତ୍ତର ରଖୁଛନ୍ତି । ସମୟେ ସମୟେ ବ୍ୟସ୍ତବହୁଳ ଦାୟିତ୍ୱ ଯୋଗୁ ସେମାନେ ଯୋଗ ନ ଦେଲେ ସୁରଜ ସବୁ ପ୍ରଶ୍ନର ଉତ୍ତର ଦିଅନ୍ତି ଓ ଏଥିଲାଗି ସପ୍ତାହାନ୍ତର ପୂରା ସମୟ କଟାଇ ଦିଅନ୍ତି । ବିଭିନ୍ନ ସମସ୍ୟା ଯୋଗୁ ୟୁପିଏସସି ପରୀକ୍ଷାରୁ ବଞ୍ଚିତ ହେଉଥିବା ଆଶାୟୀମାନଙ୍କ ମନୋବଳ ବଢାଇବା ପାଇଁ ସୁରଜଙ୍କ ପ୍ରୟାସ ନିଶ୍ଚିତ ଭାବେ ପ୍ରଶଂସନୀୟ ।

## ଚିରନ୍ତନୀ

ମନ-ମନ୍ଦିରେ ବାଜିଲା ଘଣ୍ଟା ମହୁରି
କାହା ପାଇଁ
ଆଖି କୋଣେ କିପାଁ ଲାଗିଲା ମୁଗ୍ଧ
କାଉଁରୀ
ମନେ ନାହିଁ । -(ମନେ ନାହିଁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

**ସେପ୍ଟେମ୍ବର-୨୭:** ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିଂଙ୍କ ପରଲୋକ ।

**ସେପ୍ଟେମ୍ବର-୨୮:** ୨୦୨୧ ମାର୍ଚ୍ଚ ସୁଦ୍ଧା ଦେଶରେ ପ୍ରଥମ କରୋନା ଟିକା ଉପଲବ୍ଧ ହେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ହର୍ଷବର୍ଦ୍ଧନ ପ୍ରକାଶ କରିଛନ୍ତି ।

**ସେପ୍ଟେମ୍ବର-୨୯:**କଟକଣାରେ ଷୋଡ଼ଶ ବିଧାନସଭା ମୌସୁମୀ ଅଧିବେଶନ ଆରମ୍ଭ ।

**ସେପ୍ଟେମ୍ବର-୩୦:** ବାବ୍ରି ମସ୍‌ଜିଦ ଭଙ୍ଗା ଘଟଣାରେ ସବୁ ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର ସିବିଆଇ କୋର୍ଟ ଦୋଷମୁକ୍ତ କରିଛି ।

**ଅକ୍ଟୋବର-୨:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ତାଙ୍କ ସ୍ତ୍ରୀ ମେଲାନିଆ କରୋନା ଆକ୍ରାନ୍ତ ହୋଇଛନ୍ତି ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | | 3 | | | | | | | | | 9 | 4 | |
| | 1 | | | | 0 | 5 | B | | E | 6 | | | D | |
| 8 | 5 | | | | | | | | 1 | | | E | | |
| | | 9 | D | | | | | | 2 | C | | | | |
| 2 | | | | 7 | 1 | A | 9 | D | | | | | | |
| | | D | E | 0 | 7 | | | A | | 8 | | 3 | | C |
| | | | | | | | 3 | | 6 | E | 0 | 7 | B | |
| | 7 | | | | | 9 | 8 | 1 | | | | 2 | | |
| | | | 2 | | | | 6 | 0 | 7 | | | | A | |
| | | 2 | 1 | 5 | | | | | | | | | | |
| | 9 | 4 | | | | B | | 2 | | 0 | | | | |
| | A | | | E | | | 7 | | D | 3 | | 4 | | |
| C | | | | | | | | 4 | | 5 | | 1 | | A |
| | | 6 | | 1 | | | | | 9 | | C | D | | 7 |
| | | E | | D | C | 6 | 1 | 5 | | 2 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | C | 2 | B | 9 | E | A | 1 | 6 | D | 4 | 7 | 8 | 3 | 5 |
| 7 | 3 | 6 | 2 | 8 | A | B | E | 4 | C | 9 | 5 | 0 | D | 1 |
| D | 1 | A | C | 4 | 5 | 0 | 3 | 9 | 6 | 8 | 2 | 7 | B | E |
| E | 5 | 8 | 6 | 7 | 0 | 2 | C | D | B | 1 | 3 | 4 | 9 | A |
| B | 9 | 4 | D | 1 | 3 | 5 | 7 | 8 | E | 0 | A | 2 | C | 6 |
| 3 | E | B | 0 | 2 | 8 | 6 | D | 7 | A | C | 9 | 5 | 1 | 4 |
| 5 | 8 | 9 | 4 | 6 | D | C | A | 3 | 2 | B | 1 | E | 7 | 0 |
| 1 | 4 | C | 3 | E | 7 | 9 | 2 | 5 | 8 | 6 | 0 | D | A | B |
| A | 6 | 0 | 5 | C | 9 | 1 | B | E | 4 | 7 | D | 3 | 8 | 2 |
| 2 | 7 | D | 1 | A | B | 8 | 4 | 0 | 5 | 3 | E | C | 6 | 9 |
| 4 | 2 | 1 | 7 | 0 | 6 | D | 9 | A | 3 | 5 | 8 | B | E | C |
| 8 | B | 3 | 9 | 5 | 1 | 4 | 0 | C | 7 | E | 6 | A | 2 | D |
| C | 0 | 7 | A | 3 | 2 | E | 5 | 1 | 9 | D | B | 6 | 4 | 8 |
| 9 | A | E | 8 | D | 4 | 7 | 6 | B | 0 | 2 | C | 1 | 5 | 3 |
| 6 | D | 5 | E | B | C | 3 | 8 | 2 | 1 | A | 4 | 9 | 0 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ତାଳ ଗଛର ଉପକାରିତା

ମହାଶୟ,

ପିଲାଦିନେ ସାହିତ୍ୟ ବହିରେ ତାଳଗଛର ବର୍ଣ୍ଣନା କରାଯାଇଥିଲା । ତାଳଗଛ ବର୍ତ୍ତମାନ କେହି ହେଲେ ଲଗାଉ ନାହାନ୍ତି । ସରକାର ବନୀକରଣ କାର୍ଯ୍ୟକ୍ରମରେ ଅନେକ ଜଙ୍ଗଲୀ ଗଛ ଓ ଫୁଲଚାରା ଲଗାଉଥିଲେ ହେଁ ତାଳ ଗଛ ପ୍ରତି ଅଣଦେଖା କରୁଛନ୍ତି । ପ୍ରକୃତରେ କହିବାକୁଗଲେ ତାଳ ଗଛର ଅନେକ ଉପକାରୀ ଗୁଣ ରହିଛି । ଆଗରୁ ଲୋକେ ବଣଜଙ୍ଗଲରେ ତାଳଗଛ ଲଗାଉଥିଲେ । ତାଳଗଛର ତାଡ଼ ପକାଇଦେଲେ ଗଜା ବାହାରି ବିଶାଳ ବିଶାଳ ଗଛ ସୃଷ୍ଟି ହୋଇଥାଏ । ତାଳଗଛ ରହିବା ଦ୍ୱାରା ଲୋକମାନେ ବିଜୁଳି, ଚଡ଼ଚଡ଼ି ଦାଉରୁ ରକ୍ଷା ପାଉଥିଲେ । ତାଳ ଫଳ ଖାଇବା ଦ୍ୱାରା କୃମି ରୋଗ ହେଉ ନ ଥିଲା । ତାଳଗଛକୁ ଗାଈ, ଛେଳି ନ ଖାଇବା ଦ୍ୱାରା ବିନା ଯତ୍ନରେ ବଢ଼ିଥାଏ । ତାଳଗଛରେ ବାଇ ଚଢ଼େଇ ବସା କରିଥାଏ । ପାଚିଲା ତାଳରୁ ଗୁଡ଼ ତିଆରି ହୋଇଥାଏ । ତାଳ କଞ୍ଚା ଓ ପାଚିଲା ଉଭୟ ପ୍ରକାର ଅନେକ ଲୋକଙ୍କ ପସନ୍ଦ । ତାଳ ସମୟରେ ଗରିବ ଲୋକଟିଏ ଏହାକୁ ବିକ୍ରିକରି ଦୁଇପଇସା ରୋଜଗାର ମଧ୍ୟ କରିଥାଏ । ଏହାର ପତ୍ର ଓ ବାହୁଙ୍ଗା ଛେଲିରେ ଅନେକ ଘରକରଣା ସାମଗ୍ରୀ ତିଆରି କରାଯାଇଥାଏ । ବିନା ଯତ୍ନରେ ବଢୁଥିଲେ ହେଁ ଏହା ପ୍ରକୃତି ଓ ମାନବଜାତି ପାଇଁ ବେଶ୍ ଉପାଦେୟୀ । ତେଣୁ ଆସନ୍ତୁ ଆମେ ସମସ୍ତେ ଗୋଟିଏ ଗୋଟିଏ ତାଳଗଛ ଲଗାଇ ପରିବେଶ ପ୍ରତି ଥିବା କର୍ତ୍ତବ୍ୟ ସମ୍ପାଦନ କରିବା ।

ସରୋଜ କୁମାର ମହାନ୍ତି, କୁଦିଆରୀ, ଜଟଣୀ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସଂକ୍ଷେପରେ**

## ଫ୍ଲିପକାର୍ଟ ବିଗ୍ ବିଲିୟନ ଡେ ୧୬ରୁ

**ନୂଆଦିଲ୍ଲୀ,୪।୧୦:** ଫ୍ଲିପକାର୍ଟ ପକ୍ଷରୁ ବିଗ୍ ବିଲିୟନ ଡେ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଚଳିତ ମାସ ୧୬ରୁ ୨୧ ତାରିଖ ଯାଏ ଚାଲିବ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା କମ୍ପାନୀ ଏମ୍ଏସ୍ଏମ୍ଇ ଏବଂ ସେଲରଙ୍କୁ ବିକାଶର ସୁଯୋଗ ପ୍ରଦାନ କରିବ। ଏହି ସମୟରେ ଗ୍ରାହକ ଫ୍ଲିପକାର୍ଟରୁ କ୍ରୟ ଉପରେ ଆକର୍ଷଣୀୟ ଅଫର ଲାଭ କରିପାରିବେ। ଏସ୍‌ବିଆଇ ଡେବିଟ ଏବଂ କ୍ରେଡିଟ କାର୍ଡ କ୍ରୟରେ ରିହାତି, ନୋ କଷ୍ଟ ଇଏମ୍ଆଇ, ବାଧାହୀନ ଶପିଂ ଉପରେ କମ୍ପାନୀ ଫୋକସ କରିଛି। ପ୍ରାୟ ୫୦ ହଜାର କିରାନା ଷ୍ଟୋରକୁ ଯୋଡ଼ିବା ଲାଗି କମ୍ପାନୀ ଆଶାବାଦୀ ରହିଛି। ୮୫୦ରୁ ଊର୍ଦ୍ଧ୍ୱ ସହରରେ ଡେଲିଭରି ପ୍ରଦାନ କରିବା ଲାଗି ପ୍ରସ୍ତୁତ ଥିବା କମ୍ପାନୀର ସିଇଓ କଲ୍ୟାଣ କୃଷ୍ଣମୂର୍ତ୍ତୀ କହିଛନ୍ତି।

## ଲକ୍ଷେ କିରାନା ଷ୍ଟୋରକୁ ଯୋଡ଼ିଲା ଆମାଜନ

**ନୂଆଦିଲ୍ଲୀ,୪।୧୦:** ଆମାଜନ ଇଣ୍ଡିଆ ସାରା ଦେଶରେ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଦୋକାନୀଙ୍କୁ ନିଜ ସହ ଯୋଡ଼ିଛି। ଏହା ମଧ୍ୟରେ କିରାନା, ଛୋଟ ଷ୍ଟୋର, ନେବରହୁଡ ଷ୍ଟୋର ରହିଛନ୍ତି। ଏହି ଷ୍ଟୋରଗୁଡ଼ିକ ପାର୍ବଣରେ ଆମାଜନର ସାମଗ୍ରୀ ଡେଲିଭରି ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ସେହିଭଳି କମ୍ପାନୀର ଲୋକାଲ ଶପ୍ ଅନ୍ ଆମାଜନ କାର୍ଯ୍ୟକ୍ରମରେ ୨୦ ହଜାରରୁ ଊର୍ଦ୍ଧ୍ୱ ଅଫ୍‌ଲାଇନ ରିଟେଲର ଯୋଡ଼ି ହୋଇଛନ୍ତି। କମ୍ପାନୀର ଗ୍ରେଟ୍ ଇଣ୍ଡିଆନ ଫେଷ୍ଟିଭାଲରେ ଏହି ଷ୍ଟୋରଗୁଡ଼ିକ ଅଂଶଗ୍ରହଣ କରିଛନ୍ତି। ଦେଶର ୪୦୦ ସହରରେ ଏହି ସେବା ପାର୍ବଣରେ ଯୋଗାଇ ଦେବା ଲାଗି ଯୋଜନା ରଖାଯାଇଥିବା ଆମାଜନ ଇଣ୍ଡିଆର ଉପସଭାପତି ମନୀଷ ତିୱାରୀ ସୂଚନା ଦେଇଛନ୍ତି।

# କ୍ଷତିପୂରଣ ବିକଳ୍ପକୁ ନେଇ ଟଣାଓଟରା

**ନୂଆଦିଲ୍ଲୀ,୪।୧୦**




- ଆଜି ବସୁଛି ଜିଏସ୍‌ଟି ପରିଷଦ ବୈଠକ
- ବିରୋଧ କରିବେ ଅଣଭାଜପା ଶାସିତ ରାଜ୍ୟ

ସୋମବାର ଜିଏସ୍‌ଟି ପରିଷଦ ବୈଠକ ବସୁଛି। ଏହି ବୈଠକ ଅନେକ ଗୁରୁତ୍ୱ ବହନ କରିବ ବୋଲି ଜଣାପଡ଼ିଛି। ଜିଏସ୍‌ଟି କ୍ଷତିପୂରଣ ଭରଣା କରିବା ଲାଗି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ବିକଳ୍ପ ପ୍ରଦାନ କରିଛନ୍ତି। ଏହାକୁ ଅଣଭାଜପା ଶାସିତ ରାଜ୍ୟ ଯଥା, କେରଳ, ପଶ୍ଚିମବଙ୍ଗ ଏବଂ ପଞ୍ଜାବ ପ୍ରମୁଖ ବିରୋଧ କରିବେ ବୋଲି ଜଣାପଡ଼ିଛି। ଭାଜପା ଶାସିତ ୨୧ ରାଜ୍ୟ କେନ୍ଦ୍ରର ବିକଳ୍ପ ସପକ୍ଷରେ ରହିଛି। ରାଜ୍ୟଗୁଡ଼ିକୁ ରିଜର୍ଭ ବ୍ୟାଙ୍କ ୱିଣ୍ଡୋରୁ ୯୭ ହଜାର କୋଟି ଟଙ୍କାର ଋଣ ଉଠାଣ କିମ୍ବା ବଜାରରୁ ୨.୩୫ ଲକ୍ଷ କୋଟି ଟଙ୍କାର ଋଣ ଉଠାଣ ଭଳି ୨ଟି ବିକଳ୍ପ ପ୍ରଦାନ କରାଯାଇଥିଲା। ୯୭ ହଜାର କୋଟି ଋଣ ସପକ୍ଷରେ ୨୧ ରାଜ୍ୟ ରହିଛନ୍ତି। ଅନ୍ୟ କିଛି ରାଜ୍ୟ କେନ୍ଦ୍ରର ପ୍ରସ୍ତାବକୁ ଏହି ବୈଠକରେ ବିରୋଧ କରିବା ସ୍ଥିତିରେ ରହିଛନ୍ତି। ଏହି ରାଜ୍ୟଗୁଡ଼ିକ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ଗୋଟିଏ ବିକଳ୍ପକୁ ମଧ୍ୟ ଗ୍ରହଣ କରିନାହାନ୍ତି।

ପ୍ରକ୍ରିୟା ସହ ଜଡ଼ିତ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, କେନ୍ଦ୍ରର ପ୍ରସ୍ତାବକୁ କିଛି ରାଜ୍ୟ ବିରୋଧ କରୁଛନ୍ତି। ରାଜ୍ୟଗୁଡ଼ିକୁ ଅନ୍ୟ ବିକଳ୍ପ ପନ୍ଥା ଆପଣାଇ କ୍ଷତିପୂରଣ ପ୍ରଦାନ କରିବା ଲାଗି ଏହି ରାଜ୍ୟଗୁଡ଼ିକ ଦାବି ଉଠାଇବେ ବୋଲି କୁହାଯାଉଛି। ରାଜ୍ୟଗୁଡ଼ିକ କ୍ଷତିପୂରଣ ପ୍ରଦାନ କରିବା କେନ୍ଦ୍ରର ଦାୟିତ୍ୱ ବୋଲି ସମ୍ବିଧାନରେ ଉଲ୍ଲେଖ ରହିଛି। ଚଳିତ ଆର୍ଥିକ ବର୍ଷରେ ୨.୩୫ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ସଂଗ୍ରହ ହ୍ରାସ ଘଟିବ ବୋଲି ଆକଳନ କରାଯାଇଛି। ରାଜସ୍ୱ କ୍ଷତିକୁ ଭରଣା କରିବା ଲାଗି କେନ୍ଦ୍ର ଯେଉଁ ବିକଳ୍ପ ପ୍ରଦାନ କରିଛି ତାକୁ ବିରୋଧ କରି ୬ ରାଜ୍ୟର ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି। ଏହି ରାଜ୍ୟଗୁଡ଼ିକ ମଧ୍ୟରେ ପଶ୍ଚିମବଙ୍ଗ, କେରଳ, ଦିଲ୍ଲୀ, ତେଲଙ୍ଗାନା, ଛତିଶଗଡ ଏବଂ ତାମିଲନାଡୁ ରହିଛି। କେନ୍ଦ୍ର ଋଣ କରି ରାଜ୍ୟଗୁଡ଼ିକୁ ପ୍ରଦାନ କରୁ ବୋଲି ରାଜ୍ୟ ଚାହୁଁଛନ୍ତି। ହେଲେ ଜିଏସ୍‌ଟି କ୍ଷତିପୂରଣ ସେସ୍ ରାଜ୍ୟକୁ ଯାଉଥିବାରୁ କେନ୍ଦ୍ର ସରକାର କାହିଁକି ଋଣ କରିବେ ବୋଲି ଯୁକ୍ତି ବାଢ଼ିଛନ୍ତି। ନିଜ ଟିକସ ପରିସର ବାହାରେ କାହିଁକି ପ୍ରତିଭୂତି ଜାରି କରିବାକୁ କେନ୍ଦ୍ର ସରକାର ଚାହୁଁନାହାନ୍ତି।

ଜିଏସ୍‌ଟି ବ୍ୟବସ୍ଥାରେ ବର୍ତ୍ତମାନ ୫,୧୨,୧୮ ଏବଂ ୨୮ ଭଳି ସ୍ଲାବରେ ଟିକସ ଲାଗୁ ହେଉଛି। ସେହିଭଳି ବିଳାସପୂର୍ଣ୍ଣ ଏବଂ ଅବଗୁଣକାରୀ ସାମଗ୍ରୀଗୁଡ଼ିକ ଉପରେ କ୍ଷତିପୂରଣ ସେସ୍ ଲାଗୁ କରାଯାଉଛି। ଜିଏସ୍‌ଟି ଲାଗୁ ପରେ ରାଜ୍ୟଗୁଡ଼ିକ ସହୁଥିବା ରାଜସ୍ୱ କ୍ଷତିକୁ ଭରଣା ଲାଗି ଏଭଳି ସେସ୍ ଲାଗୁ ହେଉଛି। ରାଜସ୍ୱ କ୍ଷତି ହେଲେ କ୍ଷତିପୂରଣ ପ୍ରଦାନ କରିବାକୁ କେନ୍ଦ୍ର ବାଧ୍ୟ ନୁହେଁ ବୋଲି ପୂର୍ବରୁ କେ.କେ.ଭେନୁଗୋପାଳ ଆଇନଗତ ମତ ରଖିଥିଲେ। କ୍ଷତିପୂରଣ ପ୍ରସଙ୍ଗ ଉପରେ ଜିଏସ୍‌ଟି ପରିଷଦ ଚୂଡ଼ାନ୍ତ ନିଷ୍ପତ୍ତି ନେବ ବୋଲି ସେ କହିଥିଲେ। ୨୦୧୯ ଅଗଷ୍ଟ ପରଠାରୁ ସେସ୍ ସଂଗ୍ରହରେ ବାଧା ଉପୁଜିଛି। ଫଳରେ ରାଜ୍ୟଗୁଡ଼ିକୁ କ୍ଷତିପୂରଣ ପ୍ରଦାନ କରିବା ଲାଗି ବାଧା ଉପୁଜିଛି। ୨୦୧୯-୨୦ରେ କେନ୍ଦ୍ର ସରକାର ୧.୬୫ ଲକ୍ଷ କୋଟି କ୍ଷତିପୂରଣ ପ୍ରଦାନ କରିଛନ୍ତି। ଏହି ଅବଧିରେ ୯୫,୪୪୪ କୋଟି ସେସ୍ ଆଦାୟ ହୋଇଥିଲା। ସେହିଭଳି ୨୦୧୮-୧୯ରେ ୬୯,୨୭୫ କୋଟି ଏବଂ ୨୦୧୭-୧୮ରେ ୪୧,୧୪୬ କୋଟି କ୍ଷତିପୂରଣ କେନ୍ଦ୍ର ପ୍ରଦାନ କରିଛି।

## ଏଚ୍‌ୟୁଏଲ୍ ସହ ଏସ୍‌ବିଆଇର ସହବନ୍ଧନ

**ଭୁବନେଶ୍ୱର,୪।୧୦**

ମହାତ୍ମା ଗାନ୍ଧୀଙ୍କ ୧୫୧ତମ ଜୟନ୍ତୀ ଅବସରରେ ଦେଶର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଓ ହିନ୍ଦୁସ୍ଥାନ ୟୁନିଲିଭର ଲିମିଟେଡ୍ (ଏଚ୍‌ୟୁଏଲ୍) ପରସ୍ପର ସହ ହାତ ମିଳାଇଛନ୍ତି। କ୍ଷୁଦ୍ର ରିଟେଲରମାନଙ୍କୁ ଡିଜିଟାଲ ପେମେଣ୍ଟ ଓ ଫାଇନାନ୍ସ ସମାଧାନ ପ୍ରଦାନ ଦ୍ୱାରା ସେମାନଙ୍କ ଆବଶ୍ୟକତା ପୂରଣ ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏସ୍‌ବିଆଇର କଷ୍ଟମାଇଜଡ୍ ସମାଧାନ ଜରିଆରେ ଏଚ୍‌ୟୁଏଲ୍‌ର ରିଟେଲର ଓ ବିତରକମାନଙ୍କୁ ଡିଜିଟାଲ କ୍ଷେତ୍ରରେ ସଶକ୍ତ କରିବା ଦିଗରେ ଏହା ସହାୟକ ହେବ। ବ୍ୟାଙ୍କ ପକ୍ଷରୁ ଏଚ୍‌ୟୁଏଲ୍‌ର ବିତରକଙ୍କ ସହ ବିଲିଂ ପାଇଁ ରିଟେଲରମାନଙ୍କୁ ତୁରନ୍ତ କାଗଜ ବିହୀନ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଓଭର ଡ୍ରାଫ୍ଟ ସୁବିଧା ମିଳିପାରିବ। ସେହିଭଳି ବିତରକମାନଙ୍କୁ ମଧ୍ୟ ଫାଇନାନ୍ସିଂ ସୁବିଧା ପ୍ରଦାନ ଲକ୍ଷ୍ୟ ରହିଛି। ଏ ସମ୍ପର୍କରେ ଏସ୍‌ବିଆଇର ଅଧ୍ୟକ୍ଷ ରଜନୀଶ କୁମାର କହିଛନ୍ତି, ବିଶ୍ୱର ପ୍ରମୁଖ କମ୍ପାନୀ ସହ ଯୋଡ଼ିହେବା ଏବଂ ଏହାର ଅଂଶୀଦାରମାନଙ୍କୁ ବ୍ୟାପକ ଏବଂ ସୁହାଇବା ଭଳି ସୁବିଧା ପ୍ରଦାନ କରୁଥିବାରୁ ଏସ୍‌ବିଆଇ ଗର୍ବିତ।

## ସୋନି ଇଣ୍ଡିଆର ପାର୍ବଣ ଅଫର

**ନୂଆଦିଲ୍ଲୀ,୪।୧୦**

ସୋନି ଇଣ୍ଡିଆ ଚଳିତ ଦୁର୍ଗାପୂଜାକୁ ନଜରରେ ରଖି ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ଘୋଷଣା କରିଛି। ଜିରୋ ଡାଉନପେମେଣ୍ଟ ସହ ସହଜ ଇଏମ୍ଆଇ ଏବଂ ଫାଇନାନ୍ସ ଯୋଜନା ଭଳି ଆକର୍ଷଣୀୟ ଅଫର ସହ ଅତିରିକ୍ତ ୧୦% କ୍ୟାଶ୍ ବ୍ୟାକ ସୁବିଧା ମଧ୍ୟ କମ୍ପାନୀ ପକ୍ଷରୁ ପ୍ରଦାନ କରାଯାଉଛି। ଏହି ଉତ୍ସବ ଅଫର ବିଶେଷକରି କୋଲକାତାର ଗ୍ରାହକମାନଙ୍କୁ ବେଶ୍ ଉତ୍ସାହ ଯୋଗାଇବ ବୋଲି କମ୍ପାନୀ ଆଶା ରଖିଛି। ଏହି ଅଫର ମାଧ୍ୟମରେ ଗ୍ରାହକମାନେ ଆବଶ୍ୟକ ସାମଗ୍ରୀ ଅତି ସହଜରେ ସଂଗ୍ରହ କରିପାରିବେ।

## ସାମ୍‌ସଙ୍ଗ ପକ୍ଷରୁ ଏଆଇ ସକ୍ଷମ ୱାଶିଂ ମେଶିନ

**ଭୁବନେଶ୍ୱର,୪।୧୦**

ଦେଶର ପ୍ରମୁଖ ଇଲେକଟ୍ରୋନିକ୍ସ ବ୍ରାଣ୍ଡ ସାମ୍‌ସଙ୍ଗ ପକ୍ଷରୁ ଏହାର ୨୦୨୦ ରେଞ୍ଜର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ପରିଚାଳିତ ଫ୍ରଣ୍ଟ ଲୋଡ ୱାଶିଂ ମେଶିନର ଶୁଭାରମ୍ଭ କରାଯାଇଛି। ଏଥିରେ ସାମ୍‌ସଙ୍ଗର ନୂତନ କ୍ୟୁ-ରେଟର ଟେକ୍ନୋଲୋଜି ମଧ୍ୟ ରହିଛି। କମ୍ପାନୀ ପକ୍ଷରୁ ଏହି ସେଗ୍‌ମେଣ୍ଟରେ ପ୍ରଥମ ୭-କେଜି ୱାଶର ଡ୍ରାୟର ଫ୍ରଣ୍ଟ ଲୋଡ ମେଶିନର ମଧ୍ୟ ବଜାର ପ୍ରବେଶ ହୋଇଛି। ଏହି ନୂତନ ରେଞ୍ଜର ୫-ଷ୍ଟାର ୱାଶିଂ ମେଶିନଗୁଡ଼ିକ ଆମାଜନ, ଫ୍ଲିପ୍‌କାର୍ଟ, ସାମସଙ୍ଗର ଅଫିସିଆଲ ଅନ୍‌ଲାଇନ ଷ୍ଟୋର, ସାମ୍‌ସଙ୍ଗ ଶପ୍ ଓ ଅଗ୍ରଣୀ ରିଟେଲ ଷ୍ଟୋରଗୁଡ଼ିକରେ ଉପଲବ୍ଧ ହେଉଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହାର ଅତ୍ୟାଧୁନିକ ଏଆଇ ସମାଧାନଗୁଡ଼ିକ ସହିତ ଉପଭୋକ୍ତାଙ୍କ ପାଇଁ ଅଧିକ ସୁବିଧା ସହ ୧୦-କେଜି ଫୁଲି ଅଟୋମାଟିକ ଫ୍ରଣ୍ଟ ଲୋଡ୍ ଏବଂ ୧୦-କେଜି ଲୋଡ୍ ୱାଶର ଡ୍ରାୟର ମଡେଲଗୁଡ଼ିକ କମ୍ପାନୀର କ୍ୟୁ-ରେଟର ଟେକ୍ନୋଲୋଜି ସହିତ ଏକତ୍ରିତ ହୋଇ ଆସୁଛି।

## ମାଇକ୍ରୋଫାଇନାନ୍ସରେ ନିମ୍ନ ଆୟକାରୀ ମହିଳାଙ୍କୁ ଗୁରୁତ୍ୱ

**ଭୁବନେଶ୍ୱର,୪।୧୦**

ଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ମାଇକ୍ରୋ ଫାଇନାନ୍ସ ଶିଳ୍ପ ସଂସ୍ଥା ପକ୍ଷରୁ ନିମ୍ନ ଆୟକାରୀ ବର୍ଗ ଏବଂ ଅବହେଳିତ ବର୍ଗ ମହିଳାମାନଙ୍କୁ ଗୁରୁତ୍ୱ ପ୍ରଦାନ କରୁଛି। ମହିଳାଙ୍କ ଆର୍ଥିକ ସ୍ୱାଧୀନତା ହାସଲ କରିବା ଦିଗରେ ସଂସ୍ଥା ବ୍ୟାପକ ସହଯୋଗ ପ୍ରଦାନ କରିଆସୁଛି। ଠିକ୍ ସମୟରେ ଆବଶ୍ୟକ ଆର୍ଥିକ ସହାୟତା ସହ ଆର୍ଥିକ ନିଷ୍ପତ୍ତି ଗ୍ରହଣ କରିବା ନିମନ୍ତେ ଏଭଳି ପଦକ୍ଷେପ ମହିଳାଙ୍କୁ ସଶକ୍ତ କରୁଛି। ୨୦୨୦



ଜୁନ୍ ୩୦ ସୁଦ୍ଧା ୫.୮୦ କୋଟିରୁ ଊର୍ଦ୍ଧ୍ୱ ସ୍ୱତନ୍ତ୍ର ଗ୍ରାହକଙ୍କୁ ସମ୍ପ୍ରତି ଏନ୍‌ବିଏଫ୍‌ସି-ଏମ୍ଏଫ୍ଆଇ,ବ୍ୟାଙ୍କ ସମୂହ, କ୍ଷୁଦ୍ର ଅର୍ଥ ଲଗାଣକାରୀ ବ୍ୟାଙ୍କ ସମୂହ ଅଥବା ସ୍ୱତନ୍ତ୍ର ଏନ୍‌ବିଏଫ୍‌ସି ଗୁଡ଼ିକୁ ସେବା ଯୋଗାଇ ଦେଇ ଆସୁଛନ୍ତି। ଭାରତର ମାଇକ୍ରୋ ଫାଇନାନ୍ସ କ୍ଷେତ୍ର ନିଃସନ୍ଦେହରେ ବଦଳିବାରେ ଲାଗିଛି। ବିଶେଷକରି ଏହି ଅପ୍ରତ୍ୟାଶିତ କୋଭିଡ୍-୧୯ ସମୟରେ ମଧ୍ୟ ଏହା ଅନେକଙ୍କ ପାଇଁ ସହାୟତାର ହାତ ବଢ଼ାଇଛି। ୨୦୧୬ ନଭେମ୍ବରରେ କରାଯାଇଥିବା ବିମୁଦ୍ରୀକରଣ ହେଉ ଅଥବା ୨୦୨୦ରେ ବର୍ତ୍ତମାନ ଦେଖାଦେଇଥିବା କରୋନା ମହାମାରୀ ସବୁ ସମୟରେ ମାଇକ୍ରୋ ଫାଇନାନ୍ସ ଶିଳ୍ପ ଆର୍ଥିକ ଅନ୍ତର୍ଭୁକ୍ତିରେ ପ୍ରମୁଖ ଭୂମିକା ଗ୍ରହଣ କରିଛି।

**ରାଜ୍ୟ ଖବର**

# ଏନ୍‌ଏଚ୍ ଡାଇଭର୍ସନ ରୋଡ୍‌ରେ ଘାଇ

**ନୟାଗଡ଼ ଅଫିସ,୪।୧୦**



ଡାଇଭର୍ସନ ରୋଡ୍‌ରେ ଘାଇ ସୃଷ୍ଟି ହୋଇଛି।

- ନୟାଗଡ଼-ଖୋର୍ଦ୍ଧା ୬ଘଣ୍ଟା ବିଚ୍ଛିନ୍ନ
- ବୃନ୍ଦାବନପୁର ଗାଁକୁ ଘେରିଲା ବନ୍ୟାଜଳ

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥ (ଏନ୍‌ଏଚ୍)ର ନୟାଗଡ ସତ୍‌ସଙ୍ଗବିହାର ନିକଟବର୍ତ୍ତୀ ମଜୁରିଆପଲ୍ଲୀ କ୍ଷୁଦ୍ର ପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ସଂଯୋଗ ରାସ୍ତା କରାଯାଇ ନ ଥିଲା। ଫଳରେ ଡାଇଭର୍ସନ ରୋଡ୍‌ରେ ଯାନବାହନ ଯାତାୟାତ କରୁଥିଲା। ଅନ୍ୟପଟେ ଲଗାଣ ବର୍ଷାରେ ନିକଟସ୍ଥ ବୃନ୍ଦାବନପୁର ଗାଁକୁ ବନ୍ୟାଜଳ ଘେରିରହିଥିଲା। ଜଳ ନିଷ୍କାସନ ପଥ ସଂକୀର୍ଣ୍ଣ ଥିବାରୁ ରବିବାର ଡାଇଭର୍ସନ ରୋଡ୍‌ରେ ଘାଇ ସୃଷ୍ଟି ହୋଇଥିଲା। ଏଥିଯୋଗୁ ପ୍ରାୟ ୬ଘଣ୍ଟା ଧରି ନୟାଗଡ଼-ଖୋର୍ଦ୍ଧା ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଥିଲା।

ମିଳିଥିବା ସୂଚନା ଅନୁସାରେ ନୟାଗଡ଼ ବ୍ଲକ ଘଡୁଆଳ ପଞ୍ଚାୟତ ସୀମାନ୍ତରେ ନୟାଗଡ ସତ୍‌ସଙ୍ଗବିହାର ନିକଟ ଜାତୀୟ ରାଜପଥରେ ମଜୁରିଆପଲ୍ଲୀ ପୋଲ ରହିଛି। ଏହି ପୋଲଟି ବିପଦସଙ୍କୁଳ ହେବାରୁ ନୂଆ କ୍ଷୁଦ୍ର ପୋଲ ନିର୍ମାଣ କରାଯାଇ କାମ ଶେଷ ହୋଇଥିଲା। ପ୍ରାୟ ୨ମାସ ବିତିଯାଇଥିଲେ ମଧ୍ୟ ପୋଲର ସଂଯୋଗ ରାସ୍ତା କରାଯାଇ ନ ଥିଲା। ପୁରୁଣା ପୋଲ ବି ପୋତାଯାଇ ନ ଥିଲା। ଡାଇଭର୍ସନ ରୋଡ୍‌ରେ ଯାନବାହନ ଯାତାୟାତ ଚାଲିଥିଲା। ହେଲେ ଏହି ରାସ୍ତାରେ ଆବଶ୍ୟକ ହ୍ୟୁମ୍ ପାଇପ୍ ଦିଆଯାଇ ନ ଥିଲା। ଲଗାଣ ବର୍ଷା ଯୋଗୁ ପାଣି ନିଷ୍କାସନ ହୋଇପାରି ନ ଥିଲା। ଫଳରେ ଘଡୁଆଳ ପଞ୍ଚାୟତର ବୃନ୍ଦାବନପୁର ଗାଁ ଜଳବନ୍ଦୀ ହୋଇ ରହିଥିଲା। ପୂର୍ବାହ୍ନରେ ଡାଇଭର୍ସନ ରୋଡ୍ ଉପରେ ପ୍ରଥମେ ପାଣି ଚାଲିଥିଲା। କିଛିସମୟ ପରେ ଏଠାରେ ଘାଇ ସୃଷ୍ଟି ହେଲା। ଜାତୀୟ ରାଜପଥ କର୍ତ୍ତୃପକ୍ଷ ତରବରିଆ ଭାବେ ଡାଇଭର୍ସନ ରୋଡ୍‌କୁ କାଟି ଜଳ ନିଷ୍କାସନ କଲେ। ହେଲେ ସକାଳ ୮ଟାରୁ ଜାତୀୟ ରାଜପଥରେ ଯିବାଆସିବା ବନ୍ଦ ହୋଇଗଲା। ଯୁଦ୍ଧକାଳୀନ ଭିତ୍ତିରେ କ୍ଷୁଦ୍ର ପୋଲର ସଂଯୋଗ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଲା। ଅପରାହ୍ନ ୨ଟାରେ ପୋଲ ଦେଇ ଯାନବାହନ ଚଳାଚଳ ଆରମ୍ଭ କରିଥିଲା। ନୟାଗଡ ଖୋର୍ଦ୍ଧା ବିଚ୍ଛିନ୍ନ ଯୋଗୁ ରାସ୍ତାର ଉଭୟ କଡରେ ଶତାଧିକ ଯାନବାହାନ ଅଟକି ରହିଥିଲା। ଏଥିଯୋଗୁ ଗୁରୁତର ରୋଗୀମାନେ ଅଯଥା ଖର୍ଚ୍ଚାନ୍ତ ହୋଇ ବିକଳ୍ପ ରାସ୍ତାରେ ଭୁବନେଶ୍ୱର ଓ କଟକ ଯିବାକୁ ବାଧ ହୋଇଥିଲେ। ତେବେ ରାସ୍ତା କାମ କରୁଥିବା ସଂସ୍ଥା ପକ୍ଷରୁ କୁହାଯାଇଛି କରୋନା ଯୋଗୁ ପୋଲର ସଂଯୋଗ ରାସ୍ତା ନିର୍ମାଣରେ ଅସୁବିଧା ହେଲା। ତେବେ ଏହି ଉତ୍ତର ଲୋକଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା। ଏନ୍‌ଏଚ୍‌ର ସହକାରୀ ଯନ୍ତ୍ରୀ ଚନ୍ଦନ ସାହୁ କୁହନ୍ତି, ପାଣି ଜମିବା ଦ୍ୱାରା ଡାଇଭର୍ସନ ରୋଡ୍‌କୁ କାଟି ପ୍ରଥମେ ବନ୍ୟାଜଳ ନିଷ୍କାସନ କରାଗଲା। ପରେ ପୋଲର ଅସ୍ଥାୟୀ ସଂଯୋଗ ରାସ୍ତା ନିର୍ମାଣ କରାଯାଇ ଯାନବାହନ ଚଳାଚଳ ସ୍ୱାଭାବିକ କରାଯାଇଛି। ପାଣି ଶୁଖିଲା ପରେ ପୁଣି ଡାଇଭର୍ସନ ରୋଡ୍ ସାଙ୍ଗକୁ ପୋଲର ସଂଯୋଗ ରାସ୍ତା ନିର୍ମାଣ କରାଯିବ।

## ଚିତ୍ରକୋଣ୍ଡା ବିଡିଓଙ୍କ ଆଲବମ୍ ଭିଡିଓ ଭାଇରାଲ

**ମାଲକାନଗିରି,୪।୧୦ (ଡି.ଏନ.ଏ.)**

ଚିତ୍ରକୋଣ୍ଡା ବିଡିଓ ଲରିମନ ଖର୍ସେଲଙ୍କ ଏକ ଆଲବମ୍ ଭିଡିଓ ଶନିବାର ଭାଇରାଲ ହୋଇଛି। ସମ୍ପୃକ୍ତ ଭିଡିଓରେ ହିରୋ ହୋଇ ଆଲବମ ପ୍ରସ୍ତୁତ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖର୍ସେଲ ଚିତ୍ରକୋଣ୍ଡା ବ୍ଲକକୁ ବିଡିଓ ଭାବେ ଆସିବା ପରେ ବିଚ୍ଛିନ୍ନାଞ୍ଚଳ ସ୍ୱାଭିମାନ ଅଞ୍ଚଳରେ ପରିଣତ ହୋଇଥିଲା। ମାଓବାଦୀ ଅଞ୍ଚଳ ଧୁଳିପୁଟରେ ସେ ପ୍ରଥମେ ପ୍ରଶାସନିକ ଅଧିକାରୀମାନଙ୍କୁ ନେଇ ପହଞ୍ଚିଥିଲେ। ଏମ୍‌ଏନ୍‌ଆର୍‌ଇଜିଏସ୍‌କୁ ମଧ୍ୟ ସେ ସ୍ୱାଭିମାନ ଅଞ୍ଚଳରେ ପହଞ୍ଚାଇ ଲୋକଙ୍କୁ କର୍ମସଂସ୍ଥାନ ଯୋଗଇଥିଲେ। ଏପରି ଜଣେ ଅଧିକାରୀ ଆଲବମ୍ ସୁଟିଂ କରି ସେଥିରେ ହିରୋ ହେବା ଘଟଣା ସାଧାରଣରେ ନାପସନ୍ଦ ହୋଇଛି। ଏ ସମ୍ପର୍କରେ ବିଡିଓ ଖର୍ସେଲଙ୍କୁ ପଚାରିବାରୁ କିଛି ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କୁ ବଦନାମ କରାଯାଉଛି। ସଙ୍ଗୀତ ପ୍ରତି ତାଙ୍କର ଦୁର୍ବଳତା ରହିଛି। ସେ ପୂର୍ବରୁ ଅନେକ ଆଲବମ କରିଛନ୍ତି। ଏହି ଆଲବମଟି ଗତବର୍ଷ କରିଛନ୍ତି। କୋଭିଡର ସମସ୍ତ ନିୟମ ପାଳନ ସମ୍ପର୍କରେ ଆଲବମ୍‌ରେ ଚିତ୍ରଣ କରାଯାଇଛି ବୋଲି ସେ କହିଥିଲେ।

## ନଦୀକୁ ଡେଇଁ ନାବାଳକଙ୍କ ଆତ୍ମହତ୍ୟା

> ମୋବାଇଲରେ ଗେମ୍ ଖେଳିବାକୁ ବିରୋଧ କରିଥିଲେ ମା'

**ବିଞ୍ଝାରପୁର,୪।୧୦(ଡି.ଏନ.ଏ.):** ମୋବାଇଲରେ ଗେମ୍ ଖେଳିବାକୁ ମା' ବିରୋଧ କରିବାରୁ ଜଣେ ନାବାଳକ ରବିବାର ନଦୀକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ଯାଜପୁର ଜିଲା ବିଞ୍ଝାରପୁର ଥାନା ଚନ୍ଦ୍ରମୁଁ ପଞ୍ଚାୟତ ବାଣପୁର ଗ୍ରାମରେ ଏହି ଘଟଣା ଘଟିଛି। ଗ୍ରାମର ନାବାଳକ ଜଣକ ଶନିବାର ଅପରାହ୍ନରେ ମୋବାଇଲରେ ଗେମ୍ ଖେଳୁଥିଲେ। ମାତ୍ର ତାଙ୍କ ମା' ବିରକ୍ତି ହେବା ସହ ମୋବାଇଲ ଛଡାଇ ନେଇଥିଲେ। ଏହି କଥାକୁ କେନ୍ଦ୍ରକରି ନାବାଳକ ରାଗିକି ଘରୁ କେଉଁଆଡେ ଚାଲିଯାଇଥିଲେ। ସନ୍ଧ୍ୟା ହେବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ନଦୀକୂଳରେ ତାଙ୍କ ଜୋତା ପଡ଼ିଥିବାରୁ ସେ ବୁଡ଼ିଯାଇଥିବା ସନ୍ଦେହ କରାଯାଇଥିଲା। ରବିବାର ଖରସ୍ରୋତା ନଦୀର ମଲିଆ ନିକଟରେ ତାଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ଉଦ୍ଧାର କରିଥିଲେ। ଏଏସ୍ଆଇ ସଞ୍ଜୀବ କୁମାର ଥାଟୋଇ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏମବିଏରେ ନାମଲେଖା ନେଇ ପ୍ରବେଶିକା ପରୀକ୍ଷା ସ୍ଥଗିତ

**କୋରାପୁଟ,୪।୧୦(ସ୍ୱ.ପ୍ର.)**

ଆସିଥିବା ପ୍ରସ୍ତାବକୁ ବିଚାର କରି ସୋମବାର ହେବାକୁ ଥିବା ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ଏମବିଏରେ ନାମଲେଖା ନେଇ ପ୍ରବେଶିକା ପରୀକ୍ଷା ସ୍ଥଗିତ ରଖାଯାଇଛି। ବିଶ୍ୱବିଦ୍ୟାଳୟ ୱେବସାଇଟରେ ଏବଂ ଖବରକାଗଜରେ ଖୁବ ଶୀଘ୍ର ନୂତନ ତାରିଖ ଘୋଷଣା କରାଯିବ ବୋଲି ବିଶ୍ୱବିଦ୍ୟାଳୟ ଲୋକ ସମ୍ପର୍କ ଅଧିକାରୀ ଫଗୁନାଥ ଭୋଇ କହିଛନ୍ତି। ଏମବିଏ ୨୦୨୦ ଲାଗି ଗତ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ନାମଲେଖାପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

## ଝିଲି ପାହାଡ଼ରେ ବେଆଇନ ପଥର କ୍ୱାରି

**ଯାଜପୁର ଅଫିସ,୪।୧୦**



- ଏସ୍‌ପିସିବି ପକ୍ଷରୁ କାରଣଦର୍ଶାଅ ନୋଟିସ
- ଶେଷ ହୋଇସାରିଛି ପରିବେଶ ମଞ୍ଜୁରୀ ବୈଧତା
- ଏନଜିଟିଙ୍କ ଦ୍ୱାରସ୍ଥ ହୋଇଛନ୍ତି ସ୍ଥାନୀୟ ଲୋକେ

ଯାଜପୁର ଜିଲା ସୀମାନ୍ତବର୍ତ୍ତୀ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ତହସିଲ ଅନ୍ତର୍ଗତ ଝିଲି ପାହାଡରେ ବେଆଇନ ପଥରକ୍ୱାରି ଉପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଉକ୍ତ ପଥରକ୍ୱାରିରେ ପ୍ରଭାବିତ ସୁକାନ୍ତି ପ୍ରଧାନ, ସିପ୍ରା ପ୍ରଧାନ, ଶୈଳା ପ୍ରଧାନ, ପ୍ରେମାନନ୍ଦ ପ୍ରଧାନ, ସାନ୍ତନୁ କୁମାର ସାହୁ ଓ ସାନ୍ତନୁ ଭୁକ୍ତା ଗତ ୨୫ ତାରିଖରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ଙ୍କ ଦ୍ୱାରସ୍ଥ ହେବା ପରେ ଏସ୍‌ପିସିବି ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏସ୍‌ପିସିବିର ଅନୁଗୋଳ ଆଞ୍ଚଳିକ ଅଧିକାରୀ ଝିଲି ପଥର କ୍ୱାରିର ଲିଜ୍‌ଧାରୀ ଓ ତହସିଲଦାରଙ୍କୁ ଦେଇଥିବା କାରଣ ଦର୍ଶାଅ ନୋଟିସରେ ଦର୍ଶାଯାଇଛି ଯେ, ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଆଇନର ଉଲ୍ଲଂଘନ କରି ପଥରକ୍ୱାରି ଚାଲିଛି। ତେଣୁ ୧୫ ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିଲେ ଆଇନ ଅନୁସାରେ ପଥରକ୍ୱାରିକୁ ବନ୍ଦ କରିବାକୁ ତାଙ୍କ ପତ୍ରସଂଖ୍ୟା ୨୨୧୦/୧।୧୦।୨୦୨୦ରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ଅଭିଯୋଗକାରୀମାନେ ଏନଜିଟିରେ ଦେଇଥିବା ଆବେଦନ ପତ୍ର (ସଂଖ୍ୟା ୮୩/୨୦୨୦)ରେ ଅଭିଯୋଗ କରିଛନ୍ତି ଯେ, ଉକ୍ତ କ୍ୱାରି ଏବଂ କ୍ରସର ପାଇଁ ଚତୁଃପାର୍ଶ୍ୱରେ ମୂଲ୍ୟବାନ ଶାଳ ଗଛ କଟାଯାଇଛି। ଏପରି କି ଉକ୍ତ କ୍ୱାରିର ପରିବେଶ ମଞ୍ଜୁରୀ ବୈଧତା ୩୧।୩।୨୦୨୦ରେ ଶେଷ ହୋଇସାରିଛି। ତଥାପି ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ସହଯୋଗରେ ବ୍ଲାଷ୍ଟିଂ କରି ବେଆଇନ ଭାବେ ପଥର ଉତ୍ତୋଳନ କାର୍ଯ୍ୟ ଜାରି ରହିଛି। ଏଥିଯୋଗୁ ନିକଟସ୍ଥ ଘରଗୁଡ଼ିକରେ ବଡ଼ ବଡ଼ ଫାଟ ସୃଷ୍ଟି ହେଉଛି। ଏଭଳି ଅନେକ ଅଭିଯୋଗ ନେଇ ଅଭିଯୋଗକାରୀମାନେ ଏନଜିଟିଙ୍କ ଦ୍ୱାରସ୍ଥ ହେବା ପରେ ଏସ୍‌ପିସିବି ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମତପ୍ରକାଶ ପାଇଛି।


**ଗୋ-ପ୍ରଜନନ, ଅନୁସନ୍ଧାନ ଓ ବୃଷଭ ଜନନୀ ଫାର୍ମ, ଖପୁରିଆ, କଟକ**

ଫୋନ୍ ନଂ.: 0671-2344749

ନିଲାମ ନୋଟିସ୍ ସଂଖ୍ୟା: ୫୬୮ — ତାରିଖ: ୦୧।୧୦।୨୦୨୦

**ସରକାରୀ ଗାଈ, ମାଈ ଓ ଅଣ୍ଡିରା ବାଛୁରୀ ନିଲାମ ନିମନ୍ତେ ବିଜ୍ଞପ୍ତି**

ରାଜ୍ୟ ସରକାରଙ୍କ ଅଧୀନସ୍ଥ ଗୋ-ପ୍ରଜନନ, ଅନୁସନ୍ଧାନ ଓ ବୃଷଭ ଜନନୀ ଫାର୍ମ, ଖପୁରିଆ, କଟକର କେତେ ଗାଈ, ମାଈ ଓ ଅଣ୍ଡିରା ବାଛୁରୀ ନିଲାମ ହେବ। ଇଚ୍ଛୁକ ଚାଷୀ/ବ୍ୟକ୍ତିଙ୍କଠାରୁ ଉଦ୍ଦିଷ୍ଟ ପ୍ରାଣୀଙ୍କ ନିଲାମ ନିମନ୍ତେ ମୁଦଦିଆ ଟେଣ୍ଡର ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଯୋଗେ ଆହ୍ୱାନ କରାଯାଉଛି। ନିଲାମପାଇଁ ଉଦ୍ଦିଷ୍ଟ ପ୍ରାଣୀଙ୍କୁ ସରକାରୀ କାର୍ଯ୍ୟ ଦିବସରେ ତା୦୫।୧୦।୨୦୨୦ଠାରୁ ତା୨୭।୧୦।୨୦୨୦ ମଧ୍ୟରେ ଦିନ ୧୦ଘଟିକାଠାରୁ ଅପରାହ୍ନ ୫.୩୦ଘଟିକା ମଧ୍ୟରେ ପରିଦର୍ଶନ କରିହେବ। ଏଥିପାଇଁ ଉଦ୍ଦିଷ୍ଟ ଟେଣ୍ଡର କାଗଜର ଫଟୋକପି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ପାଇପାରିବେ।

ସବୁ ଦୃଷ୍ଟିରୁ ଉଚିତ୍ ଭାବରେ ପୂରଣ ହୋଇଥିବା ଟେଣ୍ଡର କାଗଜ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଯୋଗେ ଗ୍ରହଣ କରିବାର ଶେଷ ତାରିଖ ତା୨୭।୧୦।୨୦୨୦ରିଖ।

ଆସନ୍ତା ତା୨୮।୧୦।୨୦୨୦ରିଖ ପୂର୍ବାହ୍ନ ୧୧.୦୦ଘଟିକା ସମୟରେ ଗ୍ରହଣ ହୋଇଥିବା ଟେଣ୍ଡର କାଗଜ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲାଯିବ। ସର୍ବୋଚ୍ଚ ମୂଲ୍ୟ ଲିଖିତ ବ୍ୟକ୍ତିଙ୍କୁ ପ୍ରାଣୀଟି ବିକ୍ରୟ କରାଯିବ।

ଅଧିକ ବିବରଣୀ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ ସହ ଯୋଗାଯୋଗ କରାଯାଇପାରେ। ଏହା ବ୍ୟତୀତ କଟକ ଜିଲ୍ଲା ପୋର୍ଟାଲ **(www.cuttack.nic.in)**ରୁ ମଧ୍ୟ ସମ୍ପୃକ୍ତ ନିୟମାବଳୀ ଓ ଟେଣ୍ଡର ଫର୍ମ ପାଇପାରିବେ।

ସ୍ୱା./- ଅଧୀକ୍ଷକ
ଗୋ-ପ୍ରଜନନ, ଅନୁସନ୍ଧାନ ଓ ବୃଷଭ ଜନନୀ ଫାର୍ମ
ଖପୁରିଆ, କଟକ



**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BERHAMPUR**

At: Ambapua, P.O.- Engineering School, Near Income Tax Office, Berhampur - 760011
E-mail: serwbpr2004@yahoo.com, Tel.Fax: 0680-2404287

**NATIONAL COMPETITIVE BIDDING THROUGH e-Procurement**

No. O-411
Bid Identification No. Online Tender/10/2020-21/BPR

| Identification No. | Name of Work | No. of Works | Approx. Estimated Cost (In Lakh) | Class of Contractor | Period of Completion |
|---|---|---|---|---|---|
| Online Tender/ 10-2020-21/BPR | Road Works under MMSY | 01 No. | Rs.135.10 lakhs | "B" Class, "A" Class as applicable | 04 (Four) Calendar Months as provided |

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| Superintending Engineer, R.W. Circle, Berhampur | Online Tender / 10-2020-21/BPR | 07.10.2020 at 10.00 A.M. | 21.10.2020 upto 3.00 P.M. |

(i) EMD/Bid Security, Cost of Bid document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & corrigendum if any can be seen from the website: **www.tendersodisha.gov.in.**

Sd./- Superintending Engineer, R.W. Circle, Berhampur
OIPR-25071/11/0009/2021

## ସଂକ୍ଷେପରେ

### ବସ୍ ଓଲଟି ୪ ଆହତ

ମାଲକାନଗିରି,୪।୧୦ (ଡି.ଏନ.ଏ.)- ମାଲକାନଗିରି ସଦର ମହକୁମାରୁ ୪ କିମି ଦୂର ଚମ୍ପାଖାରି ନିକଟରେ ଏକ ଘରୋଇ ବସ୍ ଓଲଟି ୪ ଜଣ ଆହତ ହୋଇଛନ୍ତି। ଶନିବାର ରାତି ଗୋଟାଏରେ ଏହି ବସ୍ ୨୭ ଜଣ ଶ୍ରମିକଙ୍କୁ ନେଇ ସୋନପୁରରୁ ତାମିଲନାଡୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଚମ୍ପାଖାରି ଗ୍ରାମ ନିକଟରେ ଓଲଟି ପଡ଼ିଥିଲା। ଏହି ଶ୍ରମିକମାନେ ତାମିଲନାଡୁର ତ୍ରିରୁର ଜିଲାରେ ଥିବା ଏକ ସୂତା କାରଖାନାରେ କାମ କରିବା ପାଇଁ ଯାଉଥିଲେ। ଖବରପାଇ ଆଇଆଇସି ରାମପ୍ରସାଦ ନାଗ ଘଟଣାସ୍ଥଳରେ ପହଞ୍ଚି ଆହତ ଶ୍ରମିକଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ଏକ ସ୍ୱତନ୍ତ୍ର ବସ୍ ଯୋଗେ ଶ୍ରମିକମାନଙ୍କୁ ନିଜ ଗ୍ରାମକୁ ପଠାଯାଇଛି।

### ଜୁଆଆଡ୍ଡା ଉପରେ ଚଢାଉ, ୯ ଅଟକ

ଜୟପୁର, ୪।୧୦(ଡି.ଏନ.ଏ )- କୋରାପୁଟ ଜିଲା ଜୟପୁର ଟାଉନଥାନା ପକ୍ଷରୁ ରବିବାର ସନ୍ଧ୍ୟାରେ ପାରବେଢ଼ା ଅଞ୍ଚଳରେ ଚଢାଉ କରାଯାଇ ଏକ ଜୁଆ ଆଡ୍ଡାରୁ ୯ଜଣ ଜୁଆଡିଙ୍କୁ ଥାନାକୁ ଆଣି ଅଟକ ରଖାଯାଇଛି। ସେମାନଙ୍କ ନିକଟରୁ ୫୦ ହଜାର ୨୦୦ ଟଙ୍କା ଜବତ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

### ମାଲକାନଗିରି: ୧୯ ଆକ୍ରାନ୍ତ

ମାଲକାନଗିରି,୪।୧୦ (ଡି.ଏନ.ଏ.)- ମାଲକାନଗିରି ଜିଲାରେ ରବିବାର ୧୯ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମାଲକାନଗିରି ପୌର ପରିଷଦ ଅଞ୍ଚଳରୁ ୮ ଜଣ, ମାଲକାନଗିରି ଓ ଚିତ୍ରକୋଣ୍ଡା ବ୍ଲକରୁ ଜଣେ ଲେଖାଏ, କୋରକୋଣ୍ଡା ଓ ପଡ଼ିଆ ବ୍ଲକରୁ ୨ ଜଣ ଲେଖାଏ, କାଲିମେଳା ବ୍ଲକରୁ ୫, ଚିତ୍ରକୋଣ୍ଡା ବ୍ଲକର ଜଣେ ଚିହ୍ନଟ ହୋଇଥିବା ଜିଲାପାଳ ମନୀଷ ଅଗ୍ରୱାଲ ସୂଚନା ଦେଇଛନ୍ତି।

### ସତ୍ୟ, ଅହିଂସା ସହ ବିଶ୍ୱାସ ଜୀବନରେ ଗୁରୁତ୍ୱପୂର୍ଣ୍ଣ

କୋରାପୁଟ,୪।୧୦(ସ୍ୱ.ପ୍ର.)- ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟରେ ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ୱେବିନାର ମାଧ୍ୟମରେ ପାଳିତ ହୋଇଯାଇଛି। ବ୍ରିଟେନର ଲେବର ପାର୍ଟି ହାଉସ ଅଫ୍ ଲର୍ଡସ୍ ପ୍ରତିନିଧି ଲର୍ଡ ଭିକ୍ଖୁ ପାରେଖ ଏଥିରେ ମୁଖ୍ୟଅତିଥିଭାବେ ଯୋଗଦେଇ ଆଧାତ୍ମିକତା ଏବଂ ଜୀବନଶୈଳୀ ଉପରେ ଗୁରୁତ୍ୱରୋପ କରି ଗାନ୍ଧିଜୀଙ୍କ ଚିନ୍ତାଧାରାରେ ପ୍ରତିଫଳିତ ଆଧାତ୍ମିକତା ଓ ରାଜନୈତିକ ଦୃଷ୍ଟିକୋଣକୁ ଆଲୋକପାତ କରିଥିଲେ। ସତ୍ୟ, ଅହିଂସା ଏବଂ ବିଶ୍ୱାସ ଜୀବନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗାନ୍ଧିଜୀଙ୍କ ଆଦର୍ଶ ବସୁଧୈବ କୁଟୁମ୍ବକମ୍। ସତ୍ୟ, ଅହିଂସା ଓ ସତ୍ୟାଗ୍ରହ ମାଧ୍ୟମରେ ସେ ଦେଶ ପାଇଁ ଗତିଶୀଳ ପଥ ଦେଖାଇଥିଲେ ବୋଲି ପାରେଖ ପ୍ରକାଶ କରିଥିଲେ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଆଇ. ରାମବ୍ରହ୍ମଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପୂର୍ବରୁ ଗାନ୍ଧିଜୀଙ୍କ ଆଦର୍ଶ ଜୀବନୀ ଉପରେ ଆଧାରିତ ପ୍ରବନ୍ଧ ଓ ଚଳଚ୍ଚିତ୍ର ପ୍ରଦର୍ଶନୀ ସମ୍ପର୍କିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଅବକାରୀ ଚଢାଉ, ଜଣେ ଅଟକ

ଖଇରପୁଟ,୪।୧୦(ଡି.ଏନ.ଏ.)- ମାଲକାନଗିରି ଜିଲ୍ଲା ଖଇରପୁଟରେ ବେଆଇନ ମଦ କାରବାର କରୁଥିବା ଜଣେ ବିହାରୀ ମଦ ବ୍ୟବସାୟୀଙ୍କଠାରୁ ୨ଶହରୁ ଊର୍ଦ୍ଧ୍ୱ ମଦ ପ୍ୟାକେଟ୍ ଜବତ ହୋଇଛି। ତାଙ୍କୁ ଥାନାରେ ଅଟକ ରଖାଯାଇଛି। ଏହି ବ୍ୟବସାୟୀ ଜଣକ ମାଥିଲିର ମଦ ପ୍ରସ୍ତୁତ କରିଆଣି ଖଇରପୁଟର ସଦର ଗ୍ରାମ ସମେତ ଟଙ୍କମୁଣ୍ଡା, ମାଝିଗୁଡା, ଲମତାଗୁଡା, କଦମଗୁଡା,ଅଟଲଗୁଡା ଗ୍ରାମରେ ବିକ୍ରି କରୁଥିଲେ। ରବିବାର ବ୍ୟବସାୟୀ ଜଣକ ଗୋଟିଏ ଗାଡିରେ ୨ଶହ ପ୍ୟାକେଟରୁ ଊର୍ଦ୍ଧ୍ୱ ମଦ ନେଇ ଯାଉଥିବାବେଳେ ମୁଦୁଲିପଡ଼ା ଥାନା ଅଧିକାରୀ କମଳାକାନ୍ତ ବସନ୍ତ କୁମାର କହର ଚଢାଉ କରି ମଦ ଜବତ କରିଥିଲେ।

### ରାୟଗଡ଼ା ଜିଲାରୁ ୫୩ ନୂଆ ପଜିଟିଭ

ରାୟଗଡ଼ା ଅଫିସ,୪।୧୦: ରାୟଗଡ଼ା ଜିଲାରୁ ୫୩ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ଜିଲାର କାଶୀପୁର ବ୍ଲକରୁ ୨୩ଜଣ, ବିଷମକଟକରୁ ୧୧, ମୁନିଗୁଡ଼ାରୁ ୧୦, ରାୟଗଡ଼ା ସହରାଞ୍ଚଳରୁ ୭, ଗୁଡାରିରୁ ଜଣେ, ଗୁଣପୁର ସହରାଞ୍ଚଳରୁ ଜଣେ ରହିଛନ୍ତି। ଏମାନଙ୍କ ମଧ୍ୟରେ ୨ କରୋନା ଯୋଦ୍ଧା ରହିଛନ୍ତି। ନୂତନ ୫୩ ପଜିଟିଭଙ୍କୁ ମିଶାଇ ଜିଲାରେ ମୋଟ ପଜିଟିଭ ସଂଖ୍ୟା ୭୬୨୧ରେ ପହଞ୍ଚିଛି। ସେଥିମଧ୍ୟରୁ ୭୨୨୮ ଜଣ ସୁସ୍ଥହୋଇ ଫେରିଥିବାବେଳେ ୩୮ ଜଣଙ୍କ କରୋନା ଜନିତ ମୃତ୍ୟୁ ଘଟିଛି। ଜିଲାରେ ଆଉ ୩୫୫ ସକ୍ରିୟ ସଂକ୍ରମିତ ରହିଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ବିଲୁପ୍ତ ହୋଇଆସୁଛି କୋକିଶିଆଳି ବଂଶ

ଚନ୍ଦାହାଣ୍ଡି,୪।୧୦(ଡି.ଏନ.ଏ.)



ପୃଥିବୀ ଆରମ୍ଭ କାଳରୁ ପ୍ରକୃତି ଓ ପରିବେଶ ମଧ୍ୟରେ ସନ୍ତୁଳନ ରକ୍ଷା ପାଇଁ ଜଙ୍ଗଲ, ପାହାଡ଼, ବୃକ୍ଷଲତା ସୃଷ୍ଟି ହୋଇଛି। ବନ୍ୟଜନ୍ତୁଙ୍କ ସୁରକ୍ଷା, ବାସସ୍ଥାନ ଓ ଖାଦ୍ୟ ନିମନ୍ତେ ଜଙ୍ଗଲର ଆବଶ୍ୟକତା ରହିଛି। ପୃଥିବୀ ପୃଷ୍ଠରେ ମଣିଷ ସମାଜ ତିଷ୍ଠି ରହିବାରେ ବାଘ, ଭାଲୁ, ହରିଣ, ମାଙ୍କଡ଼, ବାର୍‌ହା, ବଜ୍ରକାପ୍ଟା, ଗଧିଆ, କୋକିଶିଆଳି (ବିଲୁଆ), ମୟୂର ଆଦି ଆଦିଙ୍କ ଭୂମିକା ଅତୁଳନୀୟ । ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ୍‌ର ବିଭିନ୍ନ ଜଙ୍ଗଲରେ ପୂର୍ବରୁ ଏହି ଜୀବଜନ୍ତୁଙ୍କୁ ଅଧିକ ସଂଖ୍ୟାରେ ଦେଖିବାକୁ ମିଳୁଥିଲା। ହେଲେ ଏବେ ମାଙ୍କଡ଼ ବ୍ୟତୀତ ଅନ୍ୟମାନଙ୍କ ବଂଶ ବିଲୁପ୍ତ ସ୍ଥିତିରେ ପହଞ୍ଚିଛି।

ପ୍ରକୃତି ଓ ପରିବେଶର ଅବକ୍ଷୟ, ସବୁଜିମାଭରା ବଣ ଓ ଜଙ୍ଗଲକୁ ମଣିଷ ନଷ୍ଟ କରି ଚାଲିଛି। ଘଞ୍ଚଜଙ୍ଗଲ ସବୁ ଧ୍ୱଂସ ହେବାରେ ଲାଗିଛି। ଫଳରେ ଜଙ୍ଗଲରେ ବସବାସ କରୁଥିବା ଏହି ବନ୍ୟପ୍ରାଣୀ ଗ୍ରାମାଭିମୁଖୀ ହେଉଛନ୍ତି। ଜଙ୍ଗଲରେ ଦେଖାଯାଉଥିବା କୋକିଶିଆଳି(ବିଲୁଆ) ବଂଶ ଏବେ ଲୋପ ପାଇବାକୁ ବସିଲାଣି। ଦିନ ଥିଲା ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ବେଷଣରେ କୋକିଶିଆଳି ଗାଁ ଶେଷ ପର୍ଯ୍ୟନ୍ତ ଆସି 'ହୁକେ ହୁ' ଶବ୍ଦ କରି ଉପସ୍ଥିତି ଜାହିର କରୁଥିଲେ। ଏହି ଶବ୍ଦରେ ମନ ମଧ୍ୟ ଅନନ୍ଦିତ ହେଉଥିଲା। କିନ୍ତୁ ଏବେ ତାହା ଆଉ ଶୁଣିବାକୁ ମିଳୁନାହିଁ। ମଣିଷ ବିଲୁଆ ଶିକାର କରି ତାର ମାଂସ ଖାଇବା ଏବଂ ଚାଷଜମିରେ ରାସାୟନିକ ସାର ପ୍ରୟୋଗ ଯୋଗୁ ସେଠାରୁ ମାଛ, ଗେଣ୍ଡା, ବେଙ୍ଗ, କଙ୍କଡ଼ା ଖାଇ ରାସାୟନିକ ପ୍ରତିକ୍ରିୟା ଦ୍ୱାରା କୋକିଶିଆଳିଙ୍କ ମୃତ୍ୟୁ ଘଟୁଛି। ଯଦ୍ୱାରା

## ଆଉ ଶୁଭୁନି 'ହୁକେ ହୁ' ଶବ୍ଦ

ଏମାନଙ୍କ ବଂଶ ଲୋପ ପାଇବାକୁ ବସିଛି।

ମଣିଷର ହିଂସ୍ର ମନୋଭାବ ଯୋଗୁ ଏହି ପ୍ରଜାତିର ବନ୍ୟଜନ୍ତୁଙ୍କ ଜୀବନ ଅସୁରକ୍ଷିତ ହୋଇପଡ଼ି। ନିଜର ବାସସ୍ଥଳୀ ଅସୁରକ୍ଷିତ ହୋଇପଡ଼ିଛି। ସେହିପରି ଦୁର୍ଘଟଣା ମଧ୍ୟ ଏମାନଙ୍କ ବିଲୁପ୍ତ ହେବାରେ ଅନ୍ୟ ଏକ କାରଣ। ଏହା ମନୁଷ୍ୟ ପାଇଁ ବିପଦ ସଙ୍କେତ ନିଶ୍ଚୟ। ଏମାନଙ୍କ ସଂଖ୍ୟା କମିବା ପ୍ରକୃତି ଓ ପରିବେଶ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ପ୍ରକୃତି ଓ ପରିବେଶପ୍ରେମୀ ଡାକ୍ତର ବସନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି। ଭବିଷ୍ୟତ ପିଢ଼ିଙ୍କ ସୁରକ୍ଷା ପାଇଁ ଏମାନଙ୍କ ସୁରକ୍ଷା ନିମନ୍ତେ ସଂକଳ୍ପବଦ୍ଧ ହେବାକୁ ପଡ଼ିବ। ତେବେ ହିଁ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳନର ଉଦ୍ଦେଶ୍ୟକୁ ସାର୍ଥକ ହେବ ବୋଲି ସେ କହିଛନ୍ତି।

# ଅବନିଙ୍କୁ ସହାୟତା ନେଇ ଘରେ ପହଞ୍ଚିଲା ପ୍ରଶାସନ

ଦଶମନ୍ତପୁର,୪।୧୦(ଡି.ଏନ.ଏ.)

**ଧରିତ୍ରୀ ପ୍ରଭାବ**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ବିଜମରା ଗ୍ରାମରେ ରହୁଥିବା ଅବନି ଜାନିଙ୍କୁ ପ୍ରଶାସନ ସହାୟତା କରିବାକୁ ଆଗେଇ ଆସିଛି। ରବିବାର ପ୍ରଶାସନ ତାଙ୍କ ଘରେ ପହଞ୍ଚି ତାଙ୍କଠାରୁ ଆବେଦନପତ୍ର ଗ୍ରହଣ କରିଛି। ଜଣେ ଉପଯୁକ୍ତ ହିତାଧିକାରୀ ଏଯାଏ ଆବାସ ଯୋଜନାରେ ସାମିଲ ହୋଇ ନ ଥିବା ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଏହି ପଦକ୍ଷେପ ନିଆଯାଇଛି। ଅତି ଗରିବ ଅବନି ଗ୍ରାମର ସାହୁକାରମାନଙ୍କ ଗାଈ ଚରାଇ ସେଥିରୁ ଯାହା ପାଆନ୍ତି ୭ ପ୍ରାଣୀ କୁଟୁମ୍ବ ଚଳାନ୍ତି। ସେ ଆଧାରକାର୍ଡରେ ତ୍ରୁଟି ଯୋଗୁ ଖାଉଟି ସାମଗ୍ରୀ ପାଇପାରୁ ନ ଥିଲେ। ପାଖରେ ଅର୍ଥ ନ ଥିବାରୁ ଘର ମରାମତି କରି ନ ପାରି ଭଙ୍ଗା ଛପର ଘରେ ରହୁଥିଲେ। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ଏହାକୁ ସାମାଜିକ କର୍ମୀ ଦୀପା ବାରିକ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ କରି ଅବଗତ କରାଇଥିଲେ। ପରେ ଅବନିଙ୍କୁ ସହାୟତା କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଆସିଥିଲା। ଫଳରେ ଗିର୍ଲିଗୁମ୍ମା ପିଇଓ ନରସିଂହ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜିଆରଏସ୍ ଶ୍ୟାମ ମାଝିଅବନିଙ୍କ ପରିବାର ନିକଟରେ ପହଞ୍ଚିଥିଲେ। ତାଙ୍କ ପରିବାର ସହ ଆଲୋଚନା କରି ଅବନିଙ୍କ ମାଆଙ୍କ ଠାରୁ ଆବାସ ଗୃହ ପାଇଁ ଆବେଦନ ପତ୍ର ଗ୍ରହଣ କରିଛନ୍ତି। ତାଙ୍କ ଆଧାରକାର୍ଡରେ ରହିଥିବା ତ୍ରୁଟି ମଧ୍ୟ ସଂଶୋଧନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।



ଅବନିଙ୍କ ମାଆଙ୍କଠାରୁ ଜିଆରଏସ ଆବେଦନ ପତ୍ର ଗ୍ରହଣ କରୁଛନ୍ତି।

# ଏଟିଏମ୍ କାର୍ଡ ବଦଳାଇ ଲକ୍ଷାଧିକ ଟଙ୍କା ଚୋରି

ରାୟଗଡ଼ା ଅଫିସ,୪।୧୦

ଏଟିଏମ୍ କାର୍ଡ ବଦଳାଇ ଆକାଉଣ୍ଟରୁ ଲକ୍ଷାଧିକ ଟଙ୍କା ଚୋରି ଅଭିଯୋଗରେ ରାୟଗଡ଼ା ଟାଉନ୍ ଥାନା ପୋଲିସ ରବିବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୨ଲକ୍ଷ ୩୬ହଜାର ୩ଶହ ଟଙ୍କା ଏବଂ ୨ଟି ସୁନା ମୁଦି(୪୬ହଜାର ଟଙ୍କା) ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ଟାଉନ୍ ଥାନା ଅଧୀନ ସାଇପ୍ରିୟା ନଗରରେ ରହୁଥିବା ସୁଧୀର କୁମାର ଷଡ଼ଙ୍ଗୀ(୬୧) ସେପ୍ଟେମ୍ବର ୨୨ରେ ଚୁମ୍ବିଗୁଡ଼ାସ୍ଥିତ ଏକ ଏସ୍‌ବିଆଇ ଏଟିଏମ୍ ଶାଖାକୁ ଟଙ୍କା ଉଠାଇବାକୁ ଯାଇଥିଲେ। ସେଠାରେ ଜଣେ ବ୍ୟକ୍ତି ତାଙ୍କୁ ଟଙ୍କା ଉଠାଇବାରେ ସାହାଯ୍ୟ କରିଥିଲେ। ତେବେ ଅକ୍ଟୋବର ୨ରେ ତାଙ୍କ ଆକାଉଣ୍ଟରୁ ୨ଲକ୍ଷ ୮୭ ହଜାର ୩୩୧ ଟଙ୍କା କଟିଥିବା ସୁଧୀର ଜାଣିବାକୁ ପାଇଥିଲେ। ଏ ନେଇ ସେ ୨ ତାରିଖରେ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ନଂ. ୩୧୩/୨୦ ରେ ଏକ ମାମଲା ରୁଜୁକରି ପୋଲିସ




ପୋଲିସ ଗିରଫ ଅଭିଯୁକ୍ତଙ୍କ ବିଷୟରେ ସୂଚନା ଦେଉଛି।

## ଅଭିଯୁକ୍ତ ଗିରଫ, ଟଙ୍କା ଜବତ

ଘଟଣାର ତଦନ୍ତ ଚଳାଇଥିଲା। ରବିବାର ଅଭିଯୁକ୍ତ ଶେଷକାଲ ଥାନା ଅଧୀନ କୁଶ ଗ୍ରାମର ସୁନୀଲ ଉମାଦେଳ(୨୮)ଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣଙ୍କ ବୃଦ୍ଧଙ୍କୁ ସାହାଯ୍ୟ କରିବା ବାହାନାରେ ତାଙ୍କ ଏଟିଏମ୍ କାର୍ଡଟିକୁ ବଦଳାଇ ଟଙ୍କା ଚୋରି କରିଥିବା ଜଣାପଡ଼ିଛି। ଜବତ ଟଙ୍କା ଏବଂ ୨ ସୁନା ମୁଦି ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରାଯାଇଥିବା ତଦନ୍ତକାରୀ ଅଧିକାରୀ ତଥା ଟାଉନ୍ ଥାନା ଆଇଆଇସି ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## ପୂର୍ବତନ ମନ୍ତ୍ରୀ ମହାରଥୀଙ୍କୁ ଶ୍ରଦ୍ଧାଞ୍ଜଳି

ଜୟପୁର, ୪।୧୦(ଡି.ଏନ.ଏ )

କୋରାପୁଟ ଜିଲା ଜୟପୁର ବିଜୁଜନତା ଦଳ ପକ୍ଷରୁ ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀଙ୍କ ବିୟୋଗରେ ରବିବାର ସନ୍ଧ୍ୟାରେ ପଞ୍ଚାନନ ମନ୍ଦିର ମଣ୍ଡପଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ଯୋଗଦେଇ ପୂର୍ବତନ ମନ୍ତ୍ରୀ ମହାରଥୀ ରାଜ୍ୟର ଜଣେ ଟାଣୁଆ ନେତା ଏବଂ ଦୃଢ ସଙ୍ଗଠକ ଥିଲେ। ତାଙ୍କ ବିୟୋଗ ଯୋଗୁ କେବଳ ବିଜେଡିର ନୁହେଁ ସମଗ୍ର ରାଜ୍ୟର କ୍ଷତି ଘଟିଲା ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଦୁର୍ଗା ପ୍ରସାଦ ମିଶ୍ର, ବାଲା ରାୟ, ଶିବ ପଟ୍ଟନାୟକ, ମୁନା ପାଢ଼ୀ, ମଞ୍ଜିଆ ଗନ୍ତାୟତ, ଅନି ପଟ୍ଟନାୟକ, ପୀତାମ୍ବର ରଥ, ଜିତି ସାହୁ, ବାପି ହୋତା, ମୁନା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଅଶୋକ ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟକାରୀ ସଭାପତି

ଜୟପୁର, ୪।୧୦(ଡି.ଏନ.ଏ )

ଜୟପୁର ଜଗତଜନନୀ ଘରୋଇ ବସ ମାଲିକ ସଂଘର ନୂତନ କାର୍ଯ୍ୟକାରୀ ସଭାପତି ଭାବେ ଅଶୋକ ରାୟ ମନୋନୀତ ହୋଇଛନ୍ତି। ସଂଘ ସଭାପତି ଗୌତମ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସେ ମନୋନୀତ ହୋଇଛନ୍ତି। ଆସନ୍ତା ଡିସେମ୍ବର ୩୧ ସୁଦ୍ଧା କୌଣସି ସ୍ଥାନୀୟ ଜିଲା ଓ ପଡୋଶୀ ଜିଲାକୁ ଚଳାଚଳ କରୁଥିବା ସଂଘର ବସଗୁଡିକ ଠାରୁ ଆଦାୟ ହେଉଥିବା ଦୈନିକ ଦେୟ ଆଦାୟକୁ ସ୍ଥଗିତ ରଖାଯାଇଛି । କାରୋନା ମହାମାରୀ ଯୋଗୁ ଘରୋଇ ବସମାଲକମାନେ ଆର୍ଥିକ ସଙ୍କଟରେ ରହିଛନ୍ତି । ସେମାନଙ୍କୁ ସରକାର ସହାୟତା ପ୍ରଦାନ କରିବାକୁ ବୈଠକରେ ଦାବି ହୋଇଥିଲା। ସାଧାରଣ ସମ୍ପାଦକ ବି.ଏସ.ଆର. ସେନାପତି, ନରେନ୍ଦ୍ର ମହାନ୍ତଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।

## ମଦ ପାଉଚ୍ ଜବତ, ୨ ଗିରଫ

ପାତ୍ରପୁର, ୪।୧୦(ଡି.ଏନ୍.ଏ.)

ଜରଡ଼ା ଥାନା ଇଲାକା ଖମ୍ବାରିଗାଁ ନିକଟରୁ ରବିବାର ପୋଲିସ ତିନି ଶହ ଲିଟର ମଦ ପାଉଚ୍ ସହ ୨ ବାଇକ୍ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଇଚ୍ଛାପୁର ଥାନା ଇଲାକାର ଭି. କଲ୍ୟାଣ ଓ କେ. ସନ୍ତୋଷ।

# 'ଏକବିଂଶ ଶତାବ୍ଦୀରେ ଗାନ୍ଧିବାଦ' ଶୀର୍ଷକ ୱେବିନାର

ଜୟପୁର, ୪।୧୦ (ନି.ପ୍ର.)

ଜୟପୁରସ୍ଥିତ ସରକାରୀ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ଓ ଯୁବ ରେଡକ୍ରସ ଆନୁକୂଲ୍ୟରେ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। 'ଏକବିଂଶ ଶତାବ୍ଦୀରେ ଗାନ୍ଧିବାଦ' ଶୀର୍ଷକ ବିଷୟବସ୍ତୁକୁ ନେଇ ହୋଇଥିବା ଏହି ୱେବିନାରରେ ଜୟପୁର ଉଚ୍ଚଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶାଳୟର ଆଞ୍ଚଳିକ ନିର୍ଦ୍ଦେଶକ ତ୍ରିନାଥ ପ୍ରସାଦ ରଥ ମୁଖ୍ୟଅତିଥି ଓ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଡ. ପ୍ରେମାନନ୍ଦ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଗାନ୍ଧିବାଦର ତାତ୍ପର୍ଯ୍ୟ, ବର୍ତ୍ତମାନ ସମୟରେ ଏହାର ଆବଶ୍ୟକତା ଏବଂ ବିଶ୍ୱ ପାଇଁ ଏହି ଦର୍ଶନର ପ୍ରୟୋଗାତ୍ମକ ଦିଗ ଉପରେ ଆଲୋଚନାରେ ମତ ପ୍ରକାଶ ପାଇଥିଲା। ଆବାହିକା ଡ. କନକଲତା ମହାପାତ୍ର ସ୍ୱାଗତ ସୂଚନା ଓ ଅଧ୍ୟାପକ ମନୋରଞ୍ଜନ ପ୍ରଧାନ ଅତିଥି ପରିଚୟ ଦେଇଥିଲେ। କଲେଜ ଅଧ୍ୟକ୍ଷା ମନୋରମା ଦେବୀ ମହାତ୍ମା ଗାନ୍ଧୀଙ୍କ ଗାନ୍ଧିବାଦର ପ୍ରାସଙ୍ଗିକତା ସମ୍ପର୍କରେ ସୂଚନା ଦେଇଥିଲେ। ସମଗ୍ର ରାଜ୍ୟରୁ ଶତାଧିକ ବ୍ୟକ୍ତି ବିଶେଷ ଏହି ୱେବିନାରରେ ଅଂଶଗ୍ରହଣ କରିଥିଲେ । ପ୍ରଥମେ ଗାନ୍ଧୀଙ୍କ ପ୍ରିୟଭାଜନ ବୈଷ୍ଣବ ଜନତୋ ଅମ୍ଳାନ ମହାପାତ୍ର ଗାନ କରିଥିଲେ। ଓଡ଼ିଆ ବିଭାଗୀୟ ମୁଖ୍ୟ ଉମ୍ବରୁଧର ଦାସ ଧନ୍ୟବାଦ ଦେଇଥିଲେ।

# ମେଧାବୀ ଛାତ୍ରୀଛାତ୍ର ପୁରସ୍କୃତ



ଅତିଥିଙ୍କ ଗହଣରେ ମେଧାବୀ ଛାତ୍ରୀଛାତ୍ର ।

ଗୁଣପୁର,୪।୧୦(ଡି.ଏନ୍.ଏ.):

ରାୟଗଡ଼ା ଜିଲା ଗୁଣପୁରଠାରେ ରବିବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ପକ୍ଷରୁ ମେଧାବୀ ବିଦ୍ୟାର୍ଥୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଗୁଣପୁର ଏସ୍‌ଡିପିଓ ରାଜକିଶୋର ଦାସ, ସମ୍ମାନିତ ଅତିଥିଭାବେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ରମେଶ ସାହୁ ଯୋଗଦେଇ ଏଭଳି ଏକ କାର୍ଯ୍ୟକ୍ରମ ପିଲାଙ୍କ ଉତ୍ସାହ ବଢ଼ାଇବ ବୋଲି କହିଥିଲେ। ଏଥିସହ ଅତିଥିମାନେ ଛାତ୍ରୀଛାତ୍ରଙ୍କ ସଫଳତା ଏବଂ ଉଚ୍ଚଶିକ୍ଷା ପାଇଁ ଶୁଭକାମନା ଜଣାଇଥିଲେ। ଏବିଭିପିର ସଭାପତି ପ୍ରଫୁଲ୍ଲ ଲିମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଶୁଭାଶିଷ ସେନାପତି, ଲକ୍ଷ୍ମୀଧର ମହାଙ୍କୁଡ଼, ବିଭାଗ ପ୍ରମୁଖ ଉମାଶଙ୍କର ଦାସଙ୍କ ସମେତ ବିଭାଗ ସଂଯୋଜକ ଏସ୍.ଶିବାଜୀ, ଜିଲା ସଂଯୋଜକ ବି.ସତିଶ୍ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ୧୦ମ ଏବଂ ଯୁକ୍ତଦୁଇର ୧୦ ମେଧାବୀ ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଏଥିସହ କାର୍ଯ୍ୟକ୍ରମରେ କରୋନା ଯୋଦ୍ଧାମାନଙ୍କୁ ମଧ୍ୟ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଶେଷସାଇ ସେନାପତି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ଓଡ଼ିଶା ମାଟିକୁ ପ୍ରଣାମ

ଜୟପୁର, ୪।୧୦(ଡି.ଏନ.ଏ )

ଓଡ଼ିଶା ମାଟିକୁ ପ୍ରଣାମ। ଏ ମାଟି ମୋତେ କର୍ମ ଦେଇଛି। ପରିଚୟ ଦେଇଛି। ମୋ ପରିବାର ଚଳାଇଛି। ଏପରି ଭାବବିହ୍ୱଳ ହୋଇ କହିଛନ୍ତି ମଧ୍ୟପ୍ରଦେଶ ଇନ୍ଦୋର ବାସିନ୍ଦା ଅଲ୍ଲିୱର ଖାନ୍। ଖାନ୍ ଚାଚା ରୂପେ ପରିଚିତ ଅଲ୍ଲିୱର ଦୀର୍ଘ ୧୭ ବର୍ଷ ହେଲା ଜୟପୁରରେ ରହି ଘର ସାଜସଜ୍ଜା ସାମଗ୍ରୀ ବ୍ୟବସାୟ କରୁଛନ୍ତି। ଜୟପୁର, କୋରାପୁଟ, ସୁନାବେଡା, ଦାମନଯୋଡି, ସେମିଳିଗୁଡା, ବୋରିଗୁମ୍ମା, କୋଟପାଡ ସହରରେ ଦଶହରା ଏବଂ ଦୀପାବଳି ସମୟରେ ସେ ସାଜସଜ୍ଜା ସାମଗ୍ରୀ ବିକ୍ରି କରିଥାଆନ୍ତି। ଏଥିରୁ ଆୟ ଟଙ୍କାରେ ସେ ପରିବାର ଚଳାନ୍ତି। ସ୍ତ୍ରୀ, ଦୁଇପୁଅ, ବୋହୂ, ଦୁଇଝିଅ ଓ ନାତୁଣୀ ନାତିଙ୍କୁ ନେଇ ତାଙ୍କ ପରିବାର। ପ୍ଲାଷ୍ଟିକ, କନାରେ ସାଜସଜ୍ଜା ସାମଗ୍ରୀ ତିଆରି କରିବା ସହ ଏହାକୁ ବିକ୍ରି କରିବା ହେଉଛି ଅଲ୍ଲିୱରଙ୍କ କାମ। ଦଶହରା ଦୀପାବଳି ପରେ ପରିବାର ଲୋକେ ଇନ୍ଦୋର ଚାଲିଯାଆନ୍ତି । ମାତ୍ର ଅଲ୍ଲିୱର ଏଠାରେ ରହି ପୁରୁଣା ଟାୟାର କ୍ରୟ କରିବା ଏବଂ ଏହାକୁ ଅନ୍ୟତ୍ର ବିକ୍ରି କରିବା ଭଳି ବ୍ୟବସାୟ କରିଥାଆନ୍ତି। ଏହି ବ୍ୟବସାୟରେ ସେ ପରିବାର ଚଳାଇବା ସହ ନିଜ ୪ ଝିଅଙ୍କୁ ବିବାହ ଦେଇଛନ୍ତି। ମୂଳତଃ ରାଜସ୍ଥାନ ରାଜ୍ୟର ଯୋଧପୁର ଅଞ୍ଚଳ ବାସିନ୍ଦା ଅଲ୍ଲିୱର ଓଡ଼ିଶାକୁ ଆସିବା ପରେ ଏଠାରେ ରହିଯାଇଛନ୍ତି।



ନିଜ ଦୋକାନରେ ଅଲ୍ଲିୱର ।

# କୋରାପୁଟ: କରୋନାରେ ଆଉ ଜଣଙ୍କର ମୃତ୍ୟୁ

କୋରାପୁଟ,୪।୧୦,(ସ୍ୱ.ପ୍ର.)

## ମୃତ୍ୟୁସଂଖ୍ୟା ହେଲା ୧୨

କୋରାପୁଟ ଜିଲାରେ କରୋନାରେ ଜଣଙ୍କ ମୃତ୍ୟୁ ହୋଇଛି। ସେ ୫୫ ବର୍ଷର ମହିଳା ବୋଲି ଜଣାପଡିଛି। ପୂର୍ବରୁ ଜିଲାରେ କରୋନାରେ ୧୧ ଜଣଙ୍କ ମୃତ୍ୟୁ ହୋଇଥିଲା। ଫଳରେ ଏହାକୁ ମିଶାଇ ଜିଲାରେ କରୋନା ମୃତ୍ୟୁସଂଖ୍ୟା ୧୨ରେ ପହଞ୍ଚିଛି। ରବିବାର ଜିଲାରେ ୪୫ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୬୩୧୬ ହୋଇଛି। ଚିହ୍ନଟ ୪୫ ଜଣଙ୍କ ମଧ୍ୟରେ ୧୪ ମହିଳା ୩୧ ପୁରୁଷ ରହିଛନ୍ତି। କ୍ୱାରାଣ୍ଟାଇନ ସେଣ୍ଟରରୁ ୪ ଜଣ, ପୂର୍ବ ପଜିଟିଭଙ୍କ ସଂସ୍ପର୍ଶରେ ଆସି ୨୧ ଓ ସ୍ଥାନୀୟ ସଂକ୍ରମିତ ୨୦ ଜଣ ରହିଛନ୍ତି। ଜୟପୁର ମ୍ୟୁନିସିପାଲିଟିରୁ ୪, କୋରାପୁଟ ମ୍ୟୁନିସିପାଲିଟିରୁ ୧୧, ସୁନାବେଡା ମ୍ୟୁନିସିପାଲିଟିରୁ ୪, କୋରାପୁଟ ଓ ଦଶମନ୍ତପୁର ବ୍ଲକରୁ ଜଣେ ଲେଖାଏ, ବୈପାରିଗୁଡା ବ୍ଲକରୁ ୮, ବୋରିଗୁମ୍ମା ବ୍ଲକରୁ ୪ , ଜୟପୁର ଓ ଲକ୍ଷ୍ମୀପୁର ବ୍ଲକରୁ ୨ ଜଣ ଲେଖାଏ, କୁନ୍ଦୁରା ବ୍ଲକରୁ ୫ ଏବଂ ସେମିଳିଗୁଡା ବ୍ଲକରୁ ୩ ଜଣ ଚିହ୍ନଟ ହୋଇଛନ୍ତି।

# ମରଣଯନ୍ତା ପାଲଟିଲାଣି ୨୬ ନଂ. ଜାତୀୟ ରାଜପଥ

ପଟାଙ୍ଗି,୪।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା ପଟାଙ୍ଗୀ ବ୍ଲକ ସଦର ମହକୁମା ଦେଇ ଛତିଶଗଡ଼ ଓ ଆନ୍ଧ୍ରକୁ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥ ଏବେ ମରଣ ଯନ୍ତାରେ ପରିଣତ ହେଲାଣି। ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଉକ୍ତ ରାଜପଥ ଦେଇ ଆନ୍ଧ୍ରରୁ ଅନେକ ସମୟରେ ଛତିଶଗଡ଼କୁ ଅନେକ ଯନ୍ତ୍ରପାତି ଭାରିଯାନରେ ପରିବହନ ହେଉଛି। କୋରାପୁଟ ଜିଲାରେ ଥିବା ଦାମନଯୋଡ଼ି ନାଲ୍‌କୋ ଏବଂ ସୁନାବେଡ଼ାସ୍ଥିତ ହାଲ୍‌କୁ ମଧ୍ୟ ଅନେକ ଯନ୍ତ୍ରପାତି ଆସୁଛି। ବ୍ରହ୍ମପୁର ଏବଂ ବିଶାଖାପାଟଣାକୁ ସ୍ୱାସ୍ଥ୍ୟସେବା ପାଇଁ ମଧ୍ୟ ଲୋକେ ଯାତାୟାତ କରୁଛନ୍ତି। ଏହି ରାଜପଥ ଏକ ଗୁରୁତ୍ୱପୂର୍ଣ୍ଣ ରାଜପଥ ହୋଇଥିଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ ପାଇଁ ବିଭାଗର ନଜର ନାହିଁ। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଭାରିଯାନଗୁଡିକ ଅଧିକାଂଶ ସମୟରେ ଖରାପ ହୋଇପଡୁଛି। ରାସ୍ତା ଖରାପ ହେତୁ ଦୁର୍ଘଟଣାମାନ ଘଟୁଛି। ପଟାଙ୍ଗୀ ବ୍ଲକ ଦେଇ ଆନ୍ଧ୍ର ଯାଇଥିବା ରାସ୍ତାରେ ଅନେକ ଖାଲଖମା ହୋଇଛି। ଏହାକୁ ମରାମତି କରାଯାଉନାହିଁ । ରାଜପଥରେ ରହିଥିବା କଲଭର୍ଟଗୁଡିକରୁ ଲୁହାଛଡ଼ ବାହାରି ଅଧିକ ବିପଦ ସୃଷ୍ଟି କରୁଛି। ଏପରି ଅବ୍ୟବସ୍ଥାକୁ ନେଇ ଗାଡ଼ିଚାଳକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।



ଜାତୀୟ ରାଜପଥରେ ବାହାରି ରହିଥିବା ଲୁହାଛଡ଼।

**ଆର୍ମେନିଆ ଟାର୍ଗେଟରେ ଆଜରବୈଜାନ ସହର**

ବିବାଦୀୟ କ୍ଷେତ୍ର 'ନାଗୋର୍ନୋ କାରାବାଖ'କୁ କରାୟତ୍ତ କରିବାକୁ ଆର୍ମେନିଆ-ଆଜରବୈଜାନ ମଧ୍ୟରେ ଘମାଘୋଟ ଯୁଦ୍ଧ ରବିବାର ଅଷ୍ଟମ ଦିନରେ ପହଞ୍ଚିଛି। ଆର୍ମେନିଆର ମିଶାଇଲ ମାଡ଼ରେ ଆଜରବୈଜାନର ଗାଞ୍ଜା ସହରର ବଡ଼ବଡ଼ କୋଠ ଧରାଶାୟୀ ହୋଇଯାଇଛି। ଅନେକ ମୃତାହତ ହୋଇଛନ୍ତି। ଆର୍ମେନିଆ ଦ୍ୱାରା କରାଯାଇଥିବା ଭୟଙ୍କର ଆକ୍ରମଣର ଦୃଶ୍ୟକୁ ଆଜରବୈଜାନ ରାଷ୍ଟ୍ରପତି ହିକ୍ମେତ ହେଜିୟେଭ୍ ଟୁଇଟ୍ କରିଛନ୍ତି।



# 'କ୍ଷମତାକୁ ଆସିଲେ କୃଷି ଆଇନ ହଟିବ'

**ନୂଆଦିଲ୍ଲୀ,୪।୧୦**



କୃଷକଙ୍କୁ ରାହୁଲଙ୍କ ପ୍ରତିଶ୍ରୁତି

କୃଷକଙ୍କ ବିକାଶ ଲାଗି କଂଗ୍ରେସ ସର୍ବଦା କାମ କରିଆସିଛି। ଦଳ କେନ୍ଦ୍ରରେ କ୍ଷମତାକୁ ଫେରିବା ପରେ ବିବାଦୀୟ କୃଷି ଆଇନକୁ ହଟାଇ ଦିଆଯିବ ବୋଲି ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାର କୃଷକଙ୍କ ବିକାଶ ନୁହେଁ ବିନାସ ଚାହୁଁଛନ୍ତି ବୋଲି ସେ କହିଛନ୍ତି। ଖାଦ୍ୟଶସ୍ୟ ସଂଗ୍ରହ, ଏମ୍ଏସ୍ପି, ହୋଲ୍ସେଲ୍ ମାର୍କେଟ ଦେଶର ୩ ସ୍ତମ୍ଭ। କେନ୍ଦ୍ର ସରକାର ଏଥିରୁ ଦୂରେଇ ଯାଇ କୃଷକଙ୍କୁ ବୋକା ବନାଉଛନ୍ତି। କଂଗ୍ରେସ ଏହା କେବେ କରାଇ ଦେବନାହିଁ। ପଞ୍ଜାବର ମୋଗାଠାରେ ୩ ଦିନିଆ 'କ୍ଷେତି ବଚାଓ ଯାତ୍ରା'ର ଶୁଭାରମ୍ଭ କରି ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ସମାଲୋଚନା କରିଛନ୍ତି। ଗତ ମାସରେ ପାର୍ଲାମେଣ୍ଟରେ ପାସ୍ ହୋଇଥିବା କଳା ଆଇନକୁ ତୀବ୍ର ବିରୋଧ କରାଯିବ ବୋଲି ସେ ମତ ଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ପକ୍ଷରୁ କୃଷକଙ୍କ ବିକାଶ ଓ ବିକ୍ରି ସ୍ୱାଧୀନତା ଲାଗି ସଂଶୋଧିତ କୃଷି ବିଲ୍ରେ ବ୍ୟବସ୍ଥା କରାଯାଇଥିବା ଦାବି କରାଯାଉଛି। ଏମିତିକି କୃଷକଙ୍କ ଲାଗି ନୁହେଁ ବରଂ ନିଜ ରାଜନୈତିକ ସ୍ୱାର୍ଥ ହାସଲ ଲାଗି କଂଗ୍ରେସ ରାଜନୀତି କରୁଛି ବୋଲି ଅଭିଯୋଗ କରାଯାଉଛି। ଘରୋଇ ସଂସ୍ଥା କୃଷି କ୍ଷେତ୍ରରେ ପ୍ରବେଶ କଲେ କୃଷକଙ୍କୁ ଉତ୍ପାଦିନ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ମିଳିବା କଷ୍ଟକର ହୋଇପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, କେନ୍ଦ୍ରର କୃଷି ଆଇନକୁ ବିରୋଧ କରି ପଞ୍ଜାବ, ହରିୟାଣା ଭଳି ଅନେକ ରାଜ୍ୟରେ କୃଷକ ଆନ୍ଦୋଳନ ମୁଣ୍ଡ ଟେକିଛି। ଏମିତିକି ଶିରୋମଣି ଅକାଳୀ ଦଳ ଭଳି ପୁରୁଣା ସହଯୋଗୀ ଦଳ ଏନ୍ଡିଏରୁ ସମ୍ପର୍କ ଛିନ୍ନ କରିଛି। ଏହି ବିଲ୍ କୃଷକ ବିରୋଧୀ ବୋଲି ବିରୋଧୀ ଦଳ ପକ୍ଷରୁ ଦାବି କରାଯାଇ ବିକ୍ଷୋଭ କରାଯାଉଛି। ରାହୁଲଙ୍କ ସହ ଥିବା ପଞ୍ଜାବ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଏକ ବିଶାଳ ଟ୍ରାକ୍ଟର ରାଲିରେ ଯୋଗଦେଇ ବିବାଦୀୟ କୃଷି ଆଇନ ନ ହଟିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି।




**ଲକ୍ଷ୍ନୌ:** ହାଥ୍ରସ ଜିଲା ମାଜିଷ୍ଟ୍ରେଟ୍ ପ୍ରବୀଣ କୁମାରଙ୍କ ବଦଳି ଦାବିରେ କଂଗ୍ରେସ କର୍ମକର୍ତ୍ତାଙ୍କ ବିକ୍ଷୋଭ।

## ୧୨ରେ ପୁଣି ଭାରତ-ଚାଇନା ସୀମା ଆଲୋଚନା

**ନୂଆଦିଲ୍ଲୀ,୪।୧୦**

ଭାରତ- ଚାଇନା ସୀମା ବିବାଦର ସମାଧାନ ଲାଗି ବହୁବାର ଆଲୋଚନା ହୋଇଥିଲେ ହେଁ ସମ୍ଭବ ହୋଇପାରୁନାହିଁ। ଗତ ସେପ୍ଟେମ୍ବର ୨୧ରେ ଦ୍ୱିପାକ୍ଷିକ ଆଲୋଚନା କରାଯାଇଥିବାବେଳେ କିଛି ନିର୍ଯ୍ୟାସ ବାହାରି ନ ଥିଲା। ଏଥର ଆସନ୍ତା ୧୨ରେ ପୁଣି ଦୁଇଦେଶର କମାଣ୍ଡରସ୍ତରୀୟ ଆଲୋଚନା ଅନୁଷ୍ଠିତ ହେବ। ସୀମାରେ ଦୁଇଦେଶ ପକ୍ଷରୁ ସେନା ଠୁଳକରାଯିବା ସହ ଯୁଦ୍ଧସମ ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥିତାବସ୍ଥା ବଜାୟ ରଖି ସୀମାରେ ଶାନ୍ତିରକ୍ଷା କରିବା ଉପରେ ଭାରତ ଗୁରୁତ୍ୱ ଦେଇଆସୁଛି। ସୀମାରୁ ସୈନ୍ୟ ହଟାଇବା ଲାଗି ସହମତି ପ୍ରକାଶ ପାଇଥିଲା। ହେଲେ ଚାଇନାର ଆବଭାବରେ ପରିବର୍ତ୍ତନକୁ ଆଖିଆଗରେ ରଖି ଭାରତ ପୂର୍ଣ୍ଣ ପ୍ରସ୍ତୁତି ଚଳାଇଛି। ପୂର୍ବ ଲଦାଖରେ ବାୟୁସେନା ଓ ସ୍ଥଳସେନା ମିଳିତ ଭାବେ ଚାଇନାର ସମ୍ମୁଖୀନ ହେବାକୁ ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ସେପଟେ ଭାରତ, ଆମେରିକା, ଜାପାନ, ଅଷ୍ଟ୍ରେଲିଆ ଏକାଠି ହେବା ସହ ବୈଦେଶିକ ମନ୍ତ୍ରୀଙ୍କୁ ନେଇ ବୈଠକ କରିବାକୁ ଯାଉଛନ୍ତି।

## ଗୁରୁଗ୍ରାମରେ ମହିଳାଙ୍କୁ ଗଣବଳାତ୍କାର

**ଗୁରୁଗ୍ରାମ,୪।୧୦**

ଉତ୍ତରପ୍ରଦେଶର ହାଥ୍ରସ ଗଣବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ଦେଶବ୍ୟାପୀ ବିକ୍ଷୋଭ ଚାଲିଥିବାବେଳେ ଗୁରୁଗ୍ରାମଠାରେ ଜଣେ ବଙ୍ଗୀୟ ମହିଳା(୨୫)ଙ୍କୁ ଶନିବାର ରାତିରେ ଗଣବଳାତ୍କାର ସହ ନିସ୍ଥୁକ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ଗୁରୁଗ୍ରାମର ଡିଏଲ୍ଏଫ୍ ଫେଜ୍-୨ ଅନ୍ତର୍ଗତ ଏକ ପ୍ରପର୍ଟି ଡିଲର ଅଫିସ୍ରେ ଏଭଳି ଘଟଣା ଘଟିଛି। ମହିଳା ଜଣକ ବିରୋଧ କରିବାରୁ ନିଶାଗ୍ରସ୍ତ ଅଭିଯୁକ୍ତମାନେ ତାଙ୍କୁ ନିସ୍ଥୁକ ମାଡ଼ ମାରି ଆହତ କରିଦେଇଛନ୍ତି। ପୋଲିସ ସେଠାରେ ପହଞ୍ଚି ପୀଡ଼ିତାଙ୍କୁ ହସ୍ପିଟାଲ ନେଇଥିଲା। ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ରଞ୍ଜନ (୨୩), ପଓ୍ୱନ (୨୪), ପଙ୍କଜ (୨୬) ଓ ଗୋବିନ୍ଦ (୨୦)। ଚକ୍କରପୁର ଗ୍ରାମରେ ଏମାନେ ରୁହନ୍ତି। ପ୍ରପର୍ଟି ଡିଲର ଅଫିସରେ ରଞ୍ଜନ ଅଫିସ ବୟ ଭାବେ କାର୍ଯ୍ୟ କରେ। ଅନ୍ୟ ୩ ଜଣ ଜୋମାଟୋ ଏବଂ ସ୍ୱିଗିର ଡେଲିଭରି ବୟ ବୋଲି ଜଣାପଡ଼ିଛି।

## ଏକାକୀ ନିର୍ବାଚନ ଲଢ଼ିବ ଏଲ୍ଜେପି



ଚିରାଗ ପାଶ୍ୱାନ ନୀତୀଶ୍ କୁମାର

- ନୀତୀଶ୍ଙ୍କ ନେତୃତ୍ୱକୁ ବିରୋଧ
- ୫୦-୫୦ ଆସନରେ ଭାଜପା-ଜେଡିୟୁ ପ୍ରାର୍ଥୀ ଦେବେ

**ପାଟନା,୪।୧୦**

ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ରବିବାର ଏନ୍ଡିଏରେ ଫାଟ ସୃଷ୍ଟିହୋଇଛି। ମୁଖ୍ୟମନ୍ତ୍ରୀ ନୀତୀଶ୍ କୁମାରଙ୍କୁ ଚିରାଗ ପାଶ୍ୱାନଙ୍କ ନେତୃତ୍ୱାଧୀନ ଲୋକ ଜନଶକ୍ତି ପାର୍ଟି(ଏଲ୍ଜେପି) ବିରୋଧ କରିଛି। ଜେଡିୟୁ ସହ ଆଦର୍ଶଗତ ସମାନତା ନ ଥିବା ଦର୍ଶାଇ ଏଲ୍ଜେପି ବିହାର ବିଧାନସଭା ନିର୍ବାଚନରେ ଏକାକୀ ଲଢ଼ିବାକୁ ନିଷ୍ପତ୍ତି ନେଇଛି। ଏଲ୍ଜେପି ସଂସଦୀୟ ବୋର୍ଡ ବୈଠକରେ ଭାଜପାକୁ ସମର୍ଥନ ଦେବା ଲାଗି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବେଳେ ସମସ୍ତ ଜେଡିୟୁ ପ୍ରାର୍ଥୀଙ୍କ ବିରୋଧରେ ଦଳ ପ୍ରାର୍ଥୀଦେବା ଲାଗି ଚୂଡ଼ାନ୍ତ ହୋଇଛି।

ସେପଟେ ନିର୍ବାଚନକୁ ସାମ୍ନାକରିବା ଲାଗି ଭାଜପା ଓ ଜେଡିୟୁ ମଧ୍ୟରେ ଆସନ ବୁଝାମଣା ହୋଇଛି। ୫୦-୫୦ ଫର୍ମୁଲା ଅନୁଯାୟୀ ପ୍ରତ୍ୟେକ ଦଳ ୧୧୯ ଆସନରେ ପ୍ରାର୍ଥୀ ଦେବା ଲାଗି ସ୍ଥିର କରାଯାଇଛି। ଜିତନ୍ରାମ ମାନ୍ଝିଙ୍କ ହିନ୍ଦୁସ୍ଥାନୀ ଆୱାମ୍ ମୋର୍ଚ୍ଚାକୁ ୫ ଆସନ ଛଡ଼ାଯାଇଛି। ରବିବାର ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କ ବାସଭବନରେ ଅନୁଷ୍ଠିତ ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ସୁଶୀଲ ମୋଦି, ନିତ୍ୟାନନ୍ଦ ରାଇ, ଭୂପେନ୍ଦ୍ର ଯାଦବ ପ୍ରମୁଖ ଏକାଠି ହୋଇ ଭବିଷ୍ୟତ ରଣନୀତି ସମ୍ପର୍କରେ ଆଲୋଚନା କରିଛନ୍ତି।

**ହାଥ୍ରସ ଗଣବଳାତ୍କାର, ହତ୍ୟା ଘଟଣା**

## ସିବିଆଇ ତଦନ୍ତକୁ ପୀଡ଼ିତା ପରିବାରର ବିରୋଧ

**ଲକ୍ଷ୍ନୌ,୪।୧୦**

ଉତ୍ତରପ୍ରଦେଶର ହାଥ୍ରସରେ ଦଳିତ ମହିଳାଙ୍କୁ ଗଣବଳାତ୍କାର ଓ ହତ୍ୟା କରାଯିବା ଘଟଣାର ଏସ୍ଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଦଳ) ତଦନ୍ତ ଚାଲିଛି। ସିବିଆଇ ତଦନ୍ତ ଲାଗି ଉତ୍ତରପ୍ରଦେଶ ସରକାର ସୁପାରିସ୍ ମଧ୍ୟ କରିଛନ୍ତି। ହେଲେ ପୀଡ଼ିତାଙ୍କ ପରିବାର ପକ୍ଷରୁ ରବିବାର ସିବିଆଇ ତଦନ୍ତକୁ ବିରୋଧ କରାଯାଇଛି। ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ କରାଯିବା ଲାଗି ପରିବାର ପକ୍ଷରୁ ଦାବି କରାଯାଇଛି। ଜଣେ ସୁପ୍ରିମକୋର୍ଟ ବିଚାରପତିଙ୍କ ତତ୍ତ୍ୱାବଧାନରେ ମାମଲାର ତଦନ୍ତ ଫାଷ୍ଟଟ୍ରାକ୍ କୋର୍ଟରେ କରିବା ଲାଗି ପୀଡ଼ିତାଙ୍କ ଭାଇ କହିଛନ୍ତି।

ସେପଟେ ଉତ୍ତରପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସ୍ଆଇଟି ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଭେଟି ପଚରାଉଚରା କରି ସେମାନଙ୍କ ମତାମତକୁ ରେକର୍ଡ କରିଛି। ପ୍ରକାଶଥାଉ କି, ମହାପଞ୍ଚାୟତ ପକ୍ଷରୁ ସିବିଆଇ ତଦନ୍ତ ସୁପାରିସ୍କୁ ସମର୍ଥନ କରାଯାଇଛି।

### 'ପୀଡ଼ିତା ପରିବାରକୁ 'ୱାଇ' ସିକ୍ୟୁରିଟି ମିଳୁ'

**ହାଥ୍ରସ,୪।୧୦**

ହାଥ୍ରସ ପୀଡ଼ିତା ପରିବାର ନିକଟକୁ ଯାଇ ଭିମ୍ ଆର୍ମୀ ମୁଖ୍ୟ ଚନ୍ଦ୍ରଶେଖର ଆଜାଦ ରବିବାର ବିଭିନ୍ନ ଘଟଣା ପଚାରି ବୁଝି ସେମାନଙ୍କୁ ସାନ୍ତ୍ୱନା ଦେଇଛନ୍ତି। ତୁରନ୍ତ ପୀଡ଼ିତା ପରିବାରକୁ 'ୱାଇ' ସିକ୍ୟୁରିଟି ଯୋଗାଇଦେବାକୁ ସେ ଦାବି କରିଛନ୍ତି। ଯଦି ସରକାର ଏହା ନ କରନ୍ତି, ତେବେ ବିଧାନସଭା ଘେରାଉ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେମାନେ ସୁରକ୍ଷିତ ନାହାନ୍ତି, ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ତତ୍ତ୍ୱାବଧାନରେ ଘଟଣାର ତଦନ୍ତ କରାଯାଉ ବୋଲି ସେ କହିଛନ୍ତି।

## ଭାଜପାରେ ଯୋଗଦେଲେ ଶୁଟର ଶ୍ରେୟାସୀ

**ପାଟନା,୪।୧୦**



ଶ୍ରେୟାସୀ ସିଂ

ବିହାର ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଗ୍ବିଜୟ ସିଂଙ୍କ ଝିଅ ତଥା ଶୁଟର ଶ୍ରେୟାସୀ ସିଂ ରବିବାର ଭାଜପାରେ ଯୋଗଦେଇଛନ୍ତି। ଅର୍ଜୁନ ପୁରସ୍କାରପ୍ରାପ୍ତ ଶ୍ରେୟାସୀ ୨୦୧୪ ରାଜ୍ୟଗୋଷ୍ଠର କ୍ରୀଡ଼ାରେ ରୌପ୍ୟ ଓ ୨୦୧୮ରେ ସ୍ୱର୍ଣ୍ଣ ପଦକ ଜିଣିଥିଲେ। ଦିଲ୍ଲୀରେ ଦଳୀୟ ମୁଖ୍ୟାଳୟରେ ସେ ବିହାର ଭାଜପା ଅଧ୍ୟକ୍ଷ ସଞ୍ଜୟ ଜୈଶୱାଲ ଓ ସାଧାରଣ ସମ୍ପାଦକ ଅର୍ଜୁନ ସିଂଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ଅମରପୁର କିମ୍ବା ଜମୁଇ ଆସନରୁ ତାଙ୍କୁ ଭାଜପା ପ୍ରାର୍ଥୀ କରିବାର ସମ୍ଭାବନା ରହିଛି। ଦିଗ୍ବିଜୟଙ୍କ ପରଲୋକ ପରେ ୨୦୧୦ରେ ବାଙ୍କା ଆସନରୁ ଶ୍ରେୟାସୀଙ୍କ ମା' ପୁତୁଲ ସିଂ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ଲୋକ ସଭାକୁ ଯାଇଥିଲେ।

# ଫୁରସତ୍

## ବିନା ମେକ୍ଅପ୍ରେ ହିଟ୍ ସାଇ ପଲ୍ଲବୀ



**ମୁମ୍ବାଇ:** ସାଉଥ୍ ଅଭିନେତ୍ରୀ ସାଇ ପଲ୍ଲବୀଙ୍କୁ ସମସ୍ତେ ଜାଣିଥିବେ। ନିଜର ଦମଦାର ଅଭିନୟ ସହିତ ସୁନ୍ଦର ସୁନ୍ଦର ପ୍ରେମ କାହାଣୀ ଦର୍ଶକଙ୍କୁ ତାଙ୍କ ପ୍ରତି ଆକର୍ଷିତ କରିଛି। ସାଇ ପଲ୍ଲବୀ ତାଙ୍କର କେତୋଟି ରୋମାଣ୍ଟିକ ହିନ୍ଦୀ ଡବିଂ ଫିଲ୍ମ ପାଇଁ ବେଶ୍ ଚର୍ଚ୍ଚିତ। ତେବେ ସାଇ କୌଣସି ଫିଲ୍ମରେ ମେକ୍ଅପ୍ ନିଅନ୍ତି ନାହିଁ। ସେ ସିମ୍ପଲ୍ ଲୁକ୍ରେ ହିଁ ଦର୍ଶକଙ୍କ ମନ ଜିଣି ପାରନ୍ତି। ଜଣେ ଡାକ୍ତର ହୋଇ ମଧ୍ୟ ଅଭିନୟ କ୍ଷେତ୍ରରେ ବେଶ୍ ପାରଙ୍ଗମ। ସାଇ ପ୍ରଥମେ ମାଲାୟଲମ୍ ଫିଲ୍ମ 'ପ୍ରେମମ୍'ରୁ ଅଭିନୟ କରି ହିଟ୍ ହୋଇଥିଲେ। ୨୦୧୭ ମସିହାରେ ରୋମାଣ୍ଟିକ ଫିଲ୍ମ 'ଫିଦା' ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ବରୁଣ ତେଜଙ୍କ ଅଭିନୀତ ଏହି ଫିଲ୍ମଟି ଏକ ସୁନ୍ଦର ପ୍ରେମ କାହାଣୀକୁ ନେଇ ନିର୍ମାଣ କରାଯାଇଥିଲା। ମୂଳ ତେଲୁଗୁ ଭାଷାରେ ନିର୍ମାଣ ହୋଇଥିବା ଏହି ଫିଲ୍ମଟି ଆପଣଙ୍କୁ ୟୁଟ୍ୟୁବରେ ହିନ୍ଦୀରେ ମିଳିପାରିବ। ଏହି ଫିଲ୍ମରେ ଦର୍ଶକମାନେ ସାଇ ପଲ୍ଲବୀଙ୍କ ଅଭିନୀତ ଏକ ସୁନ୍ଦର କାହାଣୀକୁ ଦେଖିବାକୁ ପାଇବେ। ସେହିପରି ୨୦୧୭ ରେ ରିଲିଜ ହୋଇଥିବା ତେଲୁଗୁ ଫିଲ୍ମ 'ଏମସିଏ' ବର୍ତ୍ତମାନ ହିନ୍ଦୀ ଡବିଂରେ ୟୁଟ୍ୟୁବରେ ଉପଲବ୍ଧ। ଏହି ରୋମାଣ୍ଟିକ ପ୍ରେମ କାହାଣୀ ଫିଲ୍ମରେ ଦର୍ଶକମାନେ ସାଇ ପଲ୍ଲବୀଙ୍କ ସହିତ ସାଉଥ ଷ୍ଟାର ନାନିଙ୍କୁ ମଧ୍ୟ ଦେଖିବାକୁ ପାଇବେ। ଏକ ନିଚ୍ଛକ ପ୍ରେମ କାହାଣୀକୁ ନେଇ ଏହି ଫିଲ୍ମଟି ନିର୍ମାଣ ହୋଇଛି।

## ରହସ୍ୟମୟ 'ଏନ୍ହଲୋ ଆଇସ୍ଲାଣ୍ଡ'

**ଏକବିଂଶ ଶତାବ୍ଦୀରେ ବିଶ୍ୱବ୍ରହ୍ମାଣ୍ଡରେ ଜୀବନ ଖୋଜୁଛି ମଣିଷ। ହେଲେ ନିଜେ ବାସ କରୁଥିବା ପୃଥିବୀରେ ଏପରି ଅନେକ ରହସ୍ୟମୟ ସ୍ଥାନ ରହିଛି, ଯାହା ଆଜି ବି ମଣିଷ ପାଇଁ ଅପହଞ୍ଚ ହୋଇରହିଛି। ଏପରି ଏକ ଦ୍ୱୀପ ହେଉଛି ସ୍କଟ୍ଲାଣ୍ଡର 'ଏନ୍ହଲୋ ଆଇସ୍ଲାଣ୍ଡ'।**




ସମୁଦ୍ରର ନୀଳ ଜଳରାଶି, ସବୁଜ ବନାନୀ, ଜୈବ ବିବିଧତା ସ୍କଟ୍ଲାଣ୍ଡର 'ଏନ୍ହଲୋ ଆଇସ୍ଲାଣ୍ଡ'କୁ ପୃଥିବୀର ସୁନ୍ଦରତମ ସ୍ଥାନ ମଧ୍ୟରେ ସାମିଲ କରିଛି। ହେଲେ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଏହି ଦ୍ୱୀପକୁ ଯିବାକୁ କେହି ସାହସ କରିପାରୁନାହାନ୍ତି। ଏହି ଦ୍ୱୀପ ଆଜି ବି ରହସ୍ୟମୟ ହୋଇରହିଛି। ଏହି ସ୍କଟିସ୍ ଦ୍ୱୀପଠାରୁ ମାତ୍ର ଅଧ କିମି ଦୂରରେ ରହିଛି ଚର୍ଚ୍ଚିତ 'ଓକାର୍ନେ ଆଇସ୍ଲାଣ୍ଡ'। ତଥାପି ଏଠାରେ ରହୁଥିବା ଅଧିବାସୀ 'ଏନ୍ହଲୋ ଆଇସ୍ଲାଣ୍ଡ'କୁ ଯିବାକୁ ସାହସ କରିପାରୁନାହାନ୍ତି। ଏପରି କି ଅନେକ ଦକ୍ଷ ପହଁରାଳି, ସ୍କୁବା ଡାଇଭର ମଧ୍ୟ ଏହି ସ୍ଥାନକୁ ଯିବାକୁ ବୃଥା ଚେଷ୍ଟା କରିସାରିଛନ୍ତି। ଅନେକଙ୍କ ଜୀବନ ମଧ୍ୟ ଯାଇଛି। ସାମୁଦ୍ରିକ ଝଡ଼ ଏବଂ ବିଶାଳ ଲହଡ଼ି ଏହି ଦ୍ୱୀପ ତଟରେ ସର୍ବଦା ପିଟି ହେଉଥାଏ। ତେଣୁ ଏଠାକୁ ବୋଟ୍ରେ ଯିବା ବି କାଠିକର ପାଠ। 'ଏନ୍ହଲୋ ଆଇସ୍ଲାଣ୍ଡ' ପ୍ରତି ରହିଥିବା ଲୋକଙ୍କ ଆକର୍ଷଣକୁ ନଜରରେ ରଖି 'ଓକାର୍ନେ ଆଇସ୍ଲାଣ୍ଡ'ର ଏକ ହେରିଟେଜ୍ ସୋସାଇଟି ପଦକ୍ଷେପ ନେଇଛି। ଫଳରେ ଗ୍ରୀଷ୍ମଋତୁରେ କୌଣସି ଗୋଟିଏ ଦିନ ଏହି ଦ୍ୱୀପକୁ ପର୍ଯ୍ୟଟକମାନେ ଆସିପାରୁଛନ୍ତି। ଏଥିଲାଗି ବହୁ ସତର୍କତାମୂଳକ ପଦକ୍ଷେପ ନିଆଯାଇଥାଏ। ପାଣିପାଗ ଅନୁକୂଳ ଥିଲେ ହିଁ ଏଠାକୁ ଯାତ୍ରା ପାଇଁ ଅନୁମତି ମିଳିଥାଏ। ଏହିଦିନ ଓକାର୍ନେ ଆଇସ୍ଲାଣ୍ଡବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଥାଏ। କୌଣସି କାରଣରୁ ଦୁର୍ଘଟଣା ଘଟିଲେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ସହଜ ହେବ ବୋଲି ସମ୍ପୃକ୍ତ ସୋସାଇଟି ଏପରି ପଦକ୍ଷେପ ନେଇଥାଏ। 'ଏନ୍ହଲୋ ଆଇସ୍ଲାଣ୍ଡ'ରେ ରହସ୍ୟମୟୀ ଶକ୍ତି କାମ କରୁଥିବା ପ୍ରଚଳିତ ବିଶ୍ୱାସ ରହିଛି। ଏଠାକୁ ଏକ୍ଲା କିମ୍ବା କ୍ଷୁଦ୍ର ଗୋଷ୍ଠୀରେ ଯାଉଥିବା ଲୋକେ ରହସ୍ୟଜନକ ଭାବେ ଅନ୍ତର୍ଦ୍ଧାନ ହୋଇଯାଉଥିବା ଓକାର୍ନେ ଦ୍ୱୀପବାସୀ କୁହନ୍ତି। ଏପରି ଅନେକ ଘଟଣା ଘଟିଥିବାରୁ ପ୍ରଚଳିତ ବିଶ୍ୱାସ ଆହୁରି ଦୃଢ଼ୀଭୂତ ହୋଇଯାଇଛି। ଏକ ରିପୋର୍ଟ ଅନୁଯାୟୀ, ତ୍ରୟୋଦଶ ଶତାବ୍ଦୀରୁ ଓକାର୍ନେ ଆଇସ୍ଲାଣ୍ଡ ବିଷୟରେ ସୂଚନା ରହିଛି। ହେଲେ ଏହାର ନିକଟତମ ହୋଇଥିଲେ ହେଁ 'ଏନ୍ହଲୋ ଆଇସ୍ଲାଣ୍ଡ' ବିଷୟରେ ଅଧିକ ତଥ୍ୟ ନାହିଁ।

ହାଇଲାଣ୍ଡ୍ ୟୁନିଭର୍ସିଟିର ପ୍ରଫେସର ଡେନ୍ ଲିଙ୍କ କହିବା କଥା, ଅଷ୍ଟାଦଶ ଶତାବ୍ଦୀରେ ଦ୍ୱୀପରେ ଭୟଙ୍କର ପ୍ଲେଗ୍ ରୋଗର ପ୍ରାଦୁର୍ଭାବ ଦେଖାଦେଇଥିଲା। ଏହି ରୋଗରେ ଦ୍ୱୀପକୁ ଜନଶୂନ୍ୟ କରିଦେଲା। ଯେଉଁମାନେ ବର୍ତ୍ତିଗଲେ ସେମାନେ ଘରଦ୍ୱାର ଛାଡ଼ି ଅନ୍ୟତ୍ର ବସତି ସ୍ଥାପନ କଲେ। ପ୍ଲେଗ୍ ପାଦୁର୍ଭାବ ପରେ ବି ମାଟି ମା' ସହ ଯୋଡ଼ି ହୋଇଥିବା ୨୬ଜଣ ସେଠାରେ ରହିବାକୁ ମନସ୍ଥ କରିଥିଲେ। ହେଲେ ୧୮୪୧ରେ ଦ୍ୱୀପକୁ ଖାଲି କରିଦିଆଗଲା। ପରବର୍ତ୍ତୀ ସମୟରେ ଏହି ସ୍ଥାନକୁ ପକ୍ଷୀ ଅଭୟାରଣ୍ୟ ଭାବେ ଘୋଷଣା କରାଯାଇଛି। ଏଠାରେ ଏବେ ପଥର ତିଆରି ପରିତ୍ୟକ୍ତ ଭଙ୍ଗାଘର ଛଡ଼ା ଆଉ କିଛି ନାହିଁ। ଅତ୍ୟନ୍ତ ରହସ୍ୟମୟ ହୋଇଥିବାରୁ 'ଏନ୍ହଲୋ ଆଇସଲାଣ୍ଡ' ବିଷୟରେ ଅଧିକ ତଥ୍ୟ କାହାରି ପାଖରେ ନାହିଁ।

## ୬ମାସରେ ୨୪ଶହରୁ ଊର୍ଦ୍ଧ୍ୱ ପକ୍ଷୀ ଉଦ୍ଧାର

**ନୂଆଦିଲ୍ଲୀ:** ସରକାର ଏବଂ ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ବନ୍ୟପ୍ରାଣୀଙ୍କ ସମେତ ପଶୁପକ୍ଷୀଙ୍କ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ନିଆଯାଉଛି। ହେଲେ ପରିତାପର ବିଷୟ ହେଲା, ବିଭିନ୍ନ କାରଣରୁ ଏମାନଙ୍କ ଜୀବନ ବିପଦରେ ପଡୁଛି। ନିକଟରେ ରାଜଧାନୀ ଦିଲ୍ଲୀ ଅଗ୍ନିଶମ ସେବା(ଡିଏଫ୍ଏସ୍)ର ନିର୍ଦ୍ଦେଶକ ଅତୁଲ୍ ଗର୍ଗଙ୍କ ଦେଇଥିବା ତଥ୍ୟ ଅନୁଯାୟୀ ଡିଏଫ୍ଏସ୍ର କର୍ମଚାରୀମାନେ ୬ମାସରେ ୨୪ଶହରୁ ଊର୍ଦ୍ଧ୍ୱ ପକ୍ଷୀ ଉଦ୍ଧାର କରଛନ୍ତି। ୨୦୨୦ ମାର୍ଚ୍ଚରୁ ସେପ୍ଟେମ୍ବର ମଧ୍ୟରେ ଏତେ ଏହି ପକ୍ଷୀମାନଙ୍କୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ବିଶେଷକରି ଅଗଷ୍ଟ ମାସରେ ସର୍ବାଧିକ ପକ୍ଷୀ ଉଦ୍ଧାର କରାଯାଇଥିବା ରିପୋର୍ଟରୁ ଜଣାପଡ଼ିଛି। ସ୍ୱାଧୀନତା ଦିବସ ପାଳନ ତଥା ପାରମ୍ପରିକ କାଇଟ୍(ଗୁଡ଼ି) ଉଡ଼ା ଋତୁ ପକ୍ଷୀଙ୍କ ପାଇଁ ବିପଦ ସାଜିଥିଲା। କାଇଟ୍ ସୁତାରେ ଲାଗି ସେମାନେ ଆହତ ହୋଇଥିବା ଜଣାପଡ଼ିଛି। ବିଭାଗର ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୧୫ ରୁ ସେପ୍ଟେମ୍ବର ୩୦ ମଧ୍ୟରେ ବିଭାଗ ୧୩ହଜାର ୨୭୧ ଫୋନ୍ କଲ୍ ପାଇଛି। ସେଥିମଧ୍ୟରୁ ୨୪୩୩ ଟି କଲ୍ ପକ୍ଷୀ ଉଦ୍ଧାର ଏବଂ ୧୬୮୧ କଲ୍ ପଶୁଙ୍କୁ ଉଦ୍ଧାର କରିବା ପାଇଁ ଆସିଥିବା ଜଣାପଡ଼ିଛି। ମାସକୁ ଏଭଳି ପ୍ରାୟ ୧୫୦ରୁ ୨୦୦ କଲ୍ ଆସୁଥିବାବେଳେ ଅଗଷ୍ଟ ମାସରେ ସର୍ବାଧିକ ୧୨୨୭ ଟି କଲ୍ ଆସିଛି। ସେଥିମଧ୍ୟରୁ ୮୮୨ କଲ୍ ପକ୍ଷୀଙ୍କ ପାଇଁ ଏବଂ ୩୪୫ କଲ୍ ପଶୁଙ୍କ ଉଦ୍ଧାର ପାଇଁ ରହିଥିଲା। କାଉ, ପାରା, ଶୁଆଗୁଡ଼ିକ କାଇଟ୍ ସୂତା ଯୋଗୁ ବିଦ୍ୟୁତ ତାର ଏବଂ ଗଛରେ ଛନ୍ଦି ହୋଇପଡୁଥିବା ଦେଖିବାକୁ ମିଳିଥିଲା। ଏହା ବ୍ୟତୀତ ଗୋରୁ, ଗୃହପାଳିତ ପଶୁ, କୁକୁର, ବିରାଡ଼ିଗୁଡ଼ିକ ଅଣଓସାରିଆ ଡ୍ରେନ୍, କେନାଲ ଏବଂ ଅନ୍ୟ ସ୍ଥାନରେ ଫସିଥିବା ଘଟଣା ମଧ୍ୟ ଅନ୍ତର୍ଭୁକ୍ତ। ଅଗ୍ନିଶମ କର୍ମଚାରୀମାନେ ଆହତ ପଶୁ ପକ୍ଷୀମାନଙ୍କୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସାଳୟକୁ ପଠାଇଥିବା ସୂଚନା ମିଳିଛି। ବିଭାଗୀୟ ନିର୍ଦ୍ଦେଶକ ଗର୍ଗଙ୍କ କହିବା ହେଲା, ଅନେକ ସମୟରେ ଏମାନଙ୍କୁ ଉଦ୍ଧାର କରିବା ସହଜ ହୋଇ ନ ଥାଏ। ପକ୍ଷୀମାନେ ତଳେ ପଡ଼ି ଜୀବନ ଚାଲିଥିବା ଆଶଙ୍କା ରହିଥାଏ। ତେଣୁ ସାମଧାନତା ବସତଃ ସେମାନଙ୍କୁ ଉଦ୍ଧାର କରାଯାଇଥାଏ। ଏହା କର୍ମଚାରୀଙ୍କ ଉପସ୍ଥିତ ବୁଦ୍ଧି, ଧୈର୍ଯ୍ୟ ଉପରେ ନିର୍ଭର କରିଥାଏ। ତେଣୁ କର୍ମଚାରୀମାନଙ୍କ କାର୍ଯ୍ୟ ପ୍ରଶଂସନୀୟ।

**ଅଗ୍ନିଶମ ବିଭାଗକୁ ମାସକୁ ଆସୁଛି ୨୦୦ କଲ୍**



# ବିଜୟ ସହ ଶୀର୍ଷରେ ମୁମ୍ବାଇ

ଶାରଜା,୪।୧୦ (ପି.ଟି.)

ମୁମ୍ବାଇ ଇଣ୍ଡିଆନ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ରବିବାର ମ୍ୟାଚ୍‌ରେ ସନରାଇଜର୍ସ ହାଇଦ୍ରାବାଦକୁ ୩୪ ରନରେ ପରାସ୍ତ କରିଛି। ଶାରଜା କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୫ ଉଇକେଟ ହରାଇ ୨୦୮ ରନ କରିଥିଲା। ଜବାବରେ ହାଇଦ୍ରାବାଦ୍ ୨୦ ଓଭରରେ ୭ ଉଇକେଟ ହରାଇ ୧୭୪ ରନରେ ସୀମିତ ରହିଯାଇଥିଲା। ୫ଟି ମ୍ୟାଚ୍ ଖେଳି ମୁମ୍ବାଇ ୩ ବିଜୟ ସହ ୬ ପଏଣ୍ଟ ପାଇ ଉନ୍ନତ ରନ୍ ରେଟ୍‌ରେ ପଏଣ୍ଟ ତାଲିକାର ଶୀର୍ଷକୁ ଉଠିଛି। ମାପଚୁପ ବୋଲିଂ କରି ମୂଲ୍ୟବାନ ୨ ଉଇକେଟ ନେଇଥିବା ମୁମ୍ବାଇ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୨୦୯ ରନର କଷ୍ଟସାଧ୍ୟ ଟାର୍ଗେଟର ପିଛା କରି ହାଇଦ୍ରାବାଦ ଏକଦା ୨ ଉଇକେଟ ହରାଇ ୧୧୬ ରନକରି ସୁବିଧାଜନକ ସ୍ଥିତିରେ ରହିଥିଲା। ଟପ୍ ଅର୍ଡରର ୩ ବ୍ୟାଟ୍ସମ୍ୟାନ ଅଧିନାୟକ ଡେଭିଡ୍ ୱାର୍ନର ଦ୍ରୁତ ୬୦ (୪୪ ବଲ, ୫ ଚୌକା, ୨ ଛକା), ଜନି ବେୟାରଷ୍ଟୋ ୨୫ (୧୫ ବଲ, ୨ ଚୌକା, ୨ ଛକା) ଓ ମନୀଷ ପାଣ୍ଡେ ୩୦ (୧୯ ବଲ, ୪ ଚୌକା, ୧ ଛକା) ରନ କରିଥିଲେ। ମାତ୍ର ପରେ ଅଭିଜ୍ଞ କେନ୍ ୱିଲିୟମସନ ୩, ପ୍ରିୟମ ଗର୍ଗ ୮, ଅଭିଷେକ ଶର୍ମା ୧୦, ଅବଦୁଲ ସମାଦ ୨୦ ରନ କରି ଆଉଟ ହୋଇ ଯାଇଥିଲେ। ମୁମ୍ବାଇ ତରଫରୁ ଟ୍ରେଣ୍ଟ ବୋଲ୍ଟ, ଜେମ୍ସ ପାଟିନସନ ଓ ଯଶପ୍ରୀତ ବୁମ୍‌ରା ୨ଟି ଲେଖାଏ, କ୍ରୁନାଲ ପାଣ୍ଡ୍ୟା ଗୋଟିଏ ଉଇକେଟ ନେଇଥିଲେ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ମୁମ୍ବାଇ ଅଧିନାୟକ ରୋହିତ ଶର୍ମା(୬ ରନ)ଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଯୁବ ବ୍ୟାଟ୍ସମ୍ୟାନ ସୂର୍ଯ୍ୟକୁମାର ଯାଦବ ୧୮ ବଲରୁ ୨୭ (୬ ଚୌକା) ରନକରିଥିବାବେଳେ ଅନ୍ୟତମ ଓପନର କ୍ୱିଣ୍ଟନ ଡିକକ୍ ଦମ୍‌ଦାର ବ୍ୟାଟିଂ କରି ଫର୍ମକୁ ଫେରିବାର ସୂଚନା ଦେଇଥିଲେ। ସେ ୩୯ଟି ବଲର ସମ୍ମୁଖୀନ ହୋଇ ୪ ଚୌକା ଓ ୪ ଛକା ସହ ୬୭ ରନର ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ। ଏହାପରେ ଇଶାନ କିଶନ, ହାର୍ଦ୍ଦିକ ପାଣ୍ଡ୍ୟା, କିରନ ପୋଲାର୍ଡ ଓ କ୍ରୁନାଲ ପାଣ୍ଡ୍ୟା ଦ୍ରୁତ ଗତିରେ ରନ୍ ସଂଗ୍ରହ କରି ଦଳକୁ ବୃହତ୍ ସ୍କୋର ପ୍ରଦାନ କରିଥିଲେ। କିଶନ ୨୩ ବଲରୁ ୧ ଚୌକା ଓ ୨ ଛକା ସହ ୩୧, ହାର୍ଦ୍ଦିକ ୧୯ ବଲରୁ ୨ଟି ଲେଖାଏ ଚୌକା ଓ ଛକା ସହ ୨୮, ପୋଲାର୍ଡ ୧୩ ବଲରୁ ୩ ଛକା ସହ ୨୫ ଓ କ୍ରୁନାଲ ମାତ୍ର ୪ଟି ବଲର ସମ୍ମୁଖୀନ ହୋଇ ୨ଟି ଲେଖାଏ ଚୌକା ଓ ଛକା ସହ ୨୦ ରନ କରି ଅପରାଜିତ ରହିବା ସହ ଦଳର ସ୍କୋରକୁ ୨୦୦ ଅତିକ୍ରମ କରାଇଥିଲେ। ହାଇଦ୍ରାବାଦ ବୋଲରଙ୍କ ମଧ୍ୟରେ ସନ୍ଦୀପ ଶର୍ମା ଓ ସିଦ୍ଧାର୍ଥ କାଉଲ ୨ଟି ଲେଖାଏ, ରସିଦ୍ ଖାଁ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରେଣ୍ଟ ବୋଲ୍ଟ (ବାମ)।

**ଆଇପିଏଲ୍**
(ସୋମବାର ମ୍ୟାଚ)
**ରୟାଲ ଚ୍ୟାଲେଞ୍ଜର୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ**
**ସ୍ଥାନ:** ଦୁବାଇ, **ସମୟ:** ରାତି ୭ଟା ୩୦
**ପ୍ରସାରଣ:** ଷ୍ଟାର ସ୍ପୋର୍ଟ୍ସ

### ସଂକ୍ଷିପ୍ତ ସ୍କୋର

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୨୦୮/୫ (ଡିକକ୍- ୬୭, ଇଶାନ- ୩୧, ସୂର୍ଯ୍ୟକୁମାର- ୨୭, ହାର୍ଦ୍ଦିକ- ୨୮,ପୋଲାର୍ଡ -୨୫*, କ୍ରୁନାଲ- ୨୦*, ସନ୍ଦୀପ- ୨/୪୧, କାଉଲ-୨/୬୪, ରସିଦ- ୧/୨୨)।
ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୭୪/୭ (ୱାର୍ନର- ୬୦, ମନୀଷ-୩୦, ବେୟାରଷ୍ଟୋ-୨୫, ସମାଦ-୨୦, ଅଭିଷେକ- ୧୦, ବୋଲ୍ଟ- ୨/୨୮, ପାଟିନସନ- ୨/୨୯, ବୁମ୍‌ରା- ୨/୪୧, କ୍ରୁନାଲ- ୧/୩୫)।

# କ୍ୱାର୍ଟର ଫାଇନାଲ୍‌ରେ ନାଡାଲ

ପ୍ୟାରିସ୍,୪।୧୦(ଏପି)

୧୨ଥର ଫ୍ରେଞ୍ଚ୍ ଓପନ୍ ଟାଇଟଲ ହାସଲ କରିଥିବା ସ୍ପେନ୍ ଅଭିଜ୍ଞ ଟେନିସ ତାରକା ରାଫାଲ ନାଡାଲ ଏଥର ମଧ୍ୟ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଦ୍ୱିତୀୟ ସିଡ୍ ନାଡାଲ ଆମେରିକାର ସେବାଷ୍ଟିଆନ କୋର୍ଡ୍ରାଙ୍କୁ ୬-୧, ୬-୧, ୬-୨ ସିଧାସଳଖ ସେଟ୍‌ରେ ପରାସ୍ତ କରିଛନ୍ତି। ନାଡାଲ କ୍ରମାଗତ ଚତୁର୍ଥ ଫ୍ରେଞ୍ଚ୍ ଓପନ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛନ୍ତି। ନାଡାଲ କ୍ୱାର୍ଟରରେ ଇଟାଲୀର ୧୯ ବର୍ଷୀୟ ଖେଳାଳି ଜାନିକ୍ ସିନରଙ୍କୁ ଭେଟିବେ। ବିଶ୍ୱର ୭୫ ନମ୍ବର ଖେଳାଳି ସିନର ଅନ୍ୟଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଷଷ୍ଠ ସିଡ୍ ଜର୍ମାନୀର ଆଲେକଜାଣ୍ଡାର ଭେରେଭେଙ୍କୁ ୬-୩, ୬-୩, ୪-୬, ୬-୩ ସେଟ୍‌ରେ ହରାଇ ଏକ ବଡ଼ ବିପର୍ଯ୍ୟୟ ଘଟାଇବା ସହ ପ୍ରଥମ ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ସେହିପରି ଟପ୍‌ସିଡ୍ ସର୍ବୀୟାର ନୋଭାକ ଜୋକୋଭିଚ୍ ମଧ୍ୟ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ରୁଷିଆର କେ. କାଚାନୋଭଙ୍କୁ ଭେଟିବେ। ତୃତୀୟ ରାଉଣ୍ଡରେ ଜୋକୋଭିଚ୍ ୬-୦, ୬-୩, ୬-୨ ସେଟ୍‌ରେ ୧୫୩ ର୍‍ୟାଙ୍କର ଖେଳାଳି କଲମ୍ବିଆର ଡାନିଏଲ ଇଲାହି ଗାଲାନଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଏଥିସହ ଜୋକୋଭିଚ୍ କ୍ରମାଗତ ୧୧ଥର ପାଇଁ ଫ୍ରେଞ୍ଚ୍ ଓପନ୍ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।

**ଫ୍ରେଞ୍ଚ୍ ଓପନ୍ ଟେନିସ୍**



ରାଫାଲ ନାଡାଲ

# ଦୁବାଇରେ ଚେନ୍ନାଇ ଚମକ

**ଦୁବାଇ, ୪।୧୦:** କ୍ରମାଗତ ୩ଟି ମ୍ୟାଚରେ ପରାଜୟ ପରେ ପୂର୍ବତନ ଚାମ୍ପିୟନ ଚେନ୍ନାଇ ସୁପରକିଙ୍ଗ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ରବିବାର ବିଜୟ ସ୍ୱାଦ ଚାଖିଛି। ଦୁଇ ଓପନର ଶେନ ୱାଟସନ ଓ ଫାଫ୍ ଡୁପ୍ଲେସିଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ଦଳ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ୧୦ ଉଇକେଟରେ ପରାସ୍ତ କରିଛି। ପଞ୍ଜାବ ପକ୍ଷରୁ ଧାର୍ଯ୍ୟ ୧୭୯ ରନର ବିଜୟ ଲକ୍ଷ୍ୟକୁ ମହେନ୍ଦ୍ର ସିଂ ଧୋନୀଙ୍କ ଦଳ କୌଣସି ଉଇକେଟ ନ ହରାଇ ହାସଲ କରି ନେଇଥିଲା। ଓପନିଂ ଯୋଡ଼ିରେ ୱାଟସନ ଓ ଡୁପ୍ଲେସି ୧୮୧ ରନ ଯୋଗ କରି ଅପରାଜିତ ରହିଥିଲେ। ଆଇପିଏଲ୍ ଇତିହାସରେ ଏହା ଦ୍ୱିତୀୟ ସର୍ବାଧିକ ଓପନିଂ ଭାଗୀଦାରି। ୫୨ଟି ବଲ୍‌ର ସମ୍ମୁଖୀନ ହୋଇ ଡୁପ୍ଲେସି ୧୦ ଚୌକା ଓ ୧ ଛକା ସହାୟତାରେ ୮୭ ଓ ୱାଟସନ ୫୩ଟି ବଲ୍ ଖେଳି ୧୧ ଚୌକା ଓ ୩ ଛକା ସହ ୮୩ ରନ ସ୍କୋର କରିଥିଲେ। ପଞ୍ଜାବ ବୋଲିଂ ଲାଇନ୍‌ଅପ୍ ସମ୍ପୂର୍ଣ୍ଣ ଅସହାୟ ମନେ ହୋଇଥିଲା। କୌଣସି ବୋଲର ଡୁପ୍ଲେସି ଓ ୱାଟସନଙ୍କ ଉପରେ ପ୍ରଭାବ ପକାଇ ପାରି ନ ଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଚେନ୍ନାଇ ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇଥିଲେ ହେଁ ପରବର୍ତ୍ତୀ ୩ଟି ମ୍ୟାଚରେ ଯଥାକ୍ରମେ ରାଜସ୍ଥାନ ରୟାଲ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦଠାରୁ ହାରିଥିଲା। ଏଠାରେ ବିଜୟ ଫଳରେ ଦଳ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛି। ଅନ୍ୟପକ୍ଷରେ ପଞ୍ଜାବର ଅସ୍ଥିର ପ୍ରଦର୍ଶନ ଅପରିବର୍ତ୍ତିତ ରହିଛି। ୫ ମ୍ୟାଚରୁ ଦଳର ଏହା କ୍ରମାଗତ ତୃତୀୟ ଏବଂ ମୋଟ ୪ର୍ଥ ପରାଜୟ। ପଞ୍ଜାବ ଇନିଂସରେ ଅଧିନାୟକ ଲୋକେଶ ରାହୁଲ ଅର୍ଦ୍ଧଶତକ (୬୩ ରନ, ୫୨ ବଲ, ୭ ଚୌକା, ୧ ଛକା) ହାସଲ କରିଥିବାବେଳେ ନିକୋଲସ ପୁରନ ୩୩(୧୭ ବଲ, ୧ ଚୌକା, ୩ ଛକା), ମନଦୀପ ସିଂ ୨୭(୧୬ ବଲ, ୨ ଛକା) ଓ ମୟଙ୍କ ଅଗ୍ରୱାଲ ୨୬(୧୯ ବଲ, ୩ ଚୌକା) ରନ ସ୍କୋର କରିଥିଲେ। ଚେନ୍ନାଇର ଶାର୍ଦ୍ଦୁଳ ଠାକୁର ୨ଟି ଏବଂ ରବୀନ୍ଦ୍ର ଜାଡେଜା ଓ ପୀୟୂଷ ଚାୱଲା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ଶେନ୍ ୱାଟ୍‌ସନ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍**

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୩ | ୨ | ୬ | +୧.୨୧୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୩ | ୧ | ୬ | +୦.୫୮୮ |
| ରୟାଲ ଚ୍ୟାଲେଞ୍ଜର୍ସ | ୪ | ୩ | ୧ | ୬ | -୦.୯୫୪ |
| ନାଇଟ ରାଇଡର୍ସ | ୪ | ୨ | ୨ | ୪ | -୦.୧୨୧ |
| ରାଜସ୍ଥାନ ରୟାଲ୍ସ | ୪ | ୨ | ୨ | ୪ | -୦.୩୧୭ |
| ଚେନ୍ନାଇ ସୁପରକିଙ୍ଗ୍ସ | ୫ | ୨ | ୩ | ୪ | -୦.୩୪୨ |
| ସନ୍‌ରାଇଜର୍ସ | ୫ | ୨ | ୩ | ୪ | -୦.୪୧୭ |
| କିଙ୍ଗ୍ସ ଇଲେଭେନ | ୫ | ୧ | ୪ | ୨ | +୦.୧୭୮ |

### ସଂକ୍ଷିପ୍ତ ସ୍କୋର୍

କିଙ୍ଗ୍ସ ଇଲେଭେନ ପଞ୍ଜାବ ୨୦ ଓଭରରେ ୧୭୮/୪(ରାହୁଲ-୬୩, ପୁରନ-୩୩, ଶାର୍ଦ୍ଦୁଳ-୨/୩୯, ଜାଡେଜା-୧/୩୦, ଚାୱଲା-୧/୨୨)। ଚେନ୍ନାଇ ସୁପରକିଙ୍ଗ୍ସ ୧୭.୪ ଓଭରରେ ୧୮୧/୦ (ଡୁପ୍ଲେସି-୮୭*, ୱାଟସନ-୮୩*)।

# ଟପ୍‌ସିଡ୍ ହାଲେପ୍‌ଙ୍କ ବିଦାୟ

ପ୍ୟାରିସ୍,୪।୧୦(ଏପି)

ଫ୍ରେଞ୍ଚ୍ ଓପନ୍ ମହିଳା ସିଙ୍ଗଲ୍ସରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଟପ୍‌ସିଡ୍ ରୋମାନିଆର ସିମୋନ ହାଲେପ୍ ରବିବାର ଚତୁର୍ଥ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପୋଲାଣ୍ଡର ୧୯ ବର୍ଷୀୟା ଇଗା ସ୍ୱିଟେକ ୬-୧, ୬-୨ ସେଟ୍‌ରେ ହାଲେପଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହିତ ସେ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲକୁ ଉଠିଛନ୍ତି। ହାଲେପ୍ କ୍ରମାଗତ ୧୭ଟି ମ୍ୟାଚ୍ ଜିତିବା ପରେ ପରାଜୟର ସମ୍ମୁଖୀନ ହୋଇଛନ୍ତି। ସ୍ୱିଟେକ ଏବେ କ୍ୱାର୍ଟରରେ ଇଟାଲୀର ମାର୍ଟିନ ଟ୍ରେଭିସାନଙ୍କୁ ଭେଟିବେ। ଟ୍ରେଭିସାନ ଅନ୍ୟଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ୬-୪, ୬-୪ ସେଟ୍‌ରେ ଚତ୍ ପଞ୍ଚମ ସିଡ୍ ଖେଳାଳି କିକି ବର୍ଟେନ୍ସଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟଏକ କ୍ୱାର୍ଟର ଫାଇନାଲରେ ତୃତୀୟ ସିଡ୍ ଏଲିନା ଭିଟୋଲିନା ଓ ଆର୍ଜେଣ୍ଟିନାର ନାଡିଆ ପୋଡୋରୋସ୍କା ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ଭିଟୋଲିନା ଚତୁର୍ଥ ରାଉଣ୍ଡରେ ୬-୧, ୬-୩ ସେଟ୍‌ରେ ପରାସ୍ତ କରି କ୍ୱାର୍ଟରକୁ ଉଠିଛନ୍ତି।

# କିଟାଟା ଜିତିଲେ ଲଣ୍ଡନ ମାରାଥନ

ଲଣ୍ଡନ, ୪।୧୦ (ଏପି)

ଇଥିଓପିଆର ଶୁରା କିଟାଟା ଲଣ୍ଡନ ମାରାଥନ ଜିତିଛନ୍ତି। ରବିବାର ଅନୁଷ୍ଠିତ ଏହି ଇଭେଣ୍ଟରେ ୪ଥର ଟାଇଟଲ ବିଜେତା ଏଲିଉଡ୍ କିପ୍‌ଚୋଗେଙ୍କୁ ପଛରେ ପକାଇ ବିଜୟ ଲାଭ କରିଛନ୍ତି। ରୋମାଞ୍ଚକ ସ୍ପ୍ରିଣ୍ଟ୍ ଫିନିଶରେ କେନିୟାର ଭିନ୍‌ସେଣ୍ଟ କିପ୍‌ଚୁମ୍ବାଙ୍କୁ ପଛରେ ପକାଇ ୨ଘଣ୍ଟା ୫ ମିନିଟ ୪୧ ସେକେଣ୍ଡ ଟାଇମିଂରେ କିଟାଟା ବିଜୟୀ ହୋଇଥିଲେ। କିପ୍‌ଚୁମ୍ବା ୨:୦୫:୪୧ ଟାଇମିଂରେ ରେସ୍ ଶେଷ କରିଥିଲେ। ପୁରୁଷ ବିଭାଗରେ ତୃତୀୟ ସ୍ଥାନରେ ରହିଥିଲେ ସିସେ ଲେମା (୨:୦୫:୪୫)। ପେଣ୍ଡାରେ ଇଞ୍ଜୁରି ଯୋଗୁ କେନେନିସା ବେକେଲି ଶୁକ୍ରବାର ରେସ୍‌ରୁ ଓହରିଯିବା ପରେ କିପ୍‌ଚୋଗେ ଫେଭରାଇଟ୍ ଥିଲେ। ମାତ୍ର ସେ ୨:୦୬:୪୯ ଟାଇମିଂରେ ରେସ୍ ଶେଷ କରି ୮ମ ହୋଇଥିଲେ। ତାଙ୍କ ବିଶ୍ୱରେକର୍ଡ ୨:୦୧: ୩୯ଠାରୁ ସେ ବହୁ ପଛରେ ରହିଯାଇଥିଲେ। ୨୦୧୩ପରେ ଏହା ତାଙ୍କର ପ୍ରଥମ ମାରାଥନ ପରାଜୟ। ମହିଳା ରେସ୍‌ରେ କିନ୍ତୁ ବିପର୍ଯ୍ୟୟ ଘଟିନାହିଁ। ଗତଥରର ଚାମ୍ପିୟନ ତଥା ବିଶ୍ୱରେକର୍ଡ ଅଧିକାରିଣୀ ବ୍ରିଗିଡ୍ କେନିୟାର କୋସଗେଇ ପୁଣି ଟାଇଟଲ ଜିତିଛନ୍ତି। ସେ ୨:୧୮: ୮୫ ଟାଇମିଂରେ ବିଜୟ ଲାଭ କରିଥିଲେ। ରେସ୍‌ରେ ଆମେରିକାର ସାରା ହଲ୍ (୨:୨୨:୦୧) ଟାଇମିଂରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୨୦୦୬ରେ ଦିନା କାଷ୍ଟରଙ୍କ ପରେ ପ୍ରଥମ ଆମେରିକୀୟ ଭାବେ ସେ ମାରାଥନ ପୋଡିୟମ ଅଳଂକୃତ କରିଥିଲେ। କାଷ୍ଟର ସେ ସମୟରେ ଆମେରିକାନ ରେକର୍ଡ ପ୍ରତିଷ୍ଠା କରିଥିଲେ। ବର୍ଷା ମଧ୍ୟରେ ଆୟୋଜିତ ଏହି ରେସ୍‌ରେ କେନିୟାର ରୁଥ୍ ଚେପନଗେଟିଚ୍ (୨:୨୨:୦୪) ତୃତୀୟ ସ୍ଥାନରେ ରହିଥିଲେ। ମାର୍ଚ୍ଚ ୧୧ରେ କୋଭିଡ୍-୧୯କୁ ବିଶ୍ୱ ମହାମାରୀ ଭାବେ ଘୋଷଣା କରାଯିବା ପରେ ଏହା ହେଉଛି ବିଶ୍ୱର ପ୍ରଥମ ପ୍ରମୁଖ ମାରାଥନ। ପ୍ରକୃତରେ ଏହା ଏପ୍ରିଲ ୨୬ରେ ଆୟୋଜନ ହୋଇଥାନ୍ତା। ମାତ୍ର କରୋନା ପାଇଁ ଏହାକୁ ଅକ୍ଟୋବର ୪ରେ କରିବା ଲାଗି ସ୍ଥିର ହୋଇଥିଲା। ଆୟୋଜକଙ୍କ ତରଫରୁ ଏଥିପାଇଁ ଜୈବ-ସୁରକ୍ଷିତ ବବ୍‌ଲ ସୃଷ୍ଟି କରାଯାଇଥିଲା। ଧାବକମାନଙ୍କ ଲାଗି ଏକ ସ୍ୱତନ୍ତ୍ର ହୋଟେଲରେ ରହଣି ବ୍ୟବସ୍ଥା କରାଯାଇଥିଲା। ଏହି ହେଟେଲର ଚତୁଃପାର୍ଶ୍ୱରେ ୪୦ ଏକର ପରିମିତ ଅଞ୍ଚଳ ରହିଥିଲା। ଧାବକମାନଙ୍କ ଅଭ୍ୟାସ ଲାଗି ଏଥିରେ ସୁବିଧା ରହିଥିଲା। ପ୍ରୋଟୋକଲ ଅନୁସାରେ ସମସ୍ତଙ୍କର କୋଭିଡ୍ ଟେଷ୍ଟ ରାଯାଇଥିଲା।

# କ୍ରୀଡ଼ାନୀତିକୁ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘର ବିରୋଧ

ଭୁବନେଶ୍ୱର, ୪।୧୦(କ୍ରୀଡ଼ା ପ୍ରତିନିଧି)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରଣୟନ ହେବାକୁ ଯାଉଥିବା କ୍ରୀଡ଼ାନୀତିକୁ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ପକ୍ଷରୁ ବିରୋଧ କରାଯାଇଛି। ରବିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ସ୍ୱାଇଁ କହିଛନ୍ତି ଯେ, ଓଡ଼ିଶା କ୍ରୀଡ଼ା ପ୍ରାଧିକରଣ ଆଇନ ୧୯୯୪ର ବିଷୟାବଳୀକୁ କାର୍ଯ୍ୟକାରୀ କରିବା ଲାଗି ରାଜ୍ୟସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ୨୦୧୮ରେ ଶକ୍ତିଉତ୍ତୋଳନ ସଂଘ ପକ୍ଷରୁ ଏକ ରିଟ୍ ପିଟିଶନ ଦାଖଲ କରାଯାଇଥିଲା। ଯେଉଁଥିରେ ଦର୍ଶା ଯାଇଥିଲା ଯେ, ଓଡ଼ିଶା କ୍ରୀଡ଼ା ପ୍ରାଧିକରଣ ବିଧି ୧୯୯୪ର ଧାରା ୩ ଅନୁସାରେ ଓଡ଼ିଶା ସରକାର 'ଓଡ଼ିଶା କ୍ରୀଡ଼ା ପ୍ରାଧିକରଣ' ଗଠନ କରିବେ। ଧାରା ୪ ଅନୁସାରେ ଉକ୍ତ ପ୍ରାଧିକରଣ କ୍ରୀଡ଼ା ସମ୍ବନ୍ଧୀୟ ମୁଖ୍ୟ ନୀତି ନିର୍ଦ୍ଧାରଣକାରୀ ସଂସ୍ଥା ହେବ। ଉକ୍ତ ରିଟ୍ ପିଟିଶନ ବିଚାରାଧୀନ ଥିବା ଅବସ୍ଥାରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଏକ କ୍ରୀଡ଼ାନୀତି ୨୦୧୯ ଖସଡ଼ା ୨୦୨୦ ଅଗଷ୍ଟ ଶେଷ ସପ୍ତାହରେ କ୍ରୀଡ଼ା ସଙ୍ଗଠନ ଗୁଡ଼ିକୁ ପ୍ରସାରଣ କରାଯାଇଥିଲା। ଏହି କାର୍ଯ୍ୟପ୍ରକ୍ରିୟା ବେଆଇନ ଦର୍ଶାଇ ଶକ୍ତିଉତ୍ତୋଳନ ସଂଘ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲା। ଉଚ୍ଚନ୍ୟାୟାଳୟ କ୍ରୀଡ଼ାନୀତି ୨୦୧୯ ଖସଡ଼ାର ଆପତ୍ତିପତ୍ର କ୍ରୀଡ଼ା ଓ ଯୁବସେବା ବିଭାଗରେ ଦାଖଲ କରିବାକୁ ଗତ ସେପ୍ଟେମ୍ବର ୨୩ରେ ଅନୁମତି ଦେଲେ। ତଦନୁସାରେ ଆପତ୍ତିପତ୍ର ଦାଖଲ କରାଯାଇଛି। ଓଡ଼ିଶା କ୍ରୀଡ଼ା ପ୍ରାଧିକରଣ ବିଧି ୧୯୯୪ ଅନୁସାରେ ଏକ 'ଓଡ଼ିଶା କ୍ରୀଡ଼ା ପ୍ରାଧିକରଣ' ପ୍ରସ୍ତୁତିର ଆବଶ୍ୟକ ରହିଛି, ଯାହାକି 'ମୁଖ୍ୟ ନୀତି ନିର୍ଦ୍ଧାରଣକାରୀ' ପ୍ରାଧିକରଣ ହେବ ବୋଲି କ୍ରୀଡ଼ା ସଂଘଠନଗୁଡ଼ିକ ବିଶ୍ୱାସ କରନ୍ତି। ପ୍ରସ୍ତୁତ କରାଯାଇଥିବା କ୍ରୀଡ଼ାନୀତି ୨୦୧୯ ରାଜ୍ୟ ବିଧାନସଭା ଦ୍ୱାରା ପ୍ରଣୀତ ହୋଇଥିବା ଓଡ଼ିଶା କ୍ରୀଡ଼ା ପ୍ରାଧିକରଣ ଆଇନ ୧୯୯୪ର ସମ୍ପୂର୍ଣ୍ଣ ଉଲ୍ଲଂଘନ। ବିଭିନ୍ନ କ୍ରୀଡ଼ା ସଙ୍ଗଠନଙ୍କୁ ଓଡ଼ିଶା କ୍ରୀଡ଼ା ପ୍ରାଧିକରଣରୁ ବାହାରେ ରଖି କେବଳ ସରକାରଙ୍କ ବିଭିନ୍ନ ବିଭାଗକୁ ନେଇ ଏହା ଗଠନ କରାଯିବା ଯଥାର୍ଥ ନୁହେଁ ବୋଲି ଚିତ୍ତରଞ୍ଜନ କହିଛନ୍ତି। ନୂଆ ନୀତି ଅନୁସାରେ ରାଜ୍ୟରେ ଶକ୍ତିଉତ୍ତୋଳନ କ୍ରୀଡ଼ା ବହୁପରିମାଣରେ ପ୍ରଭାବିତ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି। ଉକ୍ତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଶକ୍ତିଉତ୍ତୋଳନ ସଂଘ କୋଷାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଓ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ସନ୍ଦୀପ ମହାନ୍ତି ଉପସ୍ଥିତ ଥିଲେ।


ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



୰ଲିଙ୍ଗରାଜ କାଳିଆ
(ବଡ଼ଗଡ଼ ଉପରସାହି, ଭୁବନେଶ୍ୱର)
ଆବିର୍ଭାବ: ୨୩।୦୬।୧୯୨୩
ତିରୋଧାନ: ୨୫।୦୯।୨୦୨୦
ତୁମର ଅକାଳ ବିୟୋଗ ଆମ ପାଇଁ ଦାରୁଣ ଦୁଃଖ ଦେଇଛି। ତୁମେ ଆମ ପାଇଁ ଅଦ୍ୱିତୀୟ। ତୁମେ ତୁମର ସମସ୍ତ କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦିତ କରିଛ। ତୁମର କର୍ତ୍ତବ୍ୟନିଷ୍ଠା, ସାଧୁତା, ସେବାମନୋଭାବ, ତ୍ୟାଗ, ଧୈର୍ଯ୍ୟ, ସ୍ନେହ, ଶ୍ରଦ୍ଧା ଓ ସର୍ବୋପରି ସମସ୍ତଙ୍କୁ ଭଲ ପାଇବା କେବେ ବି ଆମେ ଭୁଲି ପାରିବୁ ନାହିଁ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଭାଇ: ପ୍ରଭାକର, ଭାଇବୋହୂ: ହରଷ, ପତ୍ନୀ: ମାଣିକ, ବଡ଼ପୁଅ: ଅର୍ଜୁନା, ସାନପୁଅ: ଗେଡୁଆ, ବଡ଼ବୋହୂ, ସାନବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଅଣନାତି, ଅଣନାତୁଣୀ, ଆତ୍ମୀୟସ୍ୱଜନ ଓ ସମସ୍ତ ଗ୍ରାମବାସୀ ବୃନ୍ଦ।
ଧ-୧୮୪୯୨

ଏକାଦଶାହ ଉପଲକ୍ଷେ
ତା.୦୫।୧୦।୨୦ରିଖ, ସୋମବାର



୰ସୁକାନ୍ତି ସିଂହ
ଲୁଣାହାର, ସାଲେପୁର, କଟକ
ଆବିର୍ଭାବ- ୦୭।୦୮।୧୯୫୯
ତିରୋଧାନ -୨୫।୦୯।୨୦୨୦
ଆପଣଙ୍କ ବିୟୋଗ ଆମ ପାଇଁ ଦାରୁଣ ଦୁଃଖ ଦେଇଛି। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ସାଧୁତା ଓ ସର୍ବୋପରି ସମସ୍ତଙ୍କୁ ଭଲପାଇବା ଗୁଣ କେବେବି ଆମେ ଭୁଲିପାରିବୁ ନାହିଁ। ଆପଣ ଯେଉଁଠି ବି ଥାଆନ୍ତୁ ନା କାହିଁକି ଆପଣଙ୍କର ଆଶୀର୍ବାଦ ଆମ ସମସ୍ତଙ୍କ ଉପରେ ରହିଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ସ୍ୱାମୀ- ସୁରେନ୍ଦ୍ର ନାଥ ସିଂହ, ପୁତ୍ର- ରାଜା, ରିଙ୍କୁ, ଝିଅ-ମାମିନା, ଜ୍ୱାଇଁ-ଅନିଲ, ପୁତୁରା- ମୁନା, ଲୁନା, ବୋହୂ-ଶର୍ମିଳା, ସ୍ମୃତି, ଗାୟତ୍ରୀ, ନାତି- ଗୁନ୍‌ଗୁନ୍, ଆଦ୍ଭୁ, ନାତୁଣୀ-ଚିକି, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୮୪୯୦

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଅକ୍ଷୟ କୁମାର ନାୟକ
ପ୍ଲଟ୍ ନଂ. ୬୫୬୧/୭୪୫,ଲେନ୍ ନଂ-୮, ପଳାଶପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୩୦।୦୮।୧୯୪୭
ତିରୋଧାନ: ୨୫।୦୯।୨୦୨୦
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
:ଶୋକସନ୍ତପ୍ତ:
ପ୍ରଶାନ୍ତ, ପ୍ରଭାତ, ମାମି, ସାନ୍ଟୁନ୍, ରିଙ୍କି, ମିଷ୍ଟା, ଆର୍‌କି, ସାଇ, ଶୁଭମ୍
ଧ-୧୮୪୮୬

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ମରୁଆବାଳା ଦେବୀ
ବସନ୍ତପୁର, ବିରିଡି
ଆବିର୍ଭାବ: ୦୫।୧୧।୧୯୨୪
ତିରୋଧାନ: ୨୫।୦୯।୨୦୨୦
ସମୟ ଆପଣଙ୍କୁ ଆମ ପାଖରୁ ଛଡ଼ାଇ ନେଇଥିଲେ ହେଁ ଆପଣ ସର୍ବଦା ଆମ୍ଭମାନଙ୍କ ହୃଦୟରେ ରହିଥିବେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଚିରସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର: ନିରଞ୍ଜନ ରାୟ, ନିମାଇଚରଣ ରାୟ, ପୁତ୍ରବଧୂ: ଚିନ୍ମୟୀ ରାୟ, ଝିଅ, ଜ୍ୱାଇଁ, ବନ୍ଧୁ ଓ ପରିବାରବର୍ଗ
ଧ-୧୮୪୮୯

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ: ଇଂ. ଭାଗୀରଥି ଯେନା
ସମାଜସେବୀ ଓ ପରିବେଶବିତ
ଅସୁରାଳୀ, ଧାମନଗର, ଜି: ଭଦ୍ରକ
ଆବିର୍ଭାବ: ୧୧।୦୩।୧୯୪୫
ତିରୋଧାନ: ୨୫।୦୯।୨୦୨୦
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ନିବେଦନ କରୁଛୁ।
:ଶୋକାକୁଳ:
ସହଧର୍ମିଣୀ: ମାଳତୀ, ପୁତ୍ର: ଦେବଜ୍ୟୋତି, ଦେବାଶିଷ, ପୁତ୍ରବଧୂ: ସ୍ମୃତିଲତା, ନିବେଦିତା, ଝିଅ-ଜ୍ୱାଇଁ: କ୍ଷଣପ୍ରଭା, ଶରତ, ନାତି: ସୁଦୀପ୍ତ ପ୍ରକାଶ, ସତ୍ୟପ୍ରକାଶ, ପ୍ରିୟତୋଷ, ଆଶୁତୋଷ, ନାତୁଣୀ: ପ୍ରାଚୀ, ସାୟଂଶୀ, ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୧୮୪୮୮

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ସୁଲୋଚନା ବର୍ଦ୍ଧନ
ତିରୋଧାନ:୨୬।୦୯।୨୦୨୦
ସ୍ୱର୍ଗତ: ରାଧାମୋହନ ବର୍ଦ୍ଧନ
ତିରୋଧାନ:୨୯।୦୯।୨୦୨୦
ଅବେଳରେ ତୁମେ ଦୁଇଜଣ ଆମକୁ ଛାଡ଼ି ଚାଲିଗଲ। ତୁମର ଅଭୁଲା ସ୍ମୃତି ଆମପାଇଁ ଚିର ସ୍ମରଣୀୟ ହୋଇ ରହିବ। ତୁମ ଦୁଇଜଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବର୍ଦ୍ଧନ ପରିବାରବର୍ଗ ଓ ବନ୍ଧୁବର୍ଗ, ଗଡ଼ଗଁପୁର, ଭୁବନ, ଢେଙ୍କାନାଳ।
ଧ-୬୬୮୨

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ପ୍ରାଣକୃଷ୍ଣ ସାମନ୍ତରାୟ
ଅବସରପ୍ରାପ୍ତ ଉପ ଶାସନ ସଚିବ, ସଚିବାଳୟ, ଭୁବନେଶ୍ୱର
ପ୍ଲଟ୍ ନଂ.୧୪୧୮/୧, ୟୁନିଟ୍-୮, ରଙ୍ଗଣୀ ସାହି, ଭୁବନେଶ୍ୱର
ଆବିର୍ଭାବ : ୦୮.୦୧.୧୯୩୬
ତିରୋଧାନ : ୨୫.୦୯.୨୦୨୦
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଆମ୍ଭେ ଜଗତର ନାଥ ଶ୍ରୀ ଜଗନ୍ନାଥ ଓ ଶ୍ରୀ ସାଇବାବାଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ :
ହତଭାଗ୍ୟ ପତ୍ନୀ - ଉର୍ମିଳା
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୮୪୯୧

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଅନ୍ନପୂର୍ଣ୍ଣା ସାହୁ
ନରେନ୍ଦ୍ରକୋଣ, ପୁରୀ
ଆବିର୍ଭାବ: ୦୫।୦୭।୧୯୫୫
ତିରୋଧାନ: ୨୫।୦୯।୨୦୨୦
ଶ୍ରୀହରି ପଦରେ ଚିର ସନ୍ତୋଷ, ଲଭି ଦେଉଥାଅ ଶୁଭ ଆଶିଷ। ମନ କୋଠଘରେ ସ୍ମୃତି ସିନ୍ଦୁକ, ଝୁରି ହେଉଥିବୁ ଜୀବନ ଯାକ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସ୍ୱାମୀ, ପୁଅ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଏବଂ ପରିବାରବର୍ଗଙ୍କ ତରଫରୁ ଭକ୍ତିପୂତ ପ୍ରାର୍ଥନା।
ଧ-୧୮୪୮୭

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଜଗନ୍ନାଥ ମିଶ୍ର
ଗ୍ରାମ: ସାରଙ୍ଗଯୋଡ଼ି, ଜିଲ୍ଲା: ପୁରୀ
ଆବିର୍ଭାବ: ୨୨।୦୪।୧୯୫୪
ତିରୋଧାନ: ୨୬।୦୯।୨୦୨୦
(ଆଶ୍ୱିନ ମଳଶୁକ୍ଳପକ୍ଷ ଦଶମୀ ତିଥି)
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ, ଭଲପାଇବା ଓ ତ୍ୟାଗ ଆମ୍ଭମାନଙ୍କ ପାଇଁ ଚିରନ୍ତନ ପଥପ୍ରଦର୍ଶକ ହେଉ। ଆଜିର ଦଶାହ ଦିବସରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାର
ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ଭାଇ, ଭଉଣୀ, ପୁତୁରା, ନାତି, ନାତୁଣୀ ଓ ଭାଣିଜୀ, ଭାଣିଜୀ ଜ୍ୱାଇଁ, ଝିଆରୀ, ଝିଆରୀ ଜ୍ୱାଇଁ, ଆତ୍ମୀୟସ୍ୱଜନ।
ଧ-୬୯୦୨୫

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ସ୍ମରଣ ଶକ୍ତି ଓ ମେଦବହୁଳତା



ଆଜିକାଲି ମେଦବହୁଳତା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏପରି କି ଅନେକ ଯୁବପିଢ଼ି ଏପରି ସମସ୍ୟାର ସମ୍ମୁଖୀନ ହେଉନ୍ତି। ତେବେ ମେଦବହୁଳତାର ପ୍ରଭାବ ସ୍ମରଣ ଶକ୍ତି ଉପରେ ପଡିଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ନିକଟରେ ୟୁନିଭର୍ସିଟି ଅଫ କାଲିଫର୍ନିଆର ବିଶେଷଜ୍ଞମାନେ 'ସ୍ମରଣ ଶକ୍ତି ଓ ମେଦବହୁଳତା' ଶୀର୍ଷକ ବିଷୟକୁ ନେଇ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ମେଦବହୁଳତା ସମସ୍ୟା ଥିଲା ସେମାନଙ୍କର ସ୍ମରଣ ଶକ୍ତି ଅନ୍ୟମାନଙ୍କ ତୁଳନାରେ କେତେକାଂଶରେ ଦୁର୍ବଳ ଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ନିଜର ଓଜନ କିପରି ସନ୍ତୁଳିତ ରହିବ ସେ ନେଇ ସଚେତନ ରହିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

## ହାଇଟେକ୍ ରୋବୋ

ଏବେ ବିଭିନ୍ନ କ୍ଷେତ୍ରରେ ରୋବୋର ବ୍ୟବହାର କରାଯାଉଛି। ନିକଟରେ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏପରି ଏକ ରୋବୋ ପ୍ରସ୍ତୁତ କରିଛନ୍ତି ଯାହା ଏକୁଟିଆପଣକୁ ଦୂର କରିପାରିବ। ବିଶେଷଭାବରେ ବୟସ୍କ ବ୍ୟକ୍ତିଙ୍କ ପାଇଁ ଏହା ଅନେକାଂଶରେ ସହାୟକ ହୋଇପାରିବ ବୋଲି ଜଣାପଡିଛି। ବୟସ୍କ ବ୍ୟକ୍ତିମାନେ ଏକୁଟିଆ ଅନୁଭବ କରୁଥିଲେ ଏହି ରୋବୋ ସହାୟତାରେ ସେମାନଙ୍କର ମାନସିକତାକୁ ସକାରାତ୍ମକ କରିପାରିବେ। ସେମାନେ ଏଥିରୁ ନିଜ ମନ ପସନ୍ଦର ଗୀତ ଶୁଣିପାରିବେ। କେବଳ ସେତିକି ନୁହେଁ, ଉକ୍ତ ନୂଆ ରୋବୋ ସଂପୃକ୍ତ ବୟସ୍କ ବ୍ୟକ୍ତିଙ୍କ ଖାଇବା ସମୟ, ମେଡିସିନ ଖାଇବା ସମୟ ବିଷୟରେ ପୂର୍ବରୁ ସୂଚନା ଦେଇପାରିବ। ଏପରି ରୋବୋକୁ ପରୀକ୍ଷାମୂଳକ ଭାବରେ ବ୍ୟବହାର କରାଯାଇ ସଫଳତା ମିଳିଛି ଏବଂ ଏହାକୁ କିପରି ଆହୁରି ଉନ୍ନତ ଜ୍ଞାନକୌଶଳବିଶିଷ୍ଟ କରାଯାଇପାରିବ ସେ ନେଇ ସେମାନେ ଉଦ୍ୟମ ଜାରି ରଖିଛନ୍ତି।



# ପ୍ରକୃତି, ପରିବେଶ ଓ ସ୍ୱାସ୍ଥ୍ୟ

**ନିଜ ଘରଠାରୁ ଆରମ୍ଭ କରି ସମାଜ, ଗାଁ, ଜିଲା, ରାଜ୍ୟ ଓ ଦେଶ ସ୍ତରରେ ମଧ୍ୟ ସମୟ ଅନୁଯାୟୀ ଆବଶ୍ୟକ ପଦାର୍ଥ ବହୁମୂଲ୍ୟରେ କ୍ରୟ କରି ପରବର୍ତ୍ତୀ ସମୟରେ ସେହି ପଦାର୍ଥ ପୁରୁଣା ଅଦରକାରୀ ହୋଇ ପାହାଡ଼ ସଦୃଶ ଜମା ହୋଇଥାଏ। ଏହାର ମୂଳ କାରଣ ଆଧୁନିକ ନାମରେ ମନୁଷ୍ୟ ଅଧିକ ଆଶା ଓ ଆକାଂକ୍ଷାର ବଶବର୍ତ୍ତୀ ହୋଇ ଆବଶ୍ୟକତାଠାରୁ ଅଧିକ କିଛି ଇଚ୍ଛା କରିବା ହେତୁ ବହୁତ ବର୍ଜ୍ୟବସ୍ତୁ ଠୁଳ ହୋଇ ପରିବେଶକୁ ଦୂଷିତ କରିଥାଏ ...**



ଡା. ବସନ୍ତ କୁମାର ଷଡ଼ଙ୍ଗୀ



ପୃଥିବୀ ସୃଷ୍ଟି ହେବା ଦିନଠାରୁ ଆଜିପର୍ଯ୍ୟନ୍ତ ବିବର୍ତ୍ତନ ମତବାଦ ଅନୁଯାୟୀ ପୃଥିବୀର ଆଭ୍ୟନ୍ତରୀଣ ଭୌଗୋଳିକ ଗଠନକୁ ଅନୁଶୀଳନ କଲେ ଜାଣିପାରିବା ଯେ ଯୁଗୋପଯୋଗୀ ସହ ତାଳ ମିଳାଇ ମାନବ ସଭ୍ୟତା ନିଜର ଆଧୁନିକତା ବଜାୟ ରଖିବା ନିମନ୍ତେ ମାତ୍ରାଧିକ ଆଶା ପୂରଣ ତଥା ଲୋଭଗ୍ରସ୍ତ ହେତୁ ପରିବେଶ ପ୍ରଦୂଷଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ମନୁଷ୍ୟ ଆଧୁନିକତା ସହିତ ସାଲିସ କରି ଚାଲିବା ସହ କେତେବେଳେ କେଉଁ ଜିନିଷ ଅତ୍ୟଧିକ ଆବଶ୍ୟକତା ଅନୁଭବ କରି କ୍ରୟ କରିଥାଏ, ପରବର୍ତ୍ତୀ ସମୟରେ ତାହା ଅଲୋଡ଼ା ହୋଇଥାଏ। ଘରୋଇ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବହୁଳ ପରିମାଣରେ କ୍ରୟ କରି ପରବର୍ତ୍ତୀ ସମୟରେ ଘରେ ମୂଲ୍ୟହୀନ ଭାବେ ଏଣେତେଣେ ପଡି ରହିଥାଏ। ଏସବୁ ପ୍ରତି ଆମେ ଧ୍ୟାନ ଦେବା ଉଚିତ।

ମନୁଷ୍ୟ ଶରୀରରୁ ନିର୍ଗତ ମଳମୂତ୍ର, ଗୃହପାଳିତ ପଶୁଙ୍କ ମଳମୂତ୍ର ଓ ବାସଗୃହରୁ ବାହାରୁଥିବା ଆବର୍ଜନା, ବିଭିନ୍ନ କୃଷିଜାତ ଦ୍ରବ୍ୟର ଆବର୍ଜନା ଆମ ପାଇଁ ଅଲୋଡ଼ା ହୋଇଥିବା ବେଳେ ସେଥିରୁ ପ୍ରସ୍ତୁତ ଜୈବିକସାର କ୍ଷେତ ପାଇଁ ବହୁମୂଲ୍ୟ ଦେଇ ଚାଷୀ କିଣିଥାଏ। ପାଟିରୁ ନିର୍ଗତ କଫ ନଦୀ, ବନ୍ଧରେ ପଡିଲେ ମାଛ ଖାଇଥାଏ। ସେହି ମାଛକୁ ଆମେ ଚଢ଼ା ଦରରେ କିଣି ସ୍ୱାସ୍ଥ୍ୟ ହିତ ପାଇଁ ଖାଇଥାଉ। ନିଜ ଘରଠାରୁ ଆରମ୍ଭ କରି ସମାଜ, ଗାଁ, ଜିଲା, ରାଜ୍ୟ ଓ ଦେଶ ସ୍ତରରେ ମଧ୍ୟ ସମୟ ଅନୁଯାୟୀ ଆବଶ୍ୟକ ପଦାର୍ଥ ବହୁମୂଲ୍ୟରେ କ୍ରୟ କରି ପରବର୍ତ୍ତୀ ସମୟରେ ସେହି ପଦାର୍ଥ ପୁରୁଣା ଅଦରକାରୀ ହୋଇ ପାହାଡ଼ ସଦୃଶ ଜମା ହୋଇଥାଏ। ଏହାର ମୂଳ କାରଣ ଆଧୁନିକ ନାମରେ ମନୁଷ୍ୟ ଅଧିକ ଆଶା ଓ ଆକାଂକ୍ଷାର ବଶବର୍ତ୍ତୀ ହୋଇ ଆବଶ୍ୟକତାଠାରୁ ଅଧିକ କିଛି ଇଚ୍ଛା କରିବା ହେତୁ ବହୁତ ବର୍ଜ୍ୟବସ୍ତୁ ଠୁଳ ହୋଇ ପରିବେଶକୁ ଦୂଷିତ କରିଥାଏ। ଏହାର ସରଳ ସମାଧାନ ପାଇଁ ଯଦି ମନୁଷ୍ୟ ଦୈନନ୍ଦିନ ବ୍ୟବହାର ସାମଗ୍ରୀକୁ ସୁରକ୍ଷା ସହ ଦୀର୍ଘଦିନ ବ୍ୟବହାର କରନ୍ତା ତେବେ ବର୍ଜ୍ୟବସ୍ତୁର ମାତ୍ରା ହୁଏତ ନିଶ୍ଚିନ୍ତ କମିପାରନ୍ତା। ଉଦାହରଣ ସ୍ୱରୂପ ଆମେ ଘରକୁ ଯେତେ ପଦାର୍ଥ କ୍ରୟ କରି ଆଣିବା ତାହା ପରବର୍ତ୍ତୀ ସମୟରେ ବର୍ଜ୍ୟବସ୍ତୁରେ ପରିଣତ ହୋଇ ତାହାକୁ ବାହାରକୁ ଫୋପାଡ଼ିବାକୁ ଆମେ ବାଧ୍ୟ ହେଉଛେ, ଯାହାକି ପରିବେଶ ପାଇଁ ବୋଝ ସଦୃଶ ହେଉଛି। ନିଜ ଘର ପାଇଁ ଆମେ କଲମ, ପେନସିଲ, ଲୁଗାପଟା, ବିଭିନ୍ନ ପ୍ଲାଷ୍ଟିକ ଖେଳନା, କୁଲର ଆଦି କିଛିଦିନ ବ୍ୟବହାର ପରେ ତାହା ବର୍ଜ୍ୟବସ୍ତୁ ହୋଇ ପରିବେଶ ଦୂଷିତ ଘଟାଇବା ଏକ ସାଧାରଣ କଥା। କିନ୍ତୁ ଏହିପରି ସମାଜର, ଗ୍ରାମର, ଜିଲାର, ରାଜ୍ୟର ଓ ଦେଶର କଥା ସାମୂହିକ ଭାବେ ଚିନ୍ତା କରାଗଲେ ତାହା ବିପୁଳ ପରିମାଣର ବର୍ଜ୍ୟବସ୍ତୁ ଏକାଠି ହୋଇ ପରିବେଶକୁ ବୃହତ ଆକାର କ୍ଷତି ପହଞ୍ଚାଇବ ଏଥିରେ ଦ୍ୱିମତ ନାହିଁ। ଏହାର ତାତ୍ପର୍ଯ୍ୟ ଏହିକି ଯେ ଆମ ପାଶ୍ଚାତ୍ୟ ରାଷ୍ଟ୍ରର ଢାଞ୍ଚାକୁ ଆପଣେଇ ବିଭିନ୍ନ ଅଦରକାରୀ ଜିନିଷ କିଣି କିଛିଦିନ ବ୍ୟବହାର କରି ଫିଙ୍ଗି ଦେଇଥାଉ। ସାମୂହିକ ଭାବେ ବିଚାର କଲେ ଅଧିକ ପଦାର୍ଥ କିଣାଗଲା ଓ ଫିଙ୍ଗା ଗଲା। ବିଭିନ୍ନ ପ୍ରକାର ପଲିଥିନ, ପ୍ଲାଷ୍ଟିକ ବୋତଲ, ଖେଳନା, ଟାୟାର, କଲମ, ଖଟ, ଗଦି, କୁଲର, ଫ୍ରିଜ ଆଦି ଅଦରକାରୀ ବସ୍ତୁ ପାହାଡ଼ ପରି ଜମାହୋଇ ପରିବେଶ ପ୍ରଦୂଷଣ କରିଥାଏ। ତେଣୁ ଏଥିରେ ଆମେ ଯଥେଷ୍ଟ ଯତ୍ନବାନ ହେବା ଆବଶ୍ୟକ ରହିଛି।

ଏତଦ୍‌ବ୍ୟତୀତ ଆମର ଦୈନନ୍ଦିନ ଜୀବନଚର୍ଯ୍ୟା ମାଧ୍ୟମରେ ଘରର ପନିପରିବା ଚୋପା, ଦୋକାନ, ବଜାର, ହୋଟେଲ, ଡାକ୍ତରଖାନା ଆଦିରୁ ବାହାରୁଥିବା ଆବର୍ଜନା, କୃଷିଜାତ ପଦାର୍ଥର ବର୍ଜ୍ୟବସ୍ତୁ, ସହରର ବହିରାଗତ ବର୍ଜ୍ୟବସ୍ତୁ ଆଦିକୁ ବିଭିନ୍ନ ଉପାୟରେ ଚାଷ ଉପଯୋଗୀ କରାଯାଇ ପ୍ରକୃତି ଓ ପରିବେଶକୁ ସନ୍ତୁଳିତ କରିବାରେ ଆମେ ଯତ୍ନବାନ ହେବା ଜରୁରୀ, ଯଦ୍ୱାରା ପ୍ରକୃତି ଓ ପରିବେଶ ସ୍ୱଚ୍ଛ ଓ ସୁସ୍ଥ ରହିପାରିବ। ପ୍ରକୃତି ଓ ପରିବେଶ ସୁରକ୍ଷା ସହ ସ୍ୱାସ୍ଥ୍ୟର ଯତ୍ନ ପାଇଁ କେତେକ ନିୟମ ମାନି ଚଳିବାକୁ ହେବ। ଆମ ଦୃଷ୍ଟିରେ ଆସୁଥିବା ବର୍ଜ୍ୟବସ୍ତୁକୁ ସୁପରିଚାଳନା କରି ପ୍ରକୃତି ଓ ପରିବେଶକୁ ସନ୍ତୁଳିତ ରଖିବା ପାଇଁ ବର୍ଜ୍ୟବସ୍ତୁକୁ କାର୍ଯ୍ୟରେ ଉପଯୁକ୍ତ ମାର୍ଗରେ ବିନିଯୋଗ କରିବା ଉପରେ ଗୁରୁତ୍ୱ ଦେବା ଉଚିତ। ଗୁଣ ଓ ପ୍ରକାରଭେଦରେ ବର୍ଜ୍ୟବସ୍ତୁକୁ 'ଦୁଇ' ଭାଗରେ ବିଭକ୍ତ କରାଯାଇ ପାରିବ, ଏହି ମାଧ୍ୟମରେ ବର୍ଜ୍ୟବସ୍ତୁକୁ ରୂପାନ୍ତରିତ କରି ପରିବେଶ ପ୍ରଦୂଷଣ ମୁକ୍ତ କରାଯାଇ ସ୍ୱାସ୍ଥ୍ୟହାନିରୁ ଆମେ ରକ୍ଷା ପାଇପାରିବା। ୧.ଜୈବ : ଉପଯୁକ୍ତ ବିଘଟନ (ନଷ୍ଟ)ହୋଇଯାଇଥାଏ। ୨.ଜୈବ : ଉପଯୁକ୍ତ ବିଘଟନ ହୋଇ ନ ପାରିବା।

**ଜୈବ ବିଘଟନ ଉପଯୁକ୍ତ ହୋଇପାରିବା ବର୍ଜ୍ୟବସ୍ତୁ :** ଘରର ପନିପରିବା ଚୋପା, ଅଣ୍ଡାଖୋଳ, ମାଛକାତି ଏବଂ କଦଳୀ, କମଳା, ଡାଳିମ୍ବ ଚୋପା, ବାସି ଫୁଲ, ଶୁଖିଲା ପତ୍ର, ଶୁଖିଲା ଘାସ ଓ ପଇଡ଼ ଖୋଳ, ନଡା, ଅଗାଡି, କୁଣ୍ଡା, ଆଖୁଛେଦା ଏତଦ ସହ ନାଳ ନର୍ଦ୍ଦମାରୁ ନିର୍ଗତ ମଇଳା ସମୂହ ସ୍ୱତଃପ୍ରବୃତ୍ତ ଭାବେ ଜଳବାୟୁ ମାଧ୍ୟମରେ ନଷ୍ଟ ହୋଇଯାଇଥାଏ।

**ଜୈବ ବିଘଟନ ଅନୁପଯୁକ୍ତ (ଉପଯୁକ୍ତ ଭାବେ ବିଘଟନ ହୋଇ ନ ପାରିବା):** ଯେଉଁ ବର୍ଜ୍ୟବସ୍ତୁ ପ୍ରକୃତିର ଜଳବାୟୁ ଦ୍ୱାରା ବିଘଟନ ହୋଇପାରି ନ ଥାଏ ତାକୁ ଜୈବବିଘଟନ ଅନୁପଯୁକ୍ତ କୁହାଯାଏ। ଏହା ମଧ୍ୟ ଦୁଇ ଭାଗରେ ବିଭକ୍ତ।

**ପୁନଃବିନିଯୋଗ କରିବା :** ସାଧାରଣତଃ ପ୍ଲାଷ୍ଟିକ ବୋତଲ, ପଲିଥିନ, ଜରି, ସୋଲ, ଥର୍ମୋକୁଲ, ଟିଣ, କପ୍‌ପ୍ଲେଟ, ଚମଡା ଆଦି ଅଦରକାରୀ ସାମଗ୍ରୀକୁ ତରଳାଇ କିମ୍ବା ପୁନଃ ଉପଯୋଗୀ କରାଯାଇଥାଏ। ଏଗୁଡ଼ିକ ପ୍ରକୃତିର ଜଳବାୟୁ ଦ୍ୱାରା ବିଘଟନ ହୋଇ ନ ପାରି ପରିବେଶକୁ ପ୍ରଦୂଷଣ କରିବାର ଅଧିକ ଆଶଙ୍କା ରହିଥାଏ।

**ସଙ୍କଟକାରୀ ବର୍ଜ୍ୟବସ୍ତୁ :** ସାଧାରଣତଃ ସମୟ ଅତିକ୍ରାନ୍ତ ଔଷଧ, ରାସାୟନିକ ପଦାର୍ଥ, ପୁରୁଣା ବ୍ୟାଟେରି, ରାସାୟନିକ ସାର, କୀଟନାଶକ ଔଷଧ ଆଦି ବୈଜ୍ଞାନିକ ପଦ୍ଧତି ଦ୍ୱାରା ନିଷ୍କ୍ରିୟ କରାଯିବା ଉଚିତ। ଘରଠାରୁ ସହର ପର୍ଯ୍ୟନ୍ତ ପ୍ରତିଦିନ ବିଭିନ୍ନ ରକମର କୁଢ଼ କୁଢ଼ ଅଳିଆ ଆବର୍ଜନା ପାହାଡ଼ ପରି ଜମା ହୋଇଥାଏ, ଯାହାକି ପରିବେଶକୁ ଦୂଷିତ କରିଥାଏ। ଏହାର ସମାଧାନ ନିମନ୍ତେ ବ୍ୟକ୍ତିଗତ, ସାମୂହିକ, ସରକାରୀ ଓ ବେସରକାରୀ ସ୍ତରରେ ସଚେତନ ହୋଇ ଉପରୋକ୍ତ ଜୈବପଦ୍ଧତି ଦ୍ୱାରା ସମସ୍ତ ବର୍ଜ୍ୟବସ୍ତୁକୁ ଉପଯୁକ୍ତ ପ୍ରଣାଳୀରେ ବିଘଟନ କରି ପୁନଃ ପ୍ରଚଳନ କରିବା ଦରକାର। ବର୍ଜ୍ୟବସ୍ତୁକୁ ଯଦି ନିଷ୍କ୍ରିୟ କରା ନ ଯାଏ ତେବେ ପ୍ରକୃତି ଓ ପରିବେଶ,ଜଳବାୟୁ ଉପରେ ଏହା ପ୍ରତିକୂଳ ପ୍ରଭାବ ପଡ଼ିବ, ଯଦ୍ୱାରା ଏକ ଭୟାନକ ପରିସ୍ଥିତିକୁ ଆମେ ଓ ଭବିଷ୍ୟତ ପିଢ଼ି ସାମ୍ନା କରିବା।

*-ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର. ଚନ୍ଦାହାଣ୍ଡି, ନବରଙ୍ଗପୁର।*
*ମୋ: ୭୮୯୪୧୧୨୪୮୭*




# ଜରା ଯନ୍ତ୍ରଣା



ଡା. ଦ୍ୱିଜେଶ କୁମାର ପଣ୍ଡା

ସତୁରି ବର୍ଷ ପରେ ମଣିଷ ଜରାଗ୍ରସ୍ତ ହୁଏ। ଏହି ବୟସରେ ଅନେକ ବ୍ୟାଧି ଦେଖାଯାଏ। ଶାରୀରିକ, ମାନସିକ ଓ ସାମାଜିକ ସମସ୍ୟା ବଞ୍ଚିବାର ଆଶାକୁ ଧୂଳିସାତ କରିଦିଏ। ଯୌଥପରିବାର ଦେଖିବାକୁ ମିଳୁନାହିଁ। ମହିଳାମାନେ ସ୍ୱାବଲମ୍ବୀ ହୋଇ ଚାକିରି କରୁଛନ୍ତି। ବୃଦ୍ଧମାନେ ଘରେ ଏକାକୀ ରହୁଛନ୍ତି। ଦେଖାଶୁଣା ପାଇଁ କେହି ନାହାନ୍ତି। ନୀରବତା, ଯନ୍ତ୍ରଣା ଓ ଅର୍ଥାଭାବ ଜୀବନକୁ ଦୁର୍ବିଷହ କରିଦେଉଛି। ମନରେ ଅକୁହା କଥା କହି ହେଉନାହିଁ। ସବୁ କଷ୍ଟ ନୀରବରେ ସହିବାକୁ ପଡେ। ଜୀବନର ଅପରାହ୍ନ ସରେ ନାହିଁ।

ବାର୍ଦ୍ଧକ୍ୟ ଅବଶ୍ୟମ୍ଭାବୀ। ଚିକିତ୍ସା ବିଜ୍ଞାନର ଉନ୍ନତି ବଞ୍ଚିବାର ବୟସକୁ ବଢ଼େଇ ଦେଇଛି। କିନ୍ତୁ ସେବାରୁ ବଞ୍ଚିତ କରିଛି। ଚାଲିବାର ଶକ୍ତି ନାହିଁ। ଆଖିକୁ ଦିଶୁନାହିଁ। କାହାକୁ ଚିହ୍ନି ହେଉନାହିଁ। ହାତଗୋଡ ଥରୁଛି। ନିଜେ ଖାଇବାକୁ ଅକ୍ଷମ। କାନକୁ ଶୁଣାଯାଉନାହିଁ। ମାନସିକ ବିକୃତି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଉଲ୍ଲେଖ କରିଛନ୍ତି-''ଅଙ୍ଗଂ ଗଳିତଂ ପଳିତଂ ମୁଣ୍ଡଂ, ଦନ୍ତବିହୀନଂ ଜାତଂ ତୁଣ୍ଡଂ, କରଧୃତି କମ୍ପିତ ଶୋଭିତ ଦଣ୍ଡଂ, ତଦପି ନ ମୁଞ୍ଚତ୍ୟାଶା ଭାଣ୍ଡଂ।'' ଏହି ସବୁ ଲକ୍ଷଣଗୁଡିକ ଅବକ୍ଷୟଜନିତ। ଶରୀରର ଅନେକ ଅଙ୍ଗ ଅକାମୀ। ଆଧୁନିକ ବିଜ୍ଞାନ ଅଙ୍ଗ ବଦଳେଇ ଦେଇପାରୁଛି। କିନ୍ତୁ ତାହା ୫-୧ବର୍ଷ ପର୍ଯ୍ୟନ୍ତ କାମ କରିବ। କେବଳ ଅର୍ଥ ହାନି। ସାମୟିକ ଯନ୍ତ୍ରଣା କମିବ। ଅନେକ ନିମୋନିଆରେ ଆକ୍ରାନ୍ତ ହୋଇଥାଆନ୍ତି। ତେଣୁ ଏହି ସମୟରେ ସେମାନଙ୍କୁ ନିମୋନିଆ ଟିକା ଦେବାର ବ୍ୟବସ୍ଥା କରାଇବା ଦରକାର। ଧୂମପାନ ଓ ମଦ୍ୟପାନଠାରୁ ବିରତ ରହିବା ଆବଶ୍ୟକ। ସୁଷମ ଖାଦ୍ୟ ସ୍ୱାଦିଷ୍ଟ ହେବା ସହିତ ତନ୍ତୁଯୁକ୍ତ ରହିବା ଆବଶ୍ୟକ। ନଚେତ କୋଷ୍ଠକାଠିନ୍ୟ ହେବ। ସତେଜ ଫଳ, ସବୁଜ ପନିପରିବା, ସଦ୍ୟ ସାଲାଡ ନିୟମିତ ଖାଇବା ଆବଶ୍ୟକ। ଖାଦ୍ୟ ପୁଷ୍ଟିକର ନ ହେଲେ ରୋଗ ସଂକ୍ରମଣ ହେବ। ରୋଗପ୍ରତିରୋଧକ ଶକ୍ତି ମଧ୍ୟ ହ୍ରାସ ହେବ। ଏହି ବୟସରେ ଲୌହ, ଫଲିକ ଏସିଡ, ଭିଟାମିନ୍-ସି, କାଲସିୟମ, ଜିଙ୍କ୍, ଭିଟାମିନ୍-ବି, ଭିଟାମିନ୍-ଏ ଓ ଭିଟାମିନ୍-ଡି'ର ଅଭାବ ଘଟେ। ଔଷଧ ସହିତ ତନ୍ତୁ ଥିବା ପରିବା ନିୟମିତ ଖାଇବା ଉଚିତ। ଦିନକୁ ଆଠ ଗ୍ଲାସ ପାଣି ପିଇବା, ସବୁଜ ପରିବା ଓ ତଟକା ଫଳ ଖାଇବା, ମିଠା ଓ ବିସ୍କୁଟ ନ ଖାଇବା, ତେଲଛଣା ଖାଦ୍ୟ ଓ ଡବାରେ ସଂରକ୍ଷିତ ଖାଦ୍ୟଠାରୁ ନିଜକୁ ଦୂରେଇ ରଖିଲେ ସ୍ୱାସ୍ଥ୍ୟ ଭଲ ରହିବ। ନିଦ ଔଷଧ ନ ଖାଇବା ଉଚିତ। ଦିନରେ ନ ଶୋଇଲେ ରାତିରେ ଭଲ ନିଦ ହେବ। ଯୋଗ, ପ୍ରାଣାୟାମ ନିୟମିତ କରିବା ଆବଶ୍ୟକ। ଅଧିକ ଶବ୍ଦ ଓ ଖରାକୁ ନ ଯିବା ଭଲ। ଶୋଇବା ଘରେ କ୍ଷୀଣ ଦୃଶ୍ୟମାନ ଆଲୋକ ଲାଗିବା ଦରକାର। ଶୋଇବା ସମୟରେ ଢିଲା ପୋଷାକ ପିନ୍ଧିଲେ ସୁନିଦ୍ରା ହେବ। ଅସ୍ୱାଭାବିକ ଭାବରେ ଓଜନ ହ୍ରାସ, ଅନିୟମିତ କଠିନ ଝାଡା କିମ୍ବା ପତଳା ଝାଡା ହେଲେ ଝାଡାରେ ଲୁକ୍କାୟିତ ରକ୍ତ ପ୍ରତି ଛଅ ମାସରେ ପରୀକ୍ଷା କରାଇନେବା ଉଚିତ। ଏହାଦ୍ୱାରା ବୃହଦନ୍ତ୍ର କ୍ୟାନ୍‌ସର ଜାଣିହୁଏ। ବୟସ୍କ ମହିଳାଙ୍କର ସ୍ତନ କ୍ୟାନସର ଓ ପୁରୁଷମାନଙ୍କର ପ୍ରୋଷ୍ଟେଟ କ୍ୟାନସର ଅଧିକ ଦେଖାଯାଏ। ଆଖିରେ 'କାଟାରାକ୍ଟ' ହୁଏ। ଏହାର ଠିକ ସମୟରେ ଅପରେଶନ ନ କଲେ ଆଖିକୁ ଆଉ ଦେଖାଯାଇ ନ ଥାଏ। ଜାଲ ଅସ୍ଥି ସବୁ ବୟସ୍କ ପାଇଁ ବିପଦ। ଫଳରେ ପିଠି ବଙ୍କା ହୋଇ ଯିବ ଓ ହାଡ ବିନ୍ଧା ହେବ। ଚାଲିବା ସମ୍ଭବ ହେବ ନାହିଁ। ଏଥିପାଇଁ କ୍ୟାଲସିଅମ ଓ ଭିଟାମିନ୍-ଡି ଖାଇବା ଉଚିତ।




ପରିବାର ସଦସ୍ୟଙ୍କ ଅବହେଳା ସହିହୁଏ ନାହିଁ କିମ୍ବା କହି ହୁଏ ନାହିଁ। ଭାଗବତ ବାଣୀ-''ଧର୍ମ ଅର୍ପଣ ସେବା ବଳେ, କିବା ଅସାଧ ମହୀତଳେ।'' ଏହା ପୋଥି ବାଇଗଣ ହୋଇ ରହିଛି। ଏହାର ତାତ୍ପର୍ଯ୍ୟ କିଛି ନାହିଁ। ଏପରି ପରିସ୍ଥିତିରେ ବୃଦ୍ଧାଶ୍ରମ କେବଳ ସମ୍ବଳ। ଏହା ଶେଷ ଜୀବନର ରାହା। ଏଠାରେ ଘରର ସବୁ ଆଶା କରିବା ବୃଥା। ଅନେକ ପ୍ରତିକୂଳ ସମସ୍ୟା ମଧ୍ୟ ରହିଥାଏ।

ବୟସ୍କ ବ୍ୟକ୍ତିଙ୍କ ପାଇଁ ସୁଷମ ଖାଦ୍ୟ, ସୁନିଦ୍ରା ଆବଶ୍ୟକ। ବ୍ୟାୟାମ, ପଡି ନ ଯିବା ବ୍ୟବସ୍ଥା, ଔଷଧ ସେବନ, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ବ୍ୟବସ୍ଥା କରିବା ଉଚିତ। ବାର୍ଦ୍ଧକ୍ୟରେ 'ବାଳ-ବୃଦ୍ଧ ସମାଚରେତ'। ତେଣୁ ଶିଶୁ ଓ ବୃଦ୍ଧଙ୍କୁ ସମାନ ଆଚରଣ କରିବା ଉଚିତ। କିନ୍ତୁ ଆଧୁନିକ ସମାଜରେ ଅନେକ ରୋଗଗ୍ରସ୍ତ ବୟସ୍କ ପିତା-ମାତାଙ୍କୁ ବୋଝ ଭାବି ଅବହେଳା ଓ ଅତ୍ୟାଚାର କରୁଛନ୍ତି। ଅଦାଲତ ଏଥିରୁ ନିବୃତ୍ତ ରହିବା ପାଇଁ ଆଇନ୍ କରିଛନ୍ତି। ଯେଉଁ ସନ୍ତାନ ପାଇଁ ମା' ତା'ର ଜୀବନ ଦେଇପାରୁଛି, ତାକୁ କ'ଣ ସେ ଅଭିଶାପ ଦେଇପାରିବ ? ଆଖିର ଲୁହ ଓ ଛାତିର କୋହ ନୀରବରେ ସେ ସହିଯିବ। ସେଥିପାଇଁ କୁହାଯାଇଛି -'ନ ମାତୁଃ ପରଦୈବତମ୍'।

*-୧୨, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର*
*ମୋ : ୯୪୩୮୪୭୦୭୭୭*

## ହୃଦ୍‌ରୋଗ : କିଛି କଥା



-ଯଦି ଛାତିରେ ଯନ୍ତ୍ରଣା ଅନୁଭବ ହେଉଛି କିମ୍ବା ଶ୍ୱାସକ୍ରିୟାରେ ଅସୁବିଧା ଦେଖାଦେଉଛି ତେବେ ଡେରି ନ କରି ହୃଦ୍‌ରୋଗ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।

-ନିଜକୁ ସୁସ୍ଥ ରଖିବା ପାଇଁ ସନ୍ତୁଳିତ ଜୀବନଶୈଳୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିପ୍ରତି ସବୁବେଳେ ସଚେତନ ରୁହନ୍ତୁ।

-ଦୈନନ୍ଦିନ ଜୀବନଶୈଳୀରେ ବ୍ୟାୟାମ ସାମିଲ କରନ୍ତୁ।

-ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଶାଦ୍ରବ୍ୟ ସେବନ। ଯଦି ଏପରି ଅଭ୍ୟାସ ରହିଛି ତେବେ ତାହାକୁ ତୁରନ୍ତ ବର୍ଜନ କରନ୍ତୁ। କାରଣ ନିଶାଦ୍ରବ୍ୟ ହୃଦ୍‌ରୋଗର ଅନ୍ୟତମ ପ୍ରମୁଖ କାରଣ।

-ନିଜର ଓଜନକୁ ଯେତେ ସମ୍ଭବ ସନ୍ତୁଳିତ ରଖନ୍ତୁ।

-ଆପଣଙ୍କ ରକ୍ତରେ କୋଲେଷ୍ଟରଲ ପରିମାଣ କେତେ ରହିଛି ତାହା ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ମାପି ନିଅନ୍ତୁ।

-ବ୍ଲଡ ପ୍ରେସର ସନ୍ତୁଳିତ ରଖନ୍ତୁ।

-ଡାଇବେଟିସ୍ ରୋଗୀ ହାର୍ଟ ଆଟାକର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ସୁଗାର ପରିମାଣକୁ ନିୟମିତ ସମୟ ଅନ୍ତରାଳରେ ଚେକ୍ କରିନିଅନ୍ତୁ।

## ସ୍ୱାସ୍ଥ୍ୟ ସୂଚନା



- ପ୍ରତିଦିନ ରାତ୍ରଭୋଜନ ଶେଷ କରିବା ପରେ କିଛି ସମୟ ଚଲାବୁଲା କରନ୍ତୁ। ଏହାଦ୍ୱାରା ଖାଇଥିବା ଖାଦ୍ୟ ହଜମ ହୋଇଥାଏ।
- ଏପରି ବ୍ୟାୟାମ କରନ୍ତୁ ନାହିଁ, ଯାହାର ଖରାପ ପ୍ରଭାବ ଶରୀର ଉପରେ ପଡିବ। ନିଜର ସାମର୍ଥ୍ୟ ଅନୁସାରେ ହିଁ ବ୍ୟାୟାମ କରନ୍ତୁ।
- କେତେକ ବ୍ୟକ୍ତି ତରତର ହୋଇ ଦାନ୍ତ ଘଷିଥାଆନ୍ତି। ହେଲେ ଦାନ୍ତ ଘଷିବା ବେଳେ ଅତିକମ୍‌ରେ ଦୁଇ ମିନିଟ୍ ଦାନ୍ତ ଘଷନ୍ତୁ।
- ସୂର୍ଯ୍ୟକିରଣରେ ଭିଟାମିନ୍-ଡି ଭରିରହିଛି। ତେଣୁ ପ୍ରତିଦିନ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ।
- ପ୍ରତିଦିନ କିଛି ସମୟ ଆରୋବିକ୍ ଏକ୍ସରସାଇଜ କରନ୍ତୁ।
- ଯଦି ଅଧିକାଂଶ ସମୟ କମ୍ପ୍ୟୁଟରରେ କାମ କରୁଛନ୍ତି ତେବେ ନିୟମିତ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବାରେ ପ୍ରସ୍ତୁତ ଖାଦ୍ୟ ଏବଂ ତଟକା ଫଳମୂଳ ସାମିଲ କରନ୍ତୁ।

## ଚିନ୍ତାରୁ ମୁକ୍ତି ପାଇବାର ସରଳ ଉପାୟ

ଚିନ୍ତାରୁ ମୁକ୍ତି ପାଇବାକୁ କିଏ ବା ଚେଷ୍ଟା କରି ନ ଥାଏ। ଯଦି ଜଣେ ବ୍ୟକ୍ତି ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟମ କରନ୍ତି ତେବେ ସେ ନିଜକୁ ଚିନ୍ତାଠାରୁ କେତେକାଂଶରେ ଦୂରେଇ ରଖିପାରିବେ। ଏ ସମ୍ପର୍କରେ ଗବେଷଣା କରିବା ସମୟରେ ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ ପ୍ରତିଦିନ ଯୋଗ କିମ୍ବା ପ୍ରାଣାୟାମ କରୁଥିବା କିଛି ବ୍ୟକ୍ତିଙ୍କ ଜୀବନଶୈଳୀକୁ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ଯେଉଁମାନେ ନିୟମିତ ଯୋଗ କିମ୍ବା ପ୍ରାଣାୟାମ କରୁଥିଲେ ସେମାନେ ଅନେକାଂଶରେ ଚିନ୍ତା ଏବଂ ଟେନସନ୍‌ଠାରୁ ନିଜକୁ ଦୂରେଇ ରଖିପାରୁଥିଲେ ବୋଲି ସର୍ଭେ ରିପୋର୍ଟରୁ ଜଣାପଡିଛି।



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


www.tvsxl.com tvsxl
TVS
ନୂଆ TVS XL100 BS-VI ରେଞ୍ଜ।
ଯାହା ଭାବିଥିଲି ତାହା ତ ଅଛି,
ଯାହା ଭାବି ନଥିଲି ତାହା ମଧ୍ୟ ଅଛି!
15% ଅଧିକ ମାଇଲେଜ୍+
ET Fi ECO THRUST
10+ ବୈଶିଷ୍ଟ୍ୟାବଳୀ
ଶବ୍ଦହୀନ ଷ୍ଟାର୍ଟ 2018 ଠାରୁ
ଆଇ-ଟଚ୍ ଷ୍ଟାର୍ଟ
ମୋବାଇଲ୍ ଚାର୍ଜର୍^
ସହଜ ଅନ୍-ଅଫ୍ ସ୍ୱିଚ
ପେଟ୍ରୋଲ୍ ରିଜର୍ଭ ଇଣ୍ଡିକେଟର୍
TVS XL100 କମ୍ଫର୍ଟ ଆଇ-ଟଚ୍ ଷ୍ଟାର୍ଟ
TVS XL100 ହେଭି ଡ୍ୟୁଟି ଆଇ-ଟଚ୍ ଷ୍ଟାର୍ଟ
₹ 39 990^^ ରୁ ଆରମ୍ଭ
ମିସ୍ଡ କଲ୍: 1800 3157 100
ବିଶେଷ ରୂପେ ପ୍ରସ୍ତୁତ ଫାଇନାନ୍ସ ସ୍କିମ୍
ଏବେ କିଣନ୍ତୁ, ପରେ ପଇଠ।
6 ମାସର EMI ହଲିଡେ ସ୍କିମ୍#
6.99% ସୁଧ ହାର#
କମ ଡାଉନ୍ ପେମେଣ୍ଟ# ₹ 7 999
10 ମିନିଟରେ ଋଣ ମଞ୍ଜୁରୀ#
5% କ୍ୟାଶବ୍ୟାକ୍##
TVS XL100 ସବୁପ୍ରାଇଜ୍‌ରେ ପରିପୂର୍ଣ୍ଣ
+Based on TVSM internal test conditions. As compared to BS-IV models. T&C apply. ^Mobile charger is available in select variants. ^^Ex-showroom price of XL100 Comfort Kick Start variant. #Finance at the sole discretion of the financer. Schemes cannot be clubbed. T&C apply. ## Applicable on the following bank cards - ICICI Bank & Bank of Baroda. T&C apply.
TVS 3 YEAR WARRANTY
ICICI Bank Credit & Debit Cards
Bank of Baroda Credit Card
FOR ALL INSTITUTIONAL/BULK REQUIREMENTS, PLEASE MAIL: corporate.customersupport@tvsmotor.com Authorised Main Dealers: RAYAGADA: Shanti TVS, Ph : 8260963439. JEYPORE: Hindustan TVS, Ph.: 8260935284. Authorised Dealers: Nabarangpur, Ph.: 9437182369, 9437490666; Umerkote, Ph.: 7077712111/9556668853; Malkangiri, Ph.: 9438433427/9437215287; Kotpad, Ph: 8018213272; 9938039248; Raighar, Ph : 9437094445/9777377773; Balimela, Ph : 9438814181; Govindpally, Ph : 9439182323; Borigumma, Ph : 9937314983, 9438813786; Kalimela, Ph : 8763471200/06850-272114; Similiguda : Ph : 9437025384; Papadahandi, Ph : 9777522522; Padampur, Ph : 8018066999, 06857-266066; Dabugaon, Ph : 9668234226; Kosagumuda, Ph : 8917271990, 9938835154; Jharigoan, Ph : 7326992266, 9777655520.
dentsuindia/dha ray/17/20